RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 44 ◆ISSUE-100 ◆SATURDAY ◆03 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୦ ◆ଶନିବାର ◆୦୩ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

### ଏସୀୟ କ୍ରୀଡ଼ା: ୪୪ ବର୍ଷ ପରେ ଇତିହାସ ରଚିଲା ଭାରତ

## ହକିରେ ସ୍ୱର୍ଣ୍ଣ ଜିତିଲେ ମହିଳା

■ ନାଗୋୟା, ୨।୧୦ (ଏଜେନ୍ସି): ଶକ୍ତିଶାଳୀ ଟିମ୍ ତଥା ଏସୀୟ ହକି ଚାମ୍ପିଅନ ଚୀନକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଦୀର୍ଘ ୪୪ ବର୍ଷ ପରେ ମହିଳା ହକିରେ ସ୍ୱର୍ଣ୍ଣପଦକ ହାସଲ କରିଛି। ଏହି ବିଜୟ ସହ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସ ଲାଗି ମହିଳା ହକି ଦଳ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି।



### ଶୁଭେଚ୍ଛା ଜଣାଇଲେ ନବୀନ

ଫାଇନାଲରେ ଭାରତ ପକ୍ଷରୁ ଖେଳର ୧୦ମ ମିନିଟ୍‌ରେ ଲାଲରେମସିଆମି ଏକ ବିଚକ୍ଷଣ ଫିଲ୍ଡ ଗୋଲ ସ୍କୋର କରିଥିଲେ। ଏହି ଗୋଲ ଶେଷରେ ମ୍ୟାଚ୍‌ର ଭାଗ୍ୟ ନିର୍ଦ୍ଧାରଣ କରିଥିଲା। ସ୍ୱର୍ଣ୍ଣ ବିଜୟୀ ଭାରତୀୟ ମହିଳା ହକି ଦଳକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଓ ସପୋର୍ଟ ଷ୍ଟାଫଙ୍କୁ ୫.୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେବାକୁ ଘୋଷଣା କରାଯାଇଛି।

ଆଜି ଭାରତ ମହିଳା ହକି ସମେତ ୬ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ମହିଳା ରିକର୍ଭ ଟିମ୍ ଆଜି ଐତିହାସିକ ସ୍ୱର୍ଣ୍ଣରୁ ବିଜୟ ଅଭିଯାନ ଆରମ୍ଭ କରିଥିଲେ। ୧୦ ଥରର ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ କୀର୍ତ୍ତି ଶର୍ମା, ଅଙ୍କିତା ଭକତ ଓ କୁମ୍‌କୁମ୍ ଅନିଲ ମୋହେ଼ଭାରତ ଏହି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଲଭଲିନା ବୋରୋଗୋହାଇଁ ଭାରତର ମାତ୍ର ଦ୍ୱିତୀୟ ବକ୍ସରଭାବେ ମହିଳା ବକ୍ସିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପରବିନ ହୁଡା ତାଙ୍କ ପରେ ତୃତୀୟ ସ୍ୱର୍ଣ୍ଣ ଜିତିଥିଲେ। ଶେଷ ଭାଗ ପ୍ରତିଯୋଗିତାର ପୁରୁଷ ରେସଲିଂରେ ସୁଜିତ କାଲକଲ ଓ ବକ୍ସିଂରେ ଅଙ୍କୁଶ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### 'ଏକ ଦେଶ, ଏକ ନିର୍ବାଚନ'କୁ ଝଟ୍‌କା

## ସଂସଦୀୟ କମିଟି ସହ ବସିବାକୁ ସୁପ୍ରିମକୋର୍ଟଙ୍କ ନା

■ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଉପରେ ବିଚାର କରୁଥିବା ସଂସଦୀୟ କମିଟି ସହ ବୈଠକ କରିବାକୁ ସୁପ୍ରିମକୋର୍ଟର ବିଚାରପତିମାନେ ମନା କରିଦେଇଛନ୍ତି। ପ୍ରସ୍ତାବିତ ସାମ୍ବିଧାନିକ ସଂଶୋଧନ ପରେ ହିଁ ନ୍ୟାୟିକ ସମୀକ୍ଷା ହୋଇପାରିବ ଏବଂ ବର୍ତ୍ତମାନ ଏଭଳି ଆଲୋଚନା କରିବା ଉଚିତ ନୁହେଁ ବୋଲି କୋର୍ଟ ପକ୍ଷରୁ କମିଟିକୁ ଜଣାଇ ଦିଆଯାଇଛି। ସୁପ୍ରିମକୋର୍ଟର ମହାସଚିବଙ୍କ ପକ୍ଷରୁ ସଂସଦୀୟ କମିଟିକୁ ପଠାଯାଇଥିବା ଯୋଗାଯୋଗରେ କୁହାଯାଇଛି ଯେ, ସମାନ୍ତରାଳ ନିର୍ବାଚନ ସମ୍ପର୍କିତ ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍, ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍ ଉପରେ ଅକ୍ଟୋବର ୬ରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ସମେତ ଅନ୍ୟ ବିଚାରପତିଙ୍କ ସହ ଅନୌପଚାରିକ ଆଲୋଚନା ପ୍ରସ୍ତାବ ଆସିଥିଲା। ବରିଷ୍ଠ ବିଚାରପତିମାନେ ଏହି ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପ୍ରସ୍ତାବିତ ସଂଶୋଧନ ଭବିଷ୍ୟତରେ ସୁପ୍ରିମକୋର୍ଟରେ ନ୍ୟାୟିକ ସମୀକ୍ଷାର ବିଷୟ ହୋଇପାରେ। ଏପରି ସ୍ଥିତିରେ ବିଚାରପତିମାନେ ପ୍ରଶାସନିକ ସ୍ତରରେ ଆଲୋଚନା କରିବା ▶ପୃଷ୍ଠା-୭



### ଗୋଟିଏ ନାରାରେ କମ୍ପିଲା ଦିଲ୍ଲୀ, ମୁମ୍ବଇ

## ଜ୍ଞାନୁ, ଇସ୍ତଫା ଦିଅ

**ଏସ୍‌ଆଇଆର୍‌କୁ ନେଇ ଯନ୍ତରମନ୍ତରରେ ବିକ୍ଷୋଭ**

**ଅତିଶୀ, ବୃନ୍ଦା କରାତଙ୍କ ସମେତ ୧୧୦୦ ଅଟକ**

**୧୧ ମେଟ୍ରୋ ଷ୍ଟେସନରେ ପ୍ରବେଶ-ପ୍ରସ୍ଥାନ ବନ୍ଦ**

■ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ନିର୍ବାଚନ ପ୍ରକ୍ରିୟାରେ କଥିତ ଅନିୟମିତତା ଏବଂ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ଦିଲ୍ଲୀର ଯନ୍ତରମନ୍ତରରେ ଶୁକ୍ରବାର ବିକ୍ଷୋଭ ତୀବ୍ର ହୋଇଛି। ଏହି ପ୍ରତିବାଦ ସମୟରେ ଆମ୍ ଆଦମୀ ପାର୍ଟିର ନେତା ସୌରଭ ଭରଦ୍ୱାଜ, ଅତିଶୀ ଓ ସଞ୍ଜୟ ସିଂହଙ୍କ ସହ ସିପିଆଇ(ଏମ୍) ନେତ୍ରୀ ବୃନ୍ଦା କରାତ ଏବଂ ବହୁ ସଂଖ୍ୟକ କର୍ମୀଙ୍କୁ ପୁଲିସ ଅଟକ ରଖିଛି। ରିପୋର୍ଟ ଅନୁସାରେ, ପ୍ରାୟ ୧୧୦୦ ଜଣ ବିକ୍ଷୋଭକାରୀଙ୍କୁ ଅଟକ କରାଯାଇଛି। ବିକ୍ଷୋଭକାରୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ଭୋଟରଙ୍କ ନାମ ବାଦ ପଡ଼ିବା ଏବଂ ନିର୍ବାଚନୀ ତାଲିକା ସମ୍ପର୍କିତ ଅଭିଯୋଗକୁ ନେଇ ବିରୋଧୀ ଦଳ, ଛାତ୍ର ସଂଗଠନ ଓ ବିଭିନ୍ନ ନାଗରିକ ସଂଗଠନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କିନ୍ତୁ ଯନ୍ତରମନ୍ତରରେ ପ୍ରସ୍ତାବିତ ବିକ୍ଷୋଭ ପାଇଁ ଦିଲ୍ଲୀ ପୁଲିସ ଅନୁମତି ଦେଇନଥିଲା। ତେବେ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ପ୍ରାୟ ▶ପୃଷ୍ଠା-୭





## ଶିବାଜୀ ପାର୍କରେ ଗର୍ଜିଲେ କକ୍ରୋଚ୍

■ମୁମ୍ବଇ,୨।୧୦(ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ମୁମ୍ବଇର ଶିବାଜୀ ପାର୍କରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ବିକ୍ଷୋଭ କରାଯାଇଛି।

**ଚକୋଲେଟ୍ କଭର କାଗଜରେ ଗହଣା ପିନ୍ଧି, ଫିଲ୍ମ ଡାଏଲଗ୍‌ରେ ଜ୍ଞାନେଶଙ୍କ ଇସ୍ତଫା ଦାବି**

'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆୟୋଜିତ ପ୍ରତିବାଦରେ ବହୁ ସଂଖ୍ୟକ ଯୁବକଯୁବତୀ ଯୋଗଦେଇ ସିଇସିଙ୍କ ଇସ୍ତଫା ଦାବି କରିଛନ୍ତି। ବିକ୍ଷୋଭରେ ସାମିଲ ଯୁବକମାନେ ବିଭିନ୍ନ ବ୍ୟଙ୍ଗାତ୍ମକ ପ୍ଲାକାର୍ଡ, ମିମ୍ ଓ ଲୋକପ୍ରିୟ ଚଳଚ୍ଚିତ୍ରର ସଂଳାପକୁ ବ୍ୟବହାର କରିଥିଲେ। ବିକ୍ଷୋଭ ସ୍ଥଳରେ 'ଜ୍ଞାନୁ, ତୁମର ଗଣତନ୍ତ୍ର ଉପରେ ଭରସା ନାହିଁ କି', 'ଜ୍ଞାନେଶ ବ୍ରୋ, ଜଷ୍ଟ ରିଜାଇନ୍' ଏବଂ 'ଗଦ୍ଦାର ଜ୍ଞାନୁ ମଷ୍ଟ ଗୋ' ଲେଖାଥିବା ପୋଷ୍ଟର ଦେଖିବାକୁ ମିଳିଥିଲା। ତ୍ରିରଙ୍ଗା ଧରି ବିକ୍ଷୋଭକାରୀମାନେ ସ୍ଲୋଗାନ ଦେବା ସହ ଗାନ୍ଧୀଙ୍କ ▶ପୃଷ୍ଠା-୭

### ଆରମ୍ଭ ହେଲା ବିଜେଡିର ଜନ ସମ୍ପର୍କ ପଦଯାତ୍ରା

## ଭଲ କାମ ପାଇଁ ବିଜେଡି ଲୋକଙ୍କ ହୃଦୟରେ ଅଛି ଓ ରହିବ: ନବୀନ

■ ଭୁବନେଶ୍ୱର, ୨।୧୦ (ସମିସ): ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି ବିଜୁ ଜନତା ଦଳ। ଏକାମ୍ର ନିର୍ବାଚନମଣ୍ଡଳୀରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ବାର୍ଷିକ ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି।

**ବିଜେପି ସରକାର ଲୋକ ବିରୋଧୀ, ଓଡ଼ିଶା ବିରୋଧୀ**

**ଏ ସରକାର ଓଡ଼ିଶା ପାଇଁ ଚୁପ୍; ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ**



ନଭେମ୍ବର ଦୁଇ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ପଦଯାତ୍ରା ଜାରି ରହିବ। ଶୁକ୍ରବାର ସକାଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ନିକଟସ୍ଥ ରଜ ପଡ଼ିଆରୁ ଏହି ପଦଯାତ୍ରାର ଶୁଭାରମ୍ଭ କରି ନବୀନ କହିଛନ୍ତି, ବିଜୁ ଜନତା ଦଳ ତା'ର ଭଲ କାମ ପାଇଁ ସବୁବେଳେ ଲୋକଙ୍କ ହୃଦୟରେ ଅଛି ଓ ରହିଥିବ। ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋକପାତ କରି ସେ କହିଲେ ଯେ ଓଡ଼ିଶା ଏବେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ଏବର ସରକାର କହୁଛନ୍ତି ଲୋକଙ୍କ ସରକାର; କିନ୍ତୁ ଲୋକଙ୍କ କଥା ଶୁଣିବାକୁ କେହି ନାହାଁ। ପିଲାଙ୍କ ପାଠ ବହି ନାହିଁ। ବୃଦ୍ଧବୃଦ୍ଧାଙ୍କ ଭତ୍ତା ନାହିଁ। ଚାଷୀ ହଇରାଣ ହେଉଛନ୍ତି। ମା'ମାନେ ବି ହଇରାଣ ହେଉଛନ୍ତି। ଆଇନଶୃଙ୍ଖଳା ବୋଲି କିଛି ନାହିଁ ବୋଲି କହି ସରକାରଙ୍କ ଉପରେ ବର୍ଷିଛନ୍ତି ନବୀନ।

ରାଜ୍ୟ ସରକାରଙ୍କ ବିଫଳତା ଓ କୁପରିଚାଳନା ଉପରେ ନବୀନ କହିଛନ୍ତି, ଏ ସରକାର ଗୋଟିଏ ବି ରଥଯାତ୍ରା ଠିକ୍ ଭାବରେ ପରିଚାଳନା କରି ପାରିଲେନି। ବନ୍ୟା ରିଲିଫ ବଣ୍ଟନ, ଧାନ ସଂଗ୍ରହ, ନିଯୁକ୍ତି ପରୀକ୍ଷା ଏବଂ ଅର୍ଥ ବ୍ୟବସ୍ଥା, ସବୁଥିରେ କୁପରିଚାଳନା। ସବୁ କାମରେ ଏ ସରକାର ଫେଲ୍। ଲୋକ କହୁଛନ୍ତି ଯେ ବୋଧେ ଓଡ଼ିଶା ବିଜେପି ସରକାର କୁପରିଚାଳନାରେ ବିଶେଷ ଦକ୍ଷତା ହାସଲ କରିଛି। ସେପଟେ କେନ୍ଦ୍ର ସରକାର ଖଣି ଉପରୁ ଓଡ଼ିଶାବାସୀଙ୍କ ଅଧିକାର ନେଇଗଲେ; ଓଡ଼ିଶା ସରକାର ଚୁପ୍। କୋଡ଼ିଏ ବିଜେପି ସାଂସଦ ଓଡ଼ିଶାବାସୀଙ୍କ ପାଇଁ ମୁହଁ ଖୋଲିଲେ ନାହିଁ; କିନ୍ତୁ ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ। ସେହିପରି ପିଲାଙ୍କ ପଢ଼ା ବହି କଥା ନ କହିବା ଭଲ। ସେଥିରେ ହଜାର ହଜାର ଭୁଲ୍; କିନ୍ତୁ ଉତ୍ତରଦାୟିତ୍ୱ ନେବାକୁ ସରକାର ନାରାଜ ବୋଲି କହି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ଆହୁରି କହିଥିଲେ ଯେ ରାଜ୍ୟରେ ରାଜସ୍ୱ ସଂଗ୍ରହ କମୁଛି। ▶ପୃଷ୍ଠା-୭

## ଚାପ ପରେ ଇସିଆଇଙ୍କ ୟୁ-ଟର୍ଣ୍ଣ

### ଏସ୍‌ଆଇଆର୍‌ରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ ପାଇଁ ବିଏଲ୍‌ଓଙ୍କୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ,୨।୧୦(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ମଧ୍ୟରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ନାମ ପୁଣି ତାଲିକାରେ ସାମିଲ କରିବା ପାଇଁ ନିର୍ବାଚନ କମିସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏସ୍‌ଆଇଆର୍ ସରିଥିବା ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପଦକ୍ଷେପ ନିଆଯାଇଛି। ଏଥିସହ ପ୍ରଥମ ଥର ଭୋଟ ଦେବାକୁ ଯୋଗ୍ୟ ଯୁବ ଭୋଟରଙ୍କୁ ମଧ୍ୟ ତାଲିକାଭୁକ୍ତ କରାଯିବ। ସେପ୍ଟେମ୍ବର ୨୯ର ନିର୍ଦ୍ଦେଶ ଅନୁସାରେ,

**୨୦ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ**



ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀମାନେ ବାଦ୍ ପଡ଼ିଥିବା ଭୋଟରଙ୍କୁ ଚିହ୍ନଟ କରିବେ। ଏସ୍‌ଆଇଆର୍ ପୂର୍ବର ଭୋଟର ତାଲିକାକୁ ବର୍ତ୍ତମାନର ତାଲିକା ସହ ତୁଳନା କରାଯିବ। ଏହାପରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରେ ଘରେ ଯାଇ ଯାଞ୍ଚ କରିବେ। ପ୍ରତ୍ୟେକ ବୁଥ୍‌ସ୍ତରୀୟ ଅଧିକାରୀ ସପ୍ତାହକୁ ୨୦ରୁ ୨୫ ଜଣ ଭୋଟରଙ୍କ ଯାଞ୍ଚ କରିବେ। ଏକ ମାସ ମଧ୍ୟରେ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରହିଛି। ଯୋଗ୍ୟ ଭୋଟରଙ୍କଠାରୁ ଘରେ ହିଁ ଫର୍ମ-୬ ଗ୍ରହଣ କରାଯିବ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ▶ପୃଷ୍ଠା-୭

## ବଜେଟ ଅର୍ଥ ଖର୍ଚ୍ଚ କରିପାରୁନି ଗଣଶିକ୍ଷା ବିଭାଗ

### ଗତବର୍ଷ ଖର୍ଚ୍ଚ ହୋଇଛି ମାତ୍ର ୩୧.୪୫ ପ୍ରତିଶତ ଟଙ୍କା

■ଭୁବନେଶ୍ୱର, ୨।୧୦(ସମିସ): ପ୍ରାଥମିକଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରତିବର୍ଷ ବଜେଟ୍‌ରେ ବିପୁଳ ଅର୍ଥ ବରାଦ କରାଯାଉଛି। ବଜେଟ୍‌ରେ ଅର୍ଥ ବରାଦ ବୃଦ୍ଧି ପାଉଥିବାବେଳେ ସେହି ଅନୁପାତରେ ଅର୍ଥ ବିନିଯୋଗ କରିବାରେ ଗଣଶିକ୍ଷା ବିଭାଗ ବିଫଳ ହୋଇଛି। ଗତ ୨୦୨୫-୨୬ ଶିକ୍ଷାବର୍ଷରେ ଗଣଶିକ୍ଷା ବିଭାଗ ମାତ୍ର ୩୧.୪୫% ଅର୍ଥ ଖର୍ଚ୍ଚ କରିପାରିଛି। ଯାହାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ

**ଖର୍ଚ୍ଚ ହୋଇ ପାରିନି ୨୧,୩୭୫.୫୯ କୋଟି ଟଙ୍କା**

**ଭୋକେସନାଲ୍ ଶିକ୍ଷକଙ୍କୁ ଏଯାଏଁ ମିଳିନି ଦରମା**

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତଥ୍ୟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗଣଶିକ୍ଷା ବିଭାଗକୁ ସମୁଦାୟ ୩୧୧୮୫.୪୭ କୋଟି ଟଙ୍କା ଅନୁଦାନ ମିଳିଥିଲା। ତନ୍ମଧ୍ୟରୁ ମାତ୍ର ୯୮୦୯.୮୮ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ଅର୍ଥାତ୍ ସମଗ୍ର ଶିକ୍ଷା ବର୍ଷରେ ମାତ୍ର ୩୧.୪୫% ଅର୍ଥ ବିନିଯୋଗ କରିବାରେ ବିଭାଗ ସକ୍ଷମ ହୋଇଛି। ପ୍ରାୟ ୨୧,୩୭୫.୫୯ କୋଟି ଟଙ୍କା ଅର୍ଥାତ୍ ୬୮.୫୪% ଅର୍ଥ ଖର୍ଚ୍ଚ ▶ପୃଷ୍ଠା-୭

### ଓଲଟ ପାଲଟ



ତ୍ରିଶିକା ଝିଅଟି ସୁସ୍ଥ ହେବା ପାଇଁ
ଷୋଳ କୋଟି ଟଙ୍କା ଦର୍କାର,
ଏମିତି ରୋଗକୁ ଦାମୀ ଇଞ୍ଜେକ୍ସନ
ଲେଖିଦେଲେ ବଡ଼ ଡାକ୍ତର।
ସାହାଯ୍ୟ ପାଇଁକି ସୋସିଆଲ୍ ମିଡିଆ
କରୁଅଛି ଜୋର ପ୍ରଚାର,
ଠକ ଟାଉଟର ଲାଗିଗଲେ ସବୁ
କରିବାକୁ ଟଙ୍କା ବେପାର।
ବିନା ଇଞ୍ଜେକସନେ ରାଜବୀର ସୁସ୍ଥ
ରହିଅଛି କେଉଁ ପ୍ରକାର ?

*- ଯାଯାବର*

### ନିୟନ୍ତ୍ରଣ ବାହାରେ ଏଆଇ ମଡେଲ

## ୧୦୦ ସଂସ୍ଥାର ସିଷ୍ଟମ୍‌ରୁ ତଥ୍ୟ ହ୍ୟାକ୍

■ ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ନେଇ ଏବେ ସାରା ଦୁନିଆରେ ଯେତିକି ଚର୍ଚ୍ଚା, ସେତିକି ଭୟର ବାତାବରଣ। କାରଣ ଦିନକୁ ଦିନ ଏଆଇ ମଡେଲଗୁଡ଼ିକ ମନୁଷ୍ୟର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଚାଟ୍‌ଜିପିଟି ସୃଷ୍ଟି କରିଥିବା ସାମ୍ ଅଲ୍ଟମ୍ୟାନଙ୍କ ଏଆଇ କମ୍ପାନୀ ଓପନ୍‌ଏଆଇର ଏକ ମଡେଲ ୧୦୦ରୁ ଅଧିକ ପ୍ରତିଷ୍ଠାନର ସିଷ୍ଟମରେ ବଳପୂର୍ବକ ଅନୁପ୍ରବେଶ କରିଛି। କମ୍ପାନୀ ବର୍ତ୍ତମାନ ଏହାର ଏଆଇ ମଡେଲଗୁଡ଼ିକର ତାଲିମ ଏବଂ ପରୀକ୍ଷଣ ସହିତ ଜଡିତ ୫୦ ପେଟାବାଇଟ୍ ଡାଟା ପରୀକ୍ଷା କରୁଛି, ଯାହା ଏ ପର୍ଯ୍ୟନ୍ତ ମିଳିଥିବା ତ୍ରୁଟି ବ୍ୟତୀତ ଅନ୍ୟ କୌଣସି

**୫୦ ପେଟାବାଇଟ୍ ଡାଟା ଯାଞ୍ଚ ହେବ**

**ତ୍ରୁଟି ଖୋଜିବା ପାଇଁ ମଣିଷକୁ ଲାଗିଯିବ ୬.୬ କୋଟି ବର୍ଷ**



ତ୍ରୁଟି ଚିହ୍ନଟ କରିବ। ଏହି ପରୀକ୍ଷା ପାଇଁ ୭୦୦୦ ଅତ୍ୟାଧୁନିକ ଜିବି୨୦୦ ଏବଂ ଜିବି୩୦୦ ଜିପିୟୁ ନିୟୋଜିତ କରାଯାଇଛି, ଯାହାର ମୂଲ୍ୟ ଦୈନିକ ପ୍ରାୟ ୫ କୋଟି ଟଙ୍କା ହେବ। ତେବେ ଏହି ତ୍ରୁଟି ଚିହ୍ନଟ କରିବା ପାଇଁ ଏଆଇକୁ ନିଜେ ୫୦ ପେଟାବାଇଟ୍ ଡାଟା ପରୀକ୍ଷା କରିବାକୁ ପଡିବ। ଯଦି ମନୁଷ୍ୟ ଦ୍ୱାରା ଏହା କରାଯାଏ ତେବେ ଏଥିପାଇଁ ୬ କୋଟି ବର୍ଷ ସମୟ ଲାଗିବ। ଏହି କାର୍ଯ୍ୟ ମଣିଷର ପହଞ୍ଚ ବାହାରେ ଥିବାରୁ, ଏହା କରିବା ପାଇଁ ଏଆଇ ମଡେଲଗୁଡ଼ିକୁ ବ୍ୟବହାର କରାଯାଉଛି। ପରୀକ୍ଷାକୁ ଅଧିକ ସଠିକ୍ କରିବା ପାଇଁ ଅଧିକ କମ୍ପ୍ୟୁଟିଂ ଶକ୍ତି ନିୟୋଜିତ କରାଯାଉଛି।

ଏହି ଘଟଣା ସେତେବେଳେ ଘଟିଥିଲା, ଯେତେବେଳେ ସାଇବର ସୁରକ୍ଷା କ୍ଷମତା ପରୀକ୍ଷା କରିବା ପାଇଁ ଏହାର ଏଆଇ ମଡେଲଗୁଡ଼ିକ ମଧ୍ୟରୁ ଗୋଟିଏର ପରୀକ୍ଷା କରାଯାଉଥିଲା। ପରୀକ୍ଷାରେ ଭଲ ସ୍କୋର କରିବା ପାଇଁ ଏଆଇ ଏକ ବିପଜ୍ଜନକ ସର୍ଟକଟ୍ ନେଇଥିଲା। ଏଥିରେ ଏଆଇ ମଡେଲକୁ ଏକ ସୁରକ୍ଷିତ ଏବଂ ବନ୍ଦ ପରୀକ୍ଷଣ ପରିବେଶରେ ରଖାଯାଇଥିଲା, ଯେଉଁଠାରେ ଏହାକୁ ଇଣ୍ଟରନେଟ୍ ପ୍ରବେଶ କରିବାକୁ ଅନୁମତି ନ ଥିଲା। ଏହା ସତ୍ତ୍ୱେ ଏଆଇ ▶ପୃଷ୍ଠା-୭

## ୪ ଟଙ୍କା ବଢ଼ିବ ଓମ୍‌ଫେଡ୍ କ୍ଷୀର

■ ଭୁବନେଶ୍ୱର, ୨।୧୦ (ସମିସ): ଅକ୍ଟୋବର ୪ରୁ ବଢ଼ିବ ଓମ୍‌ଫେଡ୍ କ୍ଷୀର ମୂଲ୍ୟ। ଟୋନ୍‌ଡ଼ କ୍ଷୀର ଲିଟର ୪ଟଙ୍କା ବଢ଼ି ୫୪ଟଙ୍କାରୁ ୫୮ ଟଙ୍କା ହେବ। ଅର୍ଥାତ୍ ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ ୫୦୦ ମି.ଲି ପିଛା ୨ଟଙ୍କା ବୃଦ୍ଧି ପାଇବ। ଏବେ ୫୦୦ ମିଲିଲିଟର ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍‌ର ଦର ୨୭ ଟଙ୍କା ଥିବା ବେଳେ ଏହା ୨୯ ଟଙ୍କାକୁ ବୃଦ୍ଧି ପାଇବ। ସେହିପରି ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ। ଫଳରେ ଏହାର ମୂଲ୍ୟ ୫୮ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କା ପହଞ୍ଚିବ ହେବ। ଅର୍ଥାତ୍ ୫୦୦ ମିଲିଲିଟର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୦ ଟଙ୍କା ଦେବାକୁ ହେବ। ସେହିପରି ଗୋଲ୍ଡ ଦୁଗ୍ଧ ଲିଟର ପିଛା ଦର ୬୨ ଟଙ୍କାକୁ ବୃଦ୍ଧି ପାଉଛି। ଆସନ୍ତା ୪ ତାରିଖରୁ ଆଧା ଲିଟର ଗୋଲ୍ଡ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୧ ଟଙ୍କା ▶ପୃଷ୍ଠା-୭




**ଟୋନ୍‌ଡ କ୍ଷୀର ୫୪ ଟଙ୍କାରୁ ହେବ ୫୮**

**ଲିଟର ପିଛା ୨ ଟଙ୍କା ବଢ଼ିବ ପ୍ରିମିୟମ ଓ ଗୋଲ୍ଡ**

## ବିଶେଷ ଟିପ୍ପଣୀ



ନୂଆଦିଲ୍ଲୀରେ ହୋଇଥିବା ବୈଠକ ପରେ ଇଣ୍ଡିଆ ମେଣ୍ଟ ଉଲ୍ଲେଖନୀୟ ଭାବେ ଏକଜୁଟ ହେଉଛି। ୨୦୨୯ ଲୋକସଭା ନିର୍ବାଚନର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ହେବ।

*ସଲ୍‌ମାନ୍ ଖୁର୍ସିଦ୍*
*(ବରିଷ୍ଠ କଂଗ୍ରେସ ନେତା)*



ଆମେ ସେମାନଙ୍କ ବିରୁଦ୍ଧରେ ଲଢ଼ିବୁ ଯେଉଁମାନେ ଭାରତର ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ସହିତ ସାଲିସ କରିଛନ୍ତି। ପ୍ରତ୍ୟେକ ଭାରତୀୟଙ୍କୁ ସେମାନଙ୍କ ବିରୁଦ୍ଧରେ ଠିଆ ହେବା ଉଚିତ୍।

*-ବିଶାଲ୍ ଦଦ୍ଲାନି (ସଂଗୀତ ନିର୍ଦ୍ଦେଶକ)*

## ଜେନ୍ Z

ଲକ୍ଷେ ପ୍ରୟାସ ସତ୍ତ୍ୱେ ବିଜେପି ସରକାର ଦେଶର ଯୁବପିଢ଼ିଙ୍କୁ ଶିବାଜୀ ପାର୍କରେ ଏକାଠି ହେବାରୁ ରୋକିପାରିଲା ନାହିଁ।
-ପ୍ରଦ୍ୟୁମ୍ନ ଭଣ୍ଡାରୀ @PradyumnaSingg

### ଫ୍ଲାଇଦୁବାଇ ଘଟଣା

## ସହ-ପାଇଲଟ୍‌ଙ୍କ ପରିଚୟ ଓ ଷଡ଼ଯନ୍ତ୍ର ନେଇ ତଦନ୍ତ

ନୂଆଦିଲ୍ଲୀ,୨।୧୦(ଏଜେନ୍ସି): ଫ୍ଲାଇଦୁବାଇ ବିମାନରେ ସହ-ପାଇଲଟ୍‌ଙ୍କ ଦ୍ୱାରା ଭାରତୀୟ କ୍ୟାପ୍ଟେନ୍ ସ୍ମିତ ମଚ୍ଛରଙ୍କୁ ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଛି। ସହ-ପାଇଲଟ୍ ଓମାନର ନାଗରିକ ବୋଲି କିଛି ଇସ୍ରାଏଲୀ ଅଧିକାରୀ ଓ ଗଣମାଧ୍ୟମରେ ଦାବି ହୋଇଥିଲେ ମଧ୍ୟ ତାଙ୍କ ନାମ ୟୁଏଇ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଦୁବାଇରୁ ତେଲ ଆଭିଭ୍ ଯାଉଥିବା ବିମାନରେ ଆକ୍ରମଣ ପରେ ଏହା ପ୍ରାୟ ୧୪ ହଜାର ଫୁଟ୍ ତଳକୁ ଖସିଥିଲା। ଯାତ୍ରୀମାନେ ସହ-ପାଇଲଟ୍‌ଙ୍କୁ କାବୁ କରିବା ପରେ ବିମାନଟି ସାଉଦି ଆରବର ତାବୁକ୍‌ରେ ଅବତରଣ କରିଥିଲା। ସେ ଏକାକୀ ଆକ୍ରମଣ କରିଥିଲେ କି, ଘଟଣା ପଛରେ ପୂର୍ବ ଯୋଜନା କିମ୍ବା କୌଣସି ସହଯୋଗ ଥିଲା କି, ତାହା ଯାଞ୍ଚ ହେଉଛି। ୟୁଏଇ ସମ୍ଭାବ୍ୟ ଆତଙ୍କବାଦୀ ସମ୍ପର୍କ ମଧ୍ୟ ତଦନ୍ତ କରୁଛି। ସୂତ୍ର ଅନୁସାରେ, ଆବୁଧାବିରେ ମଚ୍ଛରଙ୍କୁ ଭେଟିଥିବା ଭାରତୀୟ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ପ୍ରଶ୍ନ ନ କରିବାକୁ କୁହାଯାଇଥିଲା। ମଚ୍ଛରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେଉଛି। କିନ୍ତୁ ଏହି ବିଷୟରେ ଓମାନ୍ କର୍ତ୍ତୃପକ୍ଷ ଅଧିକ କିଛି କହିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ଆଶା କରାଯାଉଛି। ଇସ୍ରାଏଲ କିନ୍ତୁ ଏହି ଘଟଣାକୁ ବେଶ୍ ଗୁରୁତର ସହ ଗ୍ରହଣ କରିଛି।

## ପାଇଲଟ୍ ସ୍ମିତ ମଚ୍ଛରଙ୍କ ସାହସକୁ ପ୍ରଶଂସା କଲେ ମୋଦୀ

### ଫୋନ୍‌ରେ କଥା ହେଲେ

ନୂଆଦିଲ୍ଲୀ,୨।୧୦(ଏଜେନ୍ସି): ଇସ୍ରାଏଲ୍ ଅଭିମୁଖେ ଯାଉଥିବା ଫ୍ଲାଇଦୁବାଇ ବିମାନରେ ସହ-ପାଇଲଟ୍‌ଙ୍କ କଥିତ ଆକ୍ରମଣ ଓ ବିମାନକୁ ବିପଦରୁ ରକ୍ଷା କରିବା ଘଟଣାରେ କ୍ୟାପ୍ଟେନ୍ ସ୍ମିତ ମଚ୍ଛରଙ୍କ ସାହସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି। ଶୁକ୍ରବାର ମୋଦୀ ଫୋନ୍ ଯୋଗେ କ୍ୟାପ୍ଟେନ୍ ମଚ୍ଛରଙ୍କ ସହ କଥା ହୋଇ ତାଙ୍କ ଅନୁଭୂତି ସମ୍ପର୍କରେ ଜାଣିଥିଲେ। ସରକାରୀ ସୂତ୍ର ଅନୁସାରେ, କ୍ୟାପ୍ଟେନ୍ ମଚ୍ଛର ଘଟଣା ସମୟର ଅନୁଭୂତି ଏବଂ ଏଭଳି ଗୁରୁତର ସଙ୍କଟ ମଧ୍ୟରେ ତାଙ୍କୁ ସାହସ ଦେଇଥିବା କାରଣ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ। ମୋଦୀ ତାଙ୍କ ସାହସକୁ ପ୍ରଶଂସା କରିବା ସହ ଶୀଘ୍ର ସୁସ୍ଥତା କାମନା କରିଥିଲେ। ଏହାପୂର୍ବରୁ ମୋଦୀ କହିଥିଲେ ଯେ, ଅତ୍ୟନ୍ତ ଗୁରୁତର ବିପଦ ମଧ୍ୟରେ ଏବଂ ନିଜେ ଗୁରୁତର ଆହତ ହୋଇଥିଲେ ମଧ୍ୟ ମଚ୍ଛର ଅନ୍ୟ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଁ ଅସାଧାରଣ ସାହସ ଓ ଦୃଢ଼ତା ଦେଖାଇଥିଲେ। ତାଙ୍କ ସାହସ ଶତାଧିକ ଜୀବନ ରକ୍ଷା କରିବା ସହ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇବାରେ ସହାୟକ ହୋଇଥିବା ମୋଦୀ କହିଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ମଧ୍ୟ ମଚ୍ଛରଙ୍କ ଭୂମିକାକୁ ପ୍ରଶଂସା କରିଥିବା ମୋଦୀ ଉଲ୍ଲେଖ କରିଛନ୍ତି। ନେତନ୍ୟାହୁ ଏହି ଘଟଣାକୁ ୯/୧୧ ଭଳି ଆକ୍ରମଣକୁ ରୋକିବା ସହ ତୁଳନା କରିଥିବା କୁହାଯାଉଛି। ମୋଦୀ ମଚ୍ଛରଙ୍କ ପତ୍ନୀ ଓ ତାଙ୍କ ମାତାପିତାଙ୍କ ସହ ମଧ୍ୟ କଥା ହୋଇ ତାଙ୍କ ସାହସକୁ ପ୍ରଶଂସା କରିଥିଲେ।



# ଇସିଆଇନେଟ୍‌କୁ ନେଇ କମିସନ୍‌ଙ୍କୁ ଘେରିଲା କଂଗ୍ରେସ

### 'ମିଛ କହୁଛି' ବୋଲି ଜୟରାମଙ୍କ ଅଭିଯୋଗ
### ଏସ୍‌ଆଇଆର୍‌କୁ ନେଇ ଚିଦାମ୍ବରମଙ୍କ ପ୍ରଶ୍ନ



ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ନିର୍ବାଚନ କମିସନ୍‌ଙ୍କ ୱେବ୍‌ସାଇଟ୍ (ଇସିଆଇନେଟ୍ ପୋର୍ଟାଲ) ଏବଂ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍)କୁ ନେଇ ନିର୍ବାଚନ କମିସନ୍ ଉପରେ କଂଗ୍ରେସ ପୁଣି ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ଦଳ ନିର୍ବାଚନ କମିସନ୍ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ଆଣିବା ସହ ଇସିଆଇନେଟ୍‌ର କାର୍ଯ୍ୟପ୍ରଣାଳୀକୁ ନେଇ ଜବାବଦେହିତା ଦାବି କରିଛି। କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୁକ୍ରବାର ନିର୍ବାଚନ କମିସନ୍ ଉପରେ ଗୁରୁତର ଅଭିଯୋଗ ଆଣି କହିଛନ୍ତି ଯେ, ନିର୍ବାଚନ ନିବନ୍ଧନ ଅଧିକାରୀମାନଙ୍କୁ ଇସିଆଇନେଟ୍‌ର ଭୋଟର ତାଲିକା ବ୍ୟବସ୍ଥାରେ ପ୍ରବେଶ ସୀମିତ କରିବା ଏବଂ ଗୋଆ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ସେମାନଙ୍କ ନିଷ୍ପତ୍ତିକୁ ଅତିକ୍ରମ କରିବା ଆଇନଗତ ବ୍ୟବସ୍ଥା ସହ ସାମଞ୍ଜସ୍ୟ ନୁହେଁ। ରମେଶ କହିଛନ୍ତି ଯେ, ସେପ୍ଟେମ୍ବର ୨୬ରେ ଇସିଆଇ ଇସିଆଇନେଟ୍ ଆଇନ ଓ ନିୟମ ଅନୁସାରେ ଚାଲୁଛି କି ନାହିଁ, ତାହା ପୁନଃଯାଞ୍ଚ ପାଇଁ କମିଟି ଗଠନ କରିବା ଘୋଷଣା କରିଥିଲା। ତାଙ୍କ ମତରେ ଏହା ସମସ୍ୟା ସମାଧାନ ଅପେକ୍ଷା 'ଡ୍ୟାମେଜ୍ କଣ୍ଟ୍ରୋଲ୍'ର ପ୍ରୟାସ।

ତେବେ ଇସିଆଇ ପକ୍ଷରୁ ଇସିଆଇନେଟ୍‌କୁ ଆଇନ, ସମ୍ବିଧାନ ଏବଂ ସମ୍ପର୍କିତ ନିର୍ବାଚନ ନିୟମ ଅନୁସାରେ ବିକଶିତ କରାଯାଇଥିବା କୁହାଯାଇଛି। ୨୦୨୬ ଜାନୁଆରୀ ୨୨ରେ ଇସିଆଇନେଟ୍ ଆରମ୍ଭ ହୋଇଥିଲା। ନିର୍ବାଚନ କମିସନ୍ ଏହାକୁ ଏକକ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ଉପସ୍ଥାପନ କରିଥିଲା, ଯାହାରେ ଭୋଟର ପଞ୍ଜୀକରଣ, ଭୋଟର ତାଲିକା ଖୋଜିବା, ଆବେଦନର ସ୍ଥିତି ଜାଣିବା ଓ ଅଭିଯୋଗ ଦାଖଲ ଭଳି ବିଭିନ୍ନ ସେବାକୁ ଏକାଠି କରାଯାଇଛି। ଏହି ମାମଲାରେ ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ ମଧ୍ୟ ମୁଖ୍ୟ ନିର୍ବାଚନ କମିସନ୍‌ର ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ୍ କରିଛନ୍ତି। ଏସ୍‌ଆଇଆର୍ ସମୟରେ ବହୁ ସଂଖ୍ୟକ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଥିବା ଦାବି କରି ସେ ଏହାର ପ୍ରକ୍ରିୟା ଓ ରେକର୍ଡ ପ୍ରକାଶ କରିବାକୁ ପ୍ରଶ୍ନ ଉଠାଇଛନ୍ତି। ଚିଦାମ୍ବରମ ଦାବି କରିଛନ୍ତି ଯେ, ଏସ୍‌ଆଇଆର୍ ଅଧୀନରେ ପ୍ରାୟ ୧୩ କୋଟି ୩୦ ଲକ୍ଷ ଭୋଟରଙ୍କ ନାମ ହଟାଯାଇଛି। ଏହି ସଂଖ୍ୟା ଓ 'ଯଥୋଚିତ ପ୍ରକ୍ରିୟା' ପାଳନ ନେଇ ତାଙ୍କ ଦାବିକୁ ସ୍ୱାଧୀନ ଭାବେ ଯାଞ୍ଚ କରିବା ଆବଶ୍ୟକ। ସେ ମହାରାଷ୍ଟ୍ର, ଓଡ଼ିଶା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ନିର୍ବାଚନୀ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିସନ୍ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ମତଭେଦ ଜାରି ରହିଛି। ଇସିଆଇ କହିଛି ଯେ ସଂସ୍ଥାଗତ ଆଲୋଚନାରେ ଭିନ୍ନ ମତ ରହିବା ସ୍ୱାଭାବିକ ଏବଂ ଏହାର ଆଦେଶଗୁଡ଼ିକ ଆଇନଗତ ଆଧାର ଓ ବୈଧ ପ୍ରକ୍ରିୟା ଅନୁସାରେ ଜାରି ହୋଇଛି। ଏହି ବିବାଦ ମଧ୍ୟରେ ଇସିଆଇ ସେପ୍ଟେମ୍ବର ୨୬ରେ ଇସିଆଇନେଟ୍ ବ୍ୟବସ୍ଥାର ସମୀକ୍ଷା ପାଇଁ ଏକ କମିଟି ଗଠନ କରିଥିଲା। ସେହି ସମୟରେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ଭୋଟରଙ୍କ ସୁବିଧା ପାଇଁ ଅନ୍ୟ କେତେକ ପଦକ୍ଷେପ ମଧ୍ୟ ଘୋଷଣା କରାଯାଇଥିଲା।

## ଚତୁର୍ଥ ରାଷ୍ଟ୍ର ଭାବେ ଭାରତ ଏଆଇ ଉପଗ୍ରହ ପଠାଇଲା

ହାଇଦରାବାଦ, ୨।୧୦ (ଏଜେନ୍ସି): ମହାକାଶରେ ହିଁ ଉପଗ୍ରହ ଦ୍ୱାରା ସଂଗୃହୀତ ଚିତ୍ର ଓ ତଥ୍ୟର ବିଶ୍ଳେଷଣ କରିପାରୁଥିବା ଭାରତର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଗ୍ରହ 'ଏମ୍‌ଓଆଇ-୧ଏ' ମହାକାଶକୁ ପଠାଯାଇଛି। ହାଇଦ୍ରାବାଦର ଟେକ୍‌ମିଟୁସ୍ପେସ୍ କମ୍ପାନୀ ଏହି ଉପଗ୍ରହକୁ ସ୍ପେସ୍‌ଏକ୍ସର 'ଟ୍ରାନ୍ସପୋର୍ଟର-୧୮' ମିଶନ ଜରିଆରେ ମହାକାଶକୁ ପଠାଇଛି। ୧୩ କିଲୋଗ୍ରାମ ଓଜନର ୬ୟୁ ଶ୍ରେଣୀର ଏହି ଉପଗ୍ରହରେ ୧୨୦ ୱାଟ୍ କ୍ଷମତା ରହିଛି। ସାଧାରଣତଃ ଉପଗ୍ରହରୁ ସଂଗୃହୀତ ସମସ୍ତ ତଥ୍ୟ ପ୍ରଥମେ ପୃଥିବୀକୁ ପଠାଯାଇ ତାହା ପରେ ବିଶ୍ଳେଷଣ କରାଯାଏ। କିନ୍ତୁ 'ଏମ୍‌ଓଆଇ-୧ଏ' ମହାକାଶରେ ହିଁ ଏଆଇ ସହାୟତାରେ ତଥ୍ୟ ବିଶ୍ଳେଷଣ କରି ଆବଶ୍ୟକ ତଥ୍ୟକୁ ପୃଥିବୀକୁ ପଠାଇବ। କମ୍ପାନୀର ସିଇଓ ରୌନକ କୁମାର ସାମନ୍ତରାୟଙ୍କ ଅନୁସାରେ, ଉପଗ୍ରହ ଯଦି ୩୦୦ ଜିବି ତଥ୍ୟ ସଂଗ୍ରହ କରେ ଏବଂ ସେଥିରୁ ମାତ୍ର ୫ ଜିବି ତଥ୍ୟ ଆବଶ୍ୟକ ହୁଏ, ତେବେ ଏଆଇ ଆବଶ୍ୟକ ଅଂଶ ଚିହ୍ନଟ କରି କେବଳ ସେହି ତଥ୍ୟ ପୃଥିବୀକୁ ପଠାଇବ। ଏହାଦ୍ୱାରା ତଥ୍ୟ ପ୍ରେରଣର ସମୟ ଓ ଖର୍ଚ୍ଚ କମିବ। ବନ୍ୟା, ଜଙ୍ଗଲ, ଚାଷଜମି, ଖଣି ଅଞ୍ଚଳ, ସୀମା ଓ ଭୂମି ନିରୀକ୍ଷଣରେ ଏହି ପ୍ରଯୁକ୍ତିର ବ୍ୟବହାର ହୋଇପାରିବ। କମ୍ପାନୀର ଯୋଜନା ଅନୁସାରେ, ୨୦୨୮ରେ ମହାକାଶରେ ଏକ ବୃହତ୍ ଡାଟା ସେଣ୍ଟର ସ୍ଥାପନ ପାଇଁ ପ୍ରାୟ ୧୦୦ କିଲୋଗ୍ରାମ ଓଜନର ଉପଗ୍ରହ ପଠାଇବାର ପ୍ରସ୍ତୁତି ଚାଲିଛି। ଏଥିରେ ଅଧିକ ସଂଖ୍ୟକ ଗ୍ରାଫିକ୍ସ ପ୍ରୋସେସର ଓ ପ୍ରାୟ ୧୦୦ ଟେରାବାଇଟ୍ ସଂରକ୍ଷଣ କ୍ଷମତା ରହିବ।

### ଭୋଟର ତାଲିକାରୁ ସଂଖ୍ୟାଲଘୁଙ୍କ ନାମ ହଟାଇବା ଅଭିଯୋଗ

## ବିଜେପି ନେତାଙ୍କ ବିରୋଧରେ ମାମଲା

ବେଙ୍ଗାଲୁରୁ, ୨।୧୦ (ଏଜେନ୍ସି): କର୍ଣ୍ଣାଟକର ବେଲଗାଭିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୧୯୮ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟାଇବାକୁ ନକଲି ଫର୍ମ-୭ ବ୍ୟବହାର କରାଯାଇଥିବା ଅଭିଯୋଗରେ ବିଜେପି ନେତା ରବି ପାଟିଲ ଓ ଅନ୍ୟମାନଙ୍କ ବିରୋଧରେ ଏଫ୍‌ଆଇଆର୍ ହୋଇଛି। ସେପ୍ଟେମ୍ବର ୩୦ରେ ବେଲଗାଭି ମାର୍କେଟ ଥାନାରେ ଏହି ମାମଲା ରୁଜୁ ହୋଇଥିବା ପୁଲିସ କହିଛି। ଅଭିଯୋଗ ଅନୁସାରେ, ଅଭିଯୁକ୍ତମାନେ ଜାଲ୍ ଦସ୍ତାବିଜ ଦାଖଲ କରି ଭୋଟରଙ୍କ ନାମ ବାଦ୍ ଦେବାକୁ ଉଦ୍ୟମ କରିଥିଲେ। ଅଭିଯୋଗକାରୀ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମ ମଧ୍ୟ ଏଥିରେ ଥିବା ଦାବି କରାଯାଇଛି। ଏହି ମାମଲାରେ ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର ଓ ସାଧାରଣ ଶାନ୍ତି ଭଙ୍ଗ କରିବା ଭଳି ବିଭିନ୍ନ ଧାରାରେ ମାମଲା ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ଏହା ସହ ବିଦରରେ ୩,୨୪୪ ଜଣ ଭୋଟରଙ୍କୁ 'ସ୍ଥାନାନ୍ତରିତ/ଅନୁପସ୍ଥିତ' ଦର୍ଶାଇ ଫର୍ମ-୭ ମାଧ୍ୟମରେ ନାମ ହଟାଇବାକୁ ଉଦ୍ୟମ ହୋଇଥିବା ଅଭିଯୋଗରେ ୩୨ ଜଣଙ୍କ ନାମରେ ଏଫ୍‌ଆଇଆର୍ ହୋଇଛି। ମହୀଶୂରରେ ମଧ୍ୟ ଏଭଳି ଅଭିଯୋଗ ଆସିଛି। ଏହି ଘଟଣାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଓ ତାଙ୍କ କ୍ୟାବିନେଟ ସହଯୋଗୀମାନେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ବାହାରେ ଧାରଣା ଦେଇ ତଥାକଥିତ ନିର୍ବାଚନୀ ଅନିୟମିତତା ଉପରେ ଏଫ୍‌ଆଇଆର୍ ଦାବି କରିଥିଲେ।

## ଗୁଜରାଟ ୟୁସିସି ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

### ଉତ୍ତରାଖଣ୍ଡ ପରେ ଦ୍ୱିତୀୟ ରାଜ୍ୟ




ଅହମଦାବାଦ, ୨।୧୦ (ଏଜେନ୍ସି): ଗୁଜରାଟର ସମାନ ନାଗରିକ ସଂହିତା ବିଲ୍-୨୦୨୬କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରି ଦେଇଛନ୍ତି। ଏହା ସହ ଉତ୍ତରାଖଣ୍ଡ ପରେ ସମାନ ନାଗରିକ ସଂହିତା ଲାଗୁ କରିବାକୁ ଆଇନଗତ ମଞ୍ଜୁରୀ ପାଇଥିବା ଦେଶର ଦ୍ୱିତୀୟ ରାଜ୍ୟ ହୋଇଛି ଗୁଜରାଟ। ତେବେ ଆଇନ ଲାଗୁ ହେବା ପୂର୍ବରୁ ରାଜ୍ୟ ସରକାର ଏହାର ନିୟମାବଳୀ ଜାରି କରିବ। ମାର୍ଚ୍ଚ ୨୪ରେ ପ୍ରାୟ ୮ ଘଣ୍ଟାର ଆଲୋଚନା ପରେ ବିଧାନସଭାରେ ବିଲ୍‌ଟି ପାରିତ ହୋଇଥିଲା। ରାଜ୍ୟର ଅନୁସୂଚିତ ଜନଜାତି ସମ୍ପ୍ରଦାୟକୁ ଏଥିରୁ ବାଦ ଦିଆଯାଇଛି। ବିଲ୍‌ରେ ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିବାବେଳେ ବହୁବିବାହ ଓ ଦ୍ୱିବିବାହ ନିଷିଦ୍ଧ କରାଯାଇଛି। ଛାଡ଼ପତ୍ର ପାଇଁ ଅଦାଲତର ଅନୁମୋଦନ ଆବଶ୍ୟକ ହେବ। ପୁଅ ଓ ଝିଅଙ୍କୁ ସମାନ ସମ୍ପତ୍ତି ଅଧିକାର ଦେବା ସହ ଲିଭ୍-ଇନ୍ ସମ୍ପର୍କ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ସରକାର ଏହାକୁ ମହିଳାଙ୍କ ଅଧିକାର, ସମାନତା ଓ ସାମାଜିକ ଏକତା ପାଇଁ ପଦକ୍ଷେପ ବୋଲି କହିଛି। ଅନ୍ୟପକ୍ଷରେ କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି ବିଲ୍‌କୁ ଚୟନ କମିଟିକୁ ପଠାଇବାକୁ ଦାବି କରିଥିଲେ। ବିରୋଧୀ ଦଳଗୁଡ଼ିକ ବିଭିନ୍ନ ସମ୍ପ୍ରଦାୟର ପରମ୍ପରା ଓ ପ୍ରଥାକୁ ନେଇ ଆପତ୍ତି ଉଠାଇଥିବାବେଳେ ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଛି। ଏହି ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହି ବିଲ୍ ଆଣିବାକୁ ଅଣ୍ଟା ଭିଡ଼ିବେ। ତେବେ ବିରୋଧୀ ଦଳଗୁଡ଼ିକ ଏହାକୁ ଚିରାଚରିତ ଢଙ୍ଗରେ ବିରୋଧ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

## କଙ୍ଗୋରେ ଇବୋଲା ମୃତ୍ୟୁ ୪ ହଜାର ପାର୍

ବୁନିଆ,୨।୧୦(ଏଜେନ୍ସି): ଗଣତାନ୍ତ୍ରିକ କଙ୍ଗୋରେ ଇବୋଲା ଭୂତାଣୁର ସଂକ୍ରମଣ ଭୟାବହ ରୂପ ନେଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଗୁରୁବାର ପ୍ରକାଶିତ ତଥ୍ୟ ଅନୁସାରେ, ପ୍ରାୟ ୮,୩୦୦ ନିଶ୍ଚିତ ଆକ୍ରାନ୍ତଙ୍କ ମଧ୍ୟରୁ ୪,୦୧୮ ଜଣଙ୍କ ମୃତ୍ୟୁ ହୋଇଛି। ଏହା ଦେଶର ସବୁଠାରୁ ଦ୍ରୁତ ବଢ଼ୁଥିବା ଇବୋଲା ସଂକ୍ରମଣ ଭାବେ ଉଭା ହୋଇଛି। ମେ' ୧୫ରେ ଏହି ସଂକ୍ରମଣ ଘୋଷଣା ହୋଇଥିଲା। ଏହା ଦୁର୍ଲଭ 'ବୁଣ୍ଡିବୁଗ୍ୟୋ' ଭୂତାଣୁ ଯୋଗୁଁ ହୋଇଥିବା କୁହାଯାଇଛି। ଏହାର ଜଣାଶୁଣା ଚିକିତ୍ସା କିମ୍ବା ଟିକା ନଥିବାରୁ ନିୟନ୍ତ୍ରଣ ପ୍ରୟାସ ଅଧିକ କଷ୍ଟକର ହୋଇଛି। ବୁନିଆରେ ବକେୟା ଦରମା ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତିବାଦ କରିଥିବାବେଳେ, ବାରମ୍ବାର ଧର୍ମଘଟ ଯୋଗୁଁ ଇବୋଲା ନିୟନ୍ତ୍ରଣ କାର୍ଯ୍ୟ ପ୍ରଭାବିତ ହୋଇଛି। ଏହା ସହ ସୁରକ୍ଷା ସମସ୍ୟା ଓ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆକ୍ରମଣ ମଧ୍ୟ ବାଧା ସୃଷ୍ଟି କରୁଛି। ସଂକ୍ରମିତଙ୍କ ପାଇଁ ଥିବା ଏକ ଚିକିତ୍ସା ଓ ଟ୍ରାନ୍‌ଜିଟ୍ କେନ୍ଦ୍ର ସେନା କାର୍ଯ୍ୟାନୁଷ୍ଠାନ ସମୟରେ ଜଳିଯାଇଥିବା ଜାତିସଂଘ କହିଛି। ଏଥିଯୋଗୁଁ ଶିବିରର ପ୍ରାୟ ୧୯ ହଜାର ଲୋକଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଥିଲା। ଏପରିକି ଇବୋଲା ଚିକିତ୍ସାରେ ନିୟୋଜିତ 'ଡକ୍ଟର୍ସ ୱିଦାଉଟ୍ ବର୍ଡର୍ସ'ର ଜଣେ କର୍ମଚାରୀ ମଧ୍ୟ ସଂକ୍ରମିତ ହୋଇଛନ୍ତି।

## ପଞ୍ଜାବ ସୀମାରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ

ତରନତାରନ, ୨।୧୦ (ଏଜେନ୍ସି): ପଞ୍ଜାବର ତରନତାରନ ଜିଲ୍ଲା ରାଜୋକେ ଗାଁ ନିକଟ ଭାରତ-ପାକିସ୍ତାନ ସୀମାରେ ଅନୁପ୍ରବେଶ ଉଦ୍ୟମକୁ ବିଏସ୍‌ଏଫ୍ ଯବାନମାନେ ପଣ୍ଡ କରିଛନ୍ତି। ସୀମାକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଦୁଇ ପାକିସ୍ତାନୀ ନାଗରିକ ଗୁଳିମାଡ଼ରେ ନିହତ ହୋଇଛନ୍ତି। ଦୁଇଜଣ ସୀମା ଅତିକ୍ରମ କରି ଭାରତୀୟ ଅଞ୍ଚଳକୁ ପ୍ରବେଶ କରିବାକୁ ଆଗକୁ ବଢ଼ୁଥିଲେ। ସୁରକ୍ଷାକର୍ମୀମାନେ ସେମାନଙ୍କୁ ଦେଖି ଅଟକିବାକୁ ଚେତାବନୀ ଦେଇଥିଲେ। ତେବେ ସେମାନେ ଚେତାବନୀକୁ ଅଣଦେଖା କରି ଭାରତୀୟ ପାର୍ଶ୍ୱକୁ ଆଗକୁ ବଢ଼ିଥିବା ଅଭିଯୋଗ ରହିଛି। ଏହାପରେ ବିଏସ୍‌ଏଫ୍ ଯବାନମାନେ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଉଭୟ ନିହତ ହୋଇଥିବା ଜଣାପଡ଼ିଛି।

## ନାଟୋ ଦେଶଗୁଡ଼ିକୁ ପରମାଣୁ ଅସ୍ତ୍ର ବ୍ୟବହାର ନେଇ ପୁଟିନଙ୍କ ଧମକ

ମସ୍କୋ, ୨।୧୦(ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନାଟୋ ଦେଶଗୁଡ଼ିକୁ ପରମାଣୁ ଅସ୍ତ୍ର ବ୍ୟବହାର ନେଇ ଚେତାବନୀ ଦେଇଛନ୍ତି। ରୁଷର କୌଣସି ଅଞ୍ଚଳ ଉପରେ ଆକ୍ରମଣ ହେଲେ ମସ୍କୋ ନିଜ ପାଖରେ ଥିବା ସମସ୍ତ ଅସ୍ତ୍ର ବ୍ୟବହାର କରି ପ୍ରତିଜବାବ ଦେବ ବୋଲି ସେ କହିଛନ୍ତି। ମସ୍କରେ ଆୟୋଜିତ ଭାଲ୍‌ଦାଇ ଫୋରମ୍‌ରେ ଗୁରୁବାର ପୁଟିନ୍ ଏହି ମନ୍ତବ୍ୟ ଦେଇଥିବା ଖବର ପ୍ରକାଶ ପାଇଛି। ବିଶେଷକରି ନାଟୋ ଯଦି ରୁଷ୍‌ଠାରୁ କାଲିନିନଗ୍ରାଡ୍‌କୁ ଅଲଗା କରିବାକୁ ଚେଷ୍ଟା କରେ, ତେବେ ରୁଷ୍ ତୁରନ୍ତ ପ୍ରତିକ୍ରିୟା ଦେବ ବୋଲି ପୁଟିନ୍ କହିଛନ୍ତି। କାଲିନିନଗ୍ରାଡ୍ ରୁଷର ମୁଖ୍ୟ ଭୂଖଣ୍ଡଠାରୁ ଅଲଗା ଏକ ଅଞ୍ଚଳ। ଏହା ପୋଲାଣ୍ଡ ଓ ଲିଥୁଆନିଆ ମଧ୍ୟରେ ବାଲ୍ଟିକ୍ ସାଗର ନିକଟରେ ଅବସ୍ଥିତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୫ରୁ ଏହା ରୁଷ୍ ନିୟନ୍ତ୍ରଣରେ ରହିଛି। କାଲିନିନଗ୍ରାଡ୍‌ରେ ରୁଷର ବାଲ୍ଟିକ୍ ନୌସେନା ରହିଛି ଏବଂ ଏଠାରେ ଇସ୍କାନ୍ଦର୍ କ୍ଷେପଣାସ୍ତ୍ର ଭଳି ଅତ୍ୟାଧୁନିକ ଅସ୍ତ୍ର ମୁତୟନ ହୋଇଛି। ଏହାର ଭୌଗୋଳିକ ଅବସ୍ଥିତି ଯୋଗୁ ନାଟୋ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଏହି ଅଞ୍ଚଳ ରୁଷ୍ ପାଇଁ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ। ପୁଟିନ୍ ପଶ୍ଚିମ ଦେଶଗୁଡ଼ିକ ରୁଷ୍ ସହ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନାଟୋ ରୁଷ୍‌କୁ ଆକ୍ରମଣ କରିବା କିମ୍ବା କାଲିନିନଗ୍ରାଡ୍‌କୁ ଲକ୍ଷ୍ୟ କରିବାର କୌଣସି ଯୋଜନା ନଥିବା କହିଛି।

## ହାଇୱେ ସାଇନ୍‌ବୋର୍ଡରେ ହିନ୍ଦୀ ଲେଖି ୨ ଯନ୍ତ୍ରୀ ନିଲମ୍ବିତ

ଚେନ୍ନାଇ,୨।୧୦(ଏଜେନ୍ସି): ତାମିଲନାଡୁରେ ରାଜ୍ୟର ଦ୍ୱିଭାଷୀ ନୀତି ଉଲ୍ଲଂଘନ ଅଭିଯୋଗରେ ଦୁଇଜଣ ସହକାରୀ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ସାତାଙ୍କୁଲମ୍-ନାଜାରେଥ୍ ରାଜ୍ୟ ରାଜପଥ-୯୩ରେ ନୂଆ କରି ଲଗାଯାଇଥିବା ସାଇନ୍‌ବୋର୍ଡରେ ତାମିଲ ଓ ଇଂରାଜୀ ସହ ହିନ୍ଦୀରେ ମଧ୍ୟ ସହର ଓ ଅଞ୍ଚଳଗୁଡ଼ିକର ନାମ ଲେଖାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁସାରେ, ଏହା ତାମିଲନାଡୁର ଦୁଇ-ଭାଷା ନୀତିର ବିରୋଧୀ। ଘଟଣା ସାମ୍ନାକୁ ଆସିବା ପରେ ସାଇନ୍‌ବୋର୍ଡରୁ ହିନ୍ଦୀ ଲେଖା ହଟାଇ ଦିଆଯାଇଛି। ଏହାସହ ଦୁଇ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଚଳିତ ବର୍ଷ ତାମିଲନାଡୁରେ ହିନ୍ଦୀ ଲେଖା ହଟାଯିବାର ଏହା ତୃତୀୟ ଘଟଣା ବୋଲି ରିପୋର୍ଟରେ ଦର୍ଶାଯାଇଛି। ମାର୍ଚ୍ଚରେ ତିରୁଚିରାପଲ୍ଲୀ ଡିଭିଜନାଲ ରେଳୱେ କାର୍ଯ୍ୟାଳୟର ପ୍ରବେଶ ଦ୍ୱାରରେ ଲେଖାଯାଇଥିବା 'କର୍ତ୍ତବ୍ୟ ଦ୍ୱାର' ହିନ୍ଦୀ ଲେଖାକୁ ହଟାଇ ଦିଆଯାଇଥିଲା।

### ଇରାନକୁ ନେଇ ଟ୍ରମ୍ପଙ୍କ ଚେତାବନୀ

## ମଧ୍ୟପ୍ରାଚ୍ୟ ଅଭିମୁଖେ ତୃତୀୟ ଯୁଦ୍ଧବିମାନବାହୀ ଜାହାଜ

- ଯିବେ ୧୦ ହଜାର ସୈନିକ
- ଇରାନର ଶାନ୍ତି ପ୍ରସ୍ତାବକୁ ଟ୍ରମ୍ପଙ୍କ ଅସ୍ୱୀକାର
- ଫ୍ଲାଇଦୁବାଇ ଘଟଣାରେ ଇରାନର ସମ୍ପୃକ୍ତି ନେଇ ଟ୍ରମ୍ପଙ୍କ ଦାବି



ନୂଆଦିଲ୍ଲୀ,୨।୧୦(ଏଜେନ୍ସି): ଇରାନକୁ ନେଇ ଆମେରିକା ଓ ଟ୍ରମ୍ପ ପ୍ରଶାସନର ଚାପ ମଧ୍ୟରେ ମଧ୍ୟପ୍ରାଚ୍ୟରେ ଆମେରିକା ନିଜର ସାମରିକ ଉପସ୍ଥିତି ବଢ଼ାଇବାକୁ ଯାଉଛି। ଆମେରିକା ତୃତୀୟ ଯୁଦ୍ଧବିମାନବାହୀ ଜାହାଜ ୟୁଏସ୍‌ଏସ୍ ଥିଓଡୋର ରୁଜଭେଲ୍ଟ ସହ ଏହାର ଷ୍ଟ୍ରାଇକ୍ ଗ୍ରୁପ୍‌କୁ ମଧ୍ୟପ୍ରାଚ୍ୟ ପଠାଇବ। ଏହା ସହ ପ୍ରାୟ ୯ରୁ ୧୦ ହଜାର ଅତିରିକ୍ତ ସୈନିକ ମଧ୍ୟ ଅଞ୍ଚଳରେ ପହଞ୍ଚିବେ। ନଭେମ୍ବର ଶେଷ ସୁଦ୍ଧା ଏହି ଜାହାଜ ଓ ସାମରିକ ଦଳ ସେଠାରେ ପହଞ୍ଚିବା ଆଶା କରାଯାଉଛି।

ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଆମେରିକାର ଆଉ ଦୁଇଟି ଯୁଦ୍ଧବିମାନବାହୀ ଜାହାଜ ରହିଛି। ସେଗୁଡ଼ିକ ହେଲା ୟୁଏସ୍‌ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍ ଏବଂ ୟୁଏସ୍‌ଏସ୍ ଜର୍ଜ ୱାଶିଂଟନ୍। ଜର୍ଜ ୱାଶିଂଟନ୍ ସାଧାରଣତଃ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ମୁତୟନ ରହୁଥିବାବେଳେ, ଦୀର୍ଘ ସମୟ ଧରି ମୁତୟନ ଥିବା ୟୁଏସ୍‌ଏସ୍ ଆବ୍ରାହାମ୍ ଲିଙ୍କନ୍‌ର ସ୍ଥାନ ନେବା ପାଇଁ ଏହା ମଧ୍ୟପ୍ରାଚ୍ୟରେ ପହଞ୍ଚିଛି। ନୂଆ ମୁତୟନ ପରେ ମଧ୍ୟପ୍ରାଚ୍ୟରେ ଆମେରିକାର ୨୦ ହଜାରରୁ ଅଧିକ ନୌସେନା ଓ ମେରିନ୍ ସୈନିକଙ୍କ ଉପସ୍ଥିତି ରହିବ। ଏହା ସହ ଶତାଧିକ ସାମରିକ ବିମାନ ମଧ୍ୟ ଅଞ୍ଚଳରେ ରହିବେ। ଇରାନ ପକ୍ଷରୁ ଗତ ସପ୍ତାହରେ ଜାତିସଂଘ ସାଧାରଣ ସଭାରେ ଆମେରିକାକୁ ଏକ ଶାନ୍ତି ପ୍ରସ୍ତାବ ଦିଆଯାଇଥିବା କୁହାଯାଇଥିଲା। କାତାର ମଧ୍ୟସ୍ଥଙ୍କ ଜରିଆରେ ଏହି ପ୍ରସ୍ତାବ ଆମେରିକା ପାଖରେ ପହଞ୍ଚିଥିବା ଇରାନ କହିଥିଲା। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସ୍ତାବକୁ ଅସ୍ୱୀକାର କରିଛନ୍ତି। ହର୍ମୁଜ୍ ପ୍ରଣାଳୀ ଖୋଲିବା ପାଇଁ ଇରାନ ଆଲୋଚନା କରିବାକୁ ଚାହୁଁଥିବା ଟ୍ରମ୍ପ କହିଛନ୍ତି। ଏହା ସହ ନଭେମ୍ବର ୩ରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନ ପରେ ଇରାନ ବିରୋଧରେ ନୂଆ ଆକ୍ରମଣର ସମ୍ଭାବନା ସମ୍ପର୍କରେ ମଧ୍ୟ ସେ ଚେତାବନୀ ଦେଇଥିବା ରିପୋର୍ଟରେ କୁହାଯାଇଛି। ଏହା ମଧ୍ୟରେ ଫ୍ଲାଇଦୁବାଇ ବିମାନରେ ଘଟିଥିବା ଘଟଣାକୁ ନେଇ ଟ୍ରମ୍ପ ଇରାନର ସମ୍ପୃକ୍ତି ଥାଇପାରେ ବୋଲି ସଂକେତ ଦେଇଛନ୍ତି। ଏହି ଘଟଣାରେ ସହ-ପାଇଲଟ୍ ବିମାନର କ୍ୟାପ୍ଟେନ୍‌ଙ୍କୁ ଛୁରିରେ ଆକ୍ରମଣ କରିଥିବା ଏବଂ ବିମାନକୁ ଇସ୍ରାଏଲ୍ ଅଭିମୁଖେ ନେଇଯାଇ ଦୁର୍ଘଟଣା ଘଟାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ରହିଛି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ ଇରାନ ସହ ଏହି ଘଟଣାର ସମ୍ପର୍କ ଥାଇପାରେ ବୋଲି କହିଥିଲେ। ତେବେ ଏପର୍ଯ୍ୟନ୍ତ ଇରାନର ସମ୍ପୃକ୍ତି ପ୍ରମାଣ କରୁଥିବା କୌଣସି ସରକାରୀ ପ୍ରମାଣ ସାମ୍ନାକୁ ଆସିନାହିଁ। ତେଣୁ ଏହି ଦାବିକୁ ନେଇ ତଦନ୍ତ ଓ ଅଧିକ ତଥ୍ୟକୁ ଅପେକ୍ଷା କରାଯାଉଛି।

## ଭାରତ କିଣିବ ଆଉ ୧୧୪ ରାଫେଲ୍

ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ଭାରତୀୟ ବାୟୁସେନା ପାଇଁ ଆଉ ୧୧୪ଟି ରାଫେଲ୍ ଯୁଦ୍ଧବିମାନ କିଣିବା ପ୍ରକ୍ରିୟା ଆଗକୁ ବଢ଼ିଛି। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ସୂଚନା ଅନୁସାରେ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପ ନେଇ ନିଷ୍ପତ୍ତି ହୋଇପାରେ। ମିଳିଥିବା ପ୍ରସ୍ତାବଗୁଡ଼ିକର ଏବେ ମୂଲ୍ୟାୟନ କରାଯାଉଛି। ଏହି କ୍ରୟରେ ସ୍ୱଦେଶୀ ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଯୋଜନା ଅନୁସାରେ ଅଧିକାଂଶ ରାଫେଲ୍ ବିମାନ ଭାରତରେ ହିଁ ଏକତ୍ରିତ ହେବ। ବିମାନଗୁଡ଼ିକରେ ଭାରତୀୟ ନିର୍ମିତ ଅସ୍ତ୍ର ଓ ଅନ୍ୟାନ୍ୟ ପ୍ରଣାଳୀ ଲଗାଯିବ। ଫ୍ରାନ୍ସର ରାଫେଲ୍ ନିର୍ମାତା କମ୍ପାନୀ ପୂର୍ବରୁ କିଣାଯାଇଥିବା ରାଫେଲ୍-ଏମ୍ ବିମାନରେ ମଧ୍ୟ ଭାରତୀୟ ଅସ୍ତ୍ର ସମନ୍ୱୟ କରିବାକୁ ରାଜି ହୋଇଛି। ଭାରତ ପୂର୍ବରୁ ବାୟୁସେନା ପାଇଁ ୩୬ଟି ରାଫେଲ୍ ହାସଲ କରିସାରିଛି। ୨୦୨୫ ଏପ୍ରିଲରେ ନୌସେନା ପାଇଁ ଆଉ ୨୬ଟି ରାଫେଲ୍-ଏମ୍ କିଣିବାକୁ ଚୁକ୍ତି ହୋଇଥିଲା। ଏଗୁଡ଼ିକର ଯୋଗାଣ ୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆଶା ରହିଛି। ଏହି ନୂଆ କ୍ରୟ 'ବାୟ ଆଣ୍ଡ ମେକ୍' ମଡେଲରେ ହେବ। ଏଥିରେ ରାଫେଲ୍ ନିର୍ମାତା କମ୍ପାନୀ ସହଯୋଗରେ ଭାରତରେ ବିମାନ ଏକତ୍ରିକରଣ ଓ ଉତ୍ପାଦନ ସମ୍ପର୍କିତ କାର୍ଯ୍ୟ କରାଯିବ। ଏପଟେ ତେଜସ୍ ଏମ୍‌କେ-୨ର ପ୍ରଥମ ଉଡ଼ାଣ ୨୦୨୭ ମଧ୍ୟଭାଗରେ କରିବାକୁ ଯୋଜନା ରହିଛି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍)ର ନେତୃତ୍ୱରେ ଏହାର ବିକାଶ ହେବ। ଏଥିରେ ଘରୋଇ କମ୍ପାନୀ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମଧ୍ୟ ଭୂମିକା ନେବେ। ଏଥିସହ ଭାରତ ଏବେ ସ୍ୱଦେଶୀ ଏଏମ୍‌ସିଏ ପଞ୍ଚମ ପିଢ଼ିର ଯୁଦ୍ଧବିମାନ ପ୍ରକଳ୍ପକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛି।



# ବକ୍ସାଇଟ ଆବଣ୍ଟନ ନେଇ ଧର୍ମେନ୍ଦ୍ରଙ୍କ ତଥ୍ୟ ଭ୍ରାମକ, ଅଭିସନ୍ଧିମୂଳକ: ବିଜେଡି

## ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ ନବୀନ

ଭୁବନେଶ୍ୱର,୨।୧୦(ସମିସ): ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଅପଦସ୍ଥ ହୋଇ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ ହୋଇଥିବା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ବକ୍ସାଇଟ୍ ଆବଣ୍ଟନକୁ ନେଇ ରଖିଥିବା ମତ ଭ୍ରମାତ୍ମକ ଓ ଅଭିସନ୍ଧିମୂଳକ। ସମ୍ପ୍ରତି ସଂଶୋଧିତ ଏମଏମଡିଆର ଆଇନକୁ ନେଇ ଡବଲ ଇଞ୍ଜିନ

**■ ୨୦୧୫ରେ ନବୀନ ସରକାର ଅମଳରେ ହିଁ ବାତିଲ ହୋଇଥିଲା ପୂର୍ବ ଚୁକ୍ତି**
**■ ୨୦୨୩ରେ ପୁରୁଣା ପ୍ରାଇସିଂ ଫର୍ମୁଲା ଲାଗୁ ଦାବିକୁ ଗ୍ରହଣ କରିନଥିଲା ଓଏମସି**

ସରକାର ସାରା ରାଜ୍ୟରେ ତୀବ୍ର ବିରୋଧର ସମ୍ମୁଖୀନ ହେବା ପରେ ଧର୍ମେନ୍ଦ୍ର ସଚେତନ ଓଡ଼ିଶାବାସୀଙ୍କୁ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇ ଭ୍ରମିତ କରିବା ପାଇଁ ବିକଳ ଉଦ୍ୟମ କରିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ବରିଷ୍ଠ ଗଣମାଧ୍ୟମ ସଂଯୋଜକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ୨୦୦୪ରେ ଓଏମସି ଓ ଏକ ଘରୋଇ କମ୍ପାନୀ ମଧ୍ୟରେ ଏକ ଚୁକ୍ତିରେ ୧୫୦ ନିୟୁତ ଟନ୍ ବକ୍ସାଇଟ୍ ଯୋଗାଣର ବ୍ୟବସ୍ଥା ରହିଥିଲା। ୨୦୧୫ରେ ଏହି ଚୁକ୍ତିକୁ ବାତିଲ କରିଦେଇଥିଲା। ୨୦୧୮ରେ ଲଙ୍ଗ ଟର୍ମ ଲିଙ୍କେଜ୍ ପଲିସି ଅନୁସାରେ ଓଏମସି ଓ ସମ୍ପୃକ୍ତ କମ୍ପାନୀ ମଧ୍ୟରେ ଏଲଟିଏଲ ବିକ୍ରି ଚୁକ୍ତି ହୋଇଥିଲା। ୨୦୧୯ରେ ମିନେରାଲ କନ୍‌ସେସନ ରୁଲ୍ସର ୪୫ରେ ପରିବର୍ତ୍ତନ ପରେ ଓଏମ୍‌ସି ବକ୍ସାଇଟ୍ ପ୍ରାଇସିଂ ମେକାନିଜିମ୍ ବଦଳାଇଥିଲା ଏବଂ ହାରାହାରି ବିକ୍ରି ମୂଲ୍ୟ ନିର୍ଦ୍ଧାରଣକୁ ନେଇ ସମ୍ପୃକ୍ତ କମ୍ପାନୀ ସହ ବିବାଦ ଆରମ୍ଭ ହୋଇଥିଲା। ୨୦୨୩ରେ ଓଏମସି ପୁରୁଣା ପ୍ରାଇସିଂ ଫର୍ମୁଲାକୁ ପୁଣି ଲାଗୁ କରିବା ପାଇଁ ସମ୍ପୃକ୍ତ କମ୍ପାନୀର ଦାବିକୁ ଗ୍ରହଣ କରିନଥିଲା। ଏହାପରେ ସମ୍ପୃକ୍ତ କମ୍ପାନୀ ହାଇକୋର୍ଟରେ ଡବ୍ଲୁପିସି ନଂ ୯୬୧୭/୨୦୨୩ ଦାଖଲ କରି ପୁରୁଣା ବ୍ୟବସ୍ଥାର ଲାଭ ଚାହିଁଥିଲା। ୨୯ ମାର୍ଚ୍ଚ ୨୦୨୩ରୁ କମ୍ପାନୀକୁ ଅନ୍ତରୀଣ ସୁରକ୍ଷା ମିଳିଥିଲା ଏବଂ ମାମଲାର ଚୂଡ଼ାନ୍ତ ଫଇସଲା ପର୍ଯ୍ୟନ୍ତ ଅନ୍ତରୀଣ ଦରରେ ବକ୍ସାଇଟ୍ ଉଠାଇବାର ସୁଯୋଗ ମିଳିଥିଲା। ୧ ଅକ୍ଟୋବର ୨୦୨୬ରେ ଓଡ଼ିଶା ହାଇକୋର୍ଟ ସମ୍ପୃକ୍ତ କମ୍ପାନୀର ଆବେଦନକୁ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ରମଣଙ୍କ ଖଣ୍ଡପୀଠ କହିଛନ୍ତି, ପୂର୍ବରୁ ବାତିଲ ହୋଇସାରିଥିବା ଚୁକ୍ତିକୁ ବହୁ ବର୍ଷ ପରେ ପୁଣି ସିଧା ବା ପରୋକ୍ଷ ଭାବେ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ କମ୍ପାନୀ ଦାବି କରିପାରିବ ନାହିଁ। ଓଏମ୍‌ସିର ହାରାହାରି




ବିକ୍ରି ମୂଲ୍ୟ ଆଧାରିତ କମ୍ପ୍ୟୁଟେସନକୁ ମଧ୍ୟ କୋର୍ଟ ଯୁକ୍ତିସଙ୍ଗତ ବୋଲି ମାନିଛନ୍ତି। ତେଣୁ ଏହି ବିବାଦର ସମୟସୀମାରେ ଦୁଇଟି ଭିନ୍ନ କଥାକୁ ଅଲଗା କରି ଦେଖିବା ଜରୁରୀ ବୋଲି ଶ୍ରୀ ଦାସ କହିଛନ୍ତି। ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ୨୦୨୬ରେ ହାଇକୋର୍ଟ ରାୟକୁ କେବଳ ବର୍ତ୍ତମାନର ମୋହନ ଚରଣ ମାଝୀ ସରକାର ସମ୍ପୃକ୍ତ କମ୍ପାନୀ ବିରୋଧରେ ନେଇଥିବା ନୂଆ ପଦକ୍ଷେପ ଭାବେ ଦେଖାଇବା ଅସମ୍ପୂର୍ଣ୍ଣ ହେବ। ଅଦାଲତରେ ବର୍ତ୍ତମାନର ରାଜ୍ୟ ସରକାର ପୁରୁଣା ଓଏମସି ନିଷ୍ପତ୍ତିକୁ ଡିଫେଣ୍ଡ କରିଥିଲେ ମଧ୍ୟ, ଯେଉଁ ୨୦୧୫ରେ ବାତିଲ, ୨୦୧୯ରେ ପ୍ରାଇସିଂ ଚେଞ୍ଜ ଓ ୨୦୨୩ର ବିବାଦରୁ ମାମଲାଟି ଆସିଥିଲା, ସେଗୁଡ଼ିକ ନବୀନ ପଟ୍ଟନାୟକଙ୍କ ସରକାର ସମୟର ଘଟଣା। ନବୀନ ବାବୁ କେନ୍ଦ୍ର ସରକାରକୁ ଚିଠି ଲେଖି କନର୍ଭସନ ଫ୍ୟାକ୍ଟରକୁ କମାଇ ଘରୋଇ କମ୍ପାନୀ ଚାହୁଁଥିବା ସର୍ବନିମ୍ନ ଦର ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ ବୋଲି ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଅଭିଯୋଗ କରିଛନ୍ତି, ତାହା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା। ୨୦୨୦ ମସିହାରେ ଭାରତୀୟ ଆଲୁମିନିୟମ ଇଣ୍ଡଷ୍ଟ୍ରି ଆସୋସିଏସନ୍ ଏଏସ୍‌ପି ଫର୍ମୁଲାରେ ଖଣି ମନ୍ତ୍ରଣାଳୟର କିଛି ବୈଷୟିକ ତ୍ରୁଟି ରହିଛି ବୋଲି ଏକ ସ୍ମାରକପତ୍ର ଦେଇଥିଲେ। ଏହି ଆଧାରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସ୍ୱାର୍ଥ ରକ୍ଷା ଲାଗି ଚିଠି ଲେଖି ତ୍ରୁଟି ସୁଧାରିବାକୁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ ଓଡ଼ିଶା ନୁହେଁ, ତତ୍କାଳୀନ ଗୁଜୁରାଟ ସରକାର ମଧ୍ୟ କେନ୍ଦ୍ର ଖଣି ମନ୍ତ୍ରଣାଳୟକୁ ସମାନ ଚିଠି ଲେଖିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଏକ କମିଟି ଗଠନ କରିଥିଲେ ଏବଂ ଏଏସ୍‌ପି ଫର୍ମୁଲାରେ ଆବଶ୍ୟକୀୟ ପରିବର୍ତ୍ତନ କରିଥିଲେ ବୋଲି ଡଃ ମହାନ୍ତି କହିଛନ୍ତି।

# ଜୟନ୍ତୀରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨।୧୦(ସମିସ):ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ମାନେ ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର

**ବିଧାନସଭା ପରିସରରେ ପୁଷ୍ପାର୍ଘ୍ୟ ଅର୍ପଣ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି**

ଶାସ୍ତ୍ରୀଙ୍କୁ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମହାନ ଯୁଗପୁରୁଷ ଦ୍ୱୟଙ୍କ ଅତୁଳନୀୟ ତ୍ୟାଗ, ନୈତିକତା ଏବଂ ଦେଶସେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚିର ପ୍ରେରଣାର ଉତ୍ସ।ମହାତ୍ମା ଗାନ୍ଧୀ କେବଳ ଭାରତକୁ ସ୍ୱାଧୀନତା ଦେଇ ନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ସେହିପରି ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଏବଂ ସଚ୍ଚୋଟତା ସମଗ୍ର ସମାଜ ପାଇଁ ଏକ ଶ୍ରେଷ୍ଠ ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଶାସ୍ତ୍ରୀଜୀଙ୍କ ନିଃସ୍ୱାର୍ଥପର ଦେଶସେବା ଏବଂ ତାଙ୍କର 'ଜୟ ଜବାନ, ଜୟ କିଷାନ'ର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଶକ୍ତି ସଞ୍ଚାର କରିଥିଲା ବୋଲି ସେ କହିଥିଲେ।ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରାମଧୂନ ପରିବେଷଣ କରାଯାଇଥିଲା। ବିଧାନସଭା ପରିସରରେ ଆୟୋଜିତ ପ୍ରାର୍ଥନା ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ହବିଷ୍ୟାଳି ବ୍ରତ ପାଇଁ ଅନଲାଇନ ଆବେଦନ ୬ରୁ

ପୁରୀ,୨।୧୦(ସମିସ): ପୁରୀରେ ନିଶୁଳ୍କ ହବିଷ୍ୟାଳି ବ୍ରତ ପାଇଁ ଅକ୍ଟୋବର ୬ରୁ ଅନଲାଇନ ଆବେଦନ ଆରମ୍ଭ ହେବ। ଚଳିତ ବର୍ଷ ଅକ୍ଟୋବର ୨୬ରୁ ନଭେମ୍ବର ୨୪ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ପାଳିବେ ହବିଷ୍ୟାଳି। ଏହି ପବିତ୍ର ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ଆୟୋଜିତ ହେଉଥିବା ହବିଷ୍ୟାଳି ଯୋଜନା ପାଇଁ ଆସନ୍ତା ଅକ୍ଟୋବର ୬ ତାରିଖରୁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି।

ପ୍ରଶାସନର ସୂଚନା ଅନୁଯାୟୀ, ଚଳିତ ବର୍ଷ ସମୁଦାୟ ୨୫୦୦ ହବିଷ୍ୟାଳିଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ସେମାନଙ୍କ ରହଣି ପାଇଁ ପୁରୀର ତିନୋଟି ପ୍ରମୁଖ ସ୍ଥାନ ଯଥା - ବୃନ୍ଦାବତୀ ନିବାସ, ପୌରସଂସ୍ଥା କଲ୍ୟାଣ ମଣ୍ଡପ ଏବଂ ରେଳବାଇ ଟୁରିଷ୍ଟ କମ୍ପ୍ଲେକ୍ସରେ ମାଗଣା ବ୍ୟବସ୍ଥା କରାଯିବ। ଏଥିସହିତ ପଞ୍ଜିକୃତ ହବିଷ୍ୟାଳିଙ୍କ ପାଇଁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଏବଂ ମାଗଣା ମହାପ୍ରସାଦ ସେବନର ମଧ୍ୟ ସୁବିଧା ରହିବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଇଚ୍ଛୁକ ମହିଳାମାନେ https://edistrict.odisha.gov.in ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିପାରିବେ।

# ଚମେଲି ମାମଲା ଖୋଳତାଡ଼ କରିବ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର,୨।୧୦(ସମିସ): ତିଖିରି ପଞ୍ଚାୟତର ସରପଞ୍ଚ ଚମେଲି ଓଝାଙ୍କ ଉପରେ ମହାକାଳପଡ଼ା ବିଡିଓ କାର୍ଯ୍ୟାଳୟରେ ହୋଇଥିବା ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗର ତଦନ୍ତ କରିବ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି)। ଘଟଣାର ଅନୁଧ୍ୟାନ ପାଇଁ କମିଶନର ୩ ଜଣିଆ ଟିମ୍ ଅକ୍ଟୋବର ୫ରେ କେନ୍ଦ୍ରାପଡ଼ା ଆସିବ। ଏନ୍‌ଏଚ୍‌ଆର୍‌ସି ମୁଖ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଯାଇଛି। ଗସ୍ତ ସମୟରେ ଟିମ୍ ଘଟଣା ସହ ଜଡ଼ିତ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିବା ସହ ସମ୍ପୃକ୍ତ ଦଲିଲ ଓ ତଦନ୍ତର ଅଗ୍ରଗତି ଯାଞ୍ଚ କରିବ। ଗତ ଜୁନ୍ ୧୧ରେ ମହାକାଳପଡ଼ା ବିଡିଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚମେଲି ଓଝାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନ୍‌ଏଚ୍‌ଆର୍‌ସି ଟିମ୍ ମହାକାଳପଡ଼ା ପୁଲିସ ଅଧିକାରୀ, ବିଡିଓ ଓ କାର୍ଯ୍ୟାଳୟ କର୍ମଚାରୀ, ପ୍ରତ୍ୟକ୍ଷଦର୍ଶୀ, ତଦନ୍ତକାରୀ ଅଧିକାରୀ (ଆଇଓ) ଏବଂ ପୀଡ଼ିତାଙ୍କୁ ପରୀକ୍ଷା କରିଥିବା ଡାକ୍ତରଙ୍କ ବୟାନ ନେଇପାରେ। ଘଟଣାର ପୃଷ୍ଠଭୂମି, ପୁଲିସ ତଦନ୍ତ ଓ ଅଭିଯୋଗ ପରେ ନିଆଯାଇଥିବା ପଦକ୍ଷେପ ମଧ୍ୟ ଯାଞ୍ଚ କରାଯିବା ସମ୍ଭାବନା ରହିଛି। ଅକ୍ଟୋବର ୫ର ତଦନ୍ତ ପରେ କମିସନଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ନଜର ରହିଛି।

# ବିଜେଡି ମିଡିଆ ସେଲ୍ ପୁନର୍ଗଠିତ

ଭୁବନେଶ୍ୱର,୨।୧୦(ସମିସ): ବିଜୁ ଜନତା ଦଳର ମିଡିଆ ସେଲ୍‌କୁ ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବରୁ ଜାରି ସମସ୍ତ ନିର୍ଦ୍ଦେଶନାମାକୁ ରଦ୍ଦ କରି ନୂଆ ମିଡିଆ ସେଲ୍ ଗଠନ କରାଯାଇଛି। ମିଡିଆ ସେଲ୍‌କୁ ପ୍ରଭାବୀ କରିବା ପାଇଁ ବୈଦ୍ୟୁତିକ ଗଣମାଧ୍ୟମ, ଛାପା ଗଣମାଧ୍ୟମ ଓ ସୋସିଆଲ୍ ମିଡିଆ ଟିମ୍‌କୁ ପୃଥକ ପୃଥକ ନେତୃବୃନ୍ଦଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଏହି ଟିମ୍‌ରେ ଅଭିଜ୍ଞ ଓ ବରିଷ୍ଠ ରାଜନେତାଙ୍କ ସମେତ ଯୁବ ଚେହେରାଙ୍କୁ ମଧ୍ୟ ସ୍ଥାନ ଦିଆଯାଇଛି। ଏହାସହିତ ଦଳର ୫ ଜଣ ରାଜ୍ୟସଭା ସାଂସଦଙ୍କ ସମେତ ମୋଟ୍ ୧୦ ଜଣଙ୍କୁ ଜାତୀୟ ମୁଖପାତ୍ର ଭାବେ ଦାୟିତ୍ୱ ଦିଆଯାଇଛି। ମିଡିଆ ସେଲ୍‌କୁ ୮ ଟି ଶାଖାରେ ବିଭକ୍ତ କରାଯାଇଥିବା ବେଳେ ଏଥିରେ ମୋଟ୍ ୧୦୫ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ଦଳ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି, "ଇଲେକ୍ଟ୍ରୋନିକ୍ ମିଡିଆ" ପାଇଁ ଡଃ ଅରୁଣ କୁମାର ସାହୁ ମୁଖ୍ୟ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଏହାସହିତ ବରିଷ୍ଠ ସଂଯୋଜକ ଭାବେ ଦେବେଶ ଆଚାର୍ଯ୍ୟ ଏବଂ ସଂଯୋଜକ ଭାବେ ଲେନିନ ମହାନ୍ତି ନିଯୁକ୍ତ ହୋଇଛନ୍ତି। ସେହିପରି "ପ୍ରିଣ୍ଟ ମିଡିଆ" ପାଇଁ ସଞ୍ଜୟ କୁମାର ଦାସବର୍ମାଙ୍କୁ ମୁଖ୍ୟ ସଂଯୋଜକ ନିଯୁକ୍ତ କରାଯାଇଥିବା ବେଳେ ଗୌତମ ବୁଦ୍ଧ ଦାସଙ୍କୁ ବରିଷ୍ଠ ସଂଯୋଜକ ଓ ପ୍ରିୟବ୍ରତ ମାଝୀଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। "ସୋସିଆଲ୍ ମିଡିଆ ଓ ଆଇଟି" ପାଇଁ ପ୍ରତାପ ଜେନା ମୁଖ୍ୟ ସଂଯୋଜକ ନିଯୁକ୍ତ ହୋଇଥିବା ବେଳେ ପ୍ରଣବ କୁମାର ବଳବନ୍ତରାୟ ବରିଷ୍ଠ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଏହାସହିତ ସ୍ୱର୍ଣ୍ଣ ପ୍ରକାଶ ମହାପାତ୍ର ସୋସିଆଲ୍




ମିଡିଆ ସଂଯୋଜକ ଏବଂ ଅମରେଶ ପତ୍ରି ଆଇଟି ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ୧୦ ଜଣ ଜାତୀୟ ମୁଖପାତ୍ରଙ୍କ ମଧ୍ୟରେ ଡଃ ସନ୍ତୃପ୍ତ ମିଶ୍ର, ଡଃ ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, କଳିକେଶ ନାରାୟଣ ସିଂହଦେଓ, ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝୀ, ଡଃ ଲେଖାଶ୍ରୀ ସାମନ୍ତସିଂହାର ଏବଂ ଭୃଗୁ ବକ୍ସିପାତ୍ର ରହିଛନ୍ତି।

ସେହିପରି ଓଡ଼ିଶା ପାଇଁ ରାଜ୍ୟ ମୁଖପାତ୍ର ଭାବେ ୩୦ ଜଣ ନେତା ଓ ନେତ୍ରୀଙ୍କୁ ଦାୟିତ୍ୱ ମିଳିଛି। ଏମାନଙ୍କ ମଧ୍ୟରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରିନାରାୟଣ ପାତ୍ର, ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ଅଶ୍ୱିନୀ କୁମାର ପାତ୍ର, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ନିରଞ୍ଜନ ପୂଜାରୀ, ପ୍ରଦୀପ କୁମାର ଅମାତ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଣବ ପ୍ରକାଶ ଦାସ, ଚନ୍ଦ୍ରଶେଖର ସାହୁ, ସୁଦାମ ମାର୍ଣ୍ଡି, ଦିବ୍ୟଶଙ୍କର ମିଶ୍ର, ଶାରଦା ପ୍ରସାଦ ନାୟକ, ରମେଶ ମାଝୀ, ପ୍ରୀତିରଞ୍ଜନ ଘଡ଼ାଇ, ଟୁକୁନି ସାହୁ, ସ୍ନେହାଙ୍ଗିନୀ ଛୁରିଆ, ରୋହିତ ପୂଜାରୀ, ରାଜେନ୍ଦ୍ର କୁମାର ସାହୁ, ବ୍ୟୋମକେଶ ରାୟ, ସୁଲୋଚନା ଦାସ, ସୁବାସ ସିଂହ, ସର୍ମିଷ୍ଠା ସେଠୀ, ଲୋପାମୁଦ୍ରା ବକ୍ସିପାତ୍ର, ରଞ୍ଜିତା ସାହୁ, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ନିଯୁକ୍ତ ହୋଇଛନ୍ତି।

**■ ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ସୋସିଆଲ୍ ମିଡିଆ ପାଇଁ ପୃଥକ୍ ଟିମ୍**
**■ ୧୦ ଜାତୀୟ ମୁଖପାତ୍ରଙ୍କ ସହ ମୋଟ୍ ୧୦୫ ଜଣଙ୍କୁ ଦାୟିତ୍ୱ**
**■ ୩୦ ଜଣିଆ ମୁଖପାତ୍ର ତାଲିକାରେ ଅଭିଜ୍ଞ ଓ ଯୁବ ଚେହେରା**
**■ ସୋସିଆଲ୍ ମିଡିଆ ଓ ଆଇଟି ପାଇଁ ଷ୍ଟିୟରିଂ କମିଟି ଗଠିତ**

୨୦ ବରିଷ୍ଠ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତି ପାଇଥିବା ବେଳେ ଏମାନଙ୍କ ମଧ୍ୟରେ ଗଣେଶ୍ୱର ବେହେରା, ଧ୍ରୁବ ଚରଣ ସାହୁ, ମହେଶ ସାହୁ, ରବି ନାରାୟଣ ନନ୍ଦ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରଶାନ୍ତ କୁମାର ମୁଦୁଲି, ଜଗନ୍ନାଥ ସାରକା, ସୁଧୀର କୁମାର ସାମଲ, ମାଧବ ସର୍ଦ୍ଦାର, ଉମାକାନ୍ତ ସାମନ୍ତରାୟ, ଶ୍ରୀକାନ୍ତ ସାହୁ, ଶାରଦା ପ୍ରସନ୍ନ ଜେନା, ମାନସ ମାଡକାମୀ, ପ୍ରଦୀପ କୁମାର ଦିଶାରୀ, ପ୍ରଦୀପ କୁମାର ସାହୁ, ବିଜୟ ନାୟକ, ମିନତୀ ବେହେରା, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା ଓ ମିହିର ରାୟ ରହିଛନ୍ତି। ବିଜେଡି "ସୋସିଆଲ୍ ମିଡିଆ ଷ୍ଟିୟରିଂ କମିଟି"ରେ ପ୍ରୀତିରଞ୍ଜନ ଘଡ଼ାଇ, ସୁଲତା ଦେଓ, ବ୍ୟୋମକେଶ ରାୟ, ସ୍ୱରୂପ ଦାସ, ଅନନ୍ତ ନାରାୟଣ ଜେନା, ନଳିନୀକାନ୍ତ ପ୍ରଧାନ, ରୁପେଶ କୁମାର ପାଣିଗ୍ରାହୀ, ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ବର୍ଷା ସିଂହ ବରିହା, ସୁନୀଲ ମହାନ୍ତି, ସୁଦର୍ଶନ ହରିପାଲ, ସଞ୍ଜୀବ ମଲ୍ଲିକ, ରଞ୍ଜିତା ସାହୁ, ମନ୍ମଥ ରାଉତରାୟ, ଅବିନାଶ ସାମଲ, ସୁଜାତା ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସରୋଜ ମେହେର, ମୁକେଶ କୁମାର ପାଲ ଓ ରୁଦ୍ର ପ୍ରତାପ ମହାରଥୀ ପ୍ରମୁଖ ରହିଛନ୍ତି। ସେହିପରି ବିଜେଡି "ଆଇଟି ଷ୍ଟିୟରିଂ କମିଟି"ରେ ତୁଷାରକାନ୍ତି ବେହେରା, ଚନ୍ଦ୍ର ସାରଥି ବେହେରା, ସୁଶାନ୍ତ ରାଉତ, ବିଭୂତି ଭୂଷଣ ବଳବନ୍ତରାୟ, ଅଧିରାଜ ପାଣିଗ୍ରାହୀ, ମାଧବ ଧଡ଼ା, ସୁକାନ୍ତ ନାୟକ, ଅଭିମନ୍ୟୁ ସେଠୀ, ପ୍ରଶାନ୍ତ ବେହେରା, ବିଶ୍ୱରଞ୍ଜନ ମଲ୍ଲିକ, ରୋହିତ ଜୋସେଫ ତିର୍କୀ, ମନୋରମା ମହାନ୍ତି, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିପ୍ଳବ ପାତ୍ର ଓ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ରହିଛନ୍ତି। ଏହି ନୂଆ ମିଡିଆ ସେଲ୍ ନେଇ ଜାରି ବିଜ୍ଞପ୍ତି ତତ୍କାଳ ପ୍ରଭାବରେ କାର୍ଯ୍ୟକାରୀ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ପୁଣି ବ୍ୟାଙ୍କକ୍‌କୁ ବିମାନ ଉଡ଼ାଣ

ଭୁବନେଶ୍ୱର,୨।୧୦(ସମିସ): ଅକ୍ଟୋବର ୨ରୁ ଭୁବନେଶ୍ୱରରୁ ବ୍ୟାଙ୍କକକୁ ପାଇଁ ପୁଣି ବିମାନ ସେବା ଆରମ୍ଭ ହୋଇଛି। ଏହି ସେବା ସପ୍ତାହକୁ ଦୁଇ ଥର ଚାଲିବ। ବିମାନ ନମ୍ବର ୧୦୬୫ ରାତି ୧୧ଟା୫ରେ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରିବା ନେଇ ସମୟ ଧାର୍ଯ୍ୟ ହୋଇଛି। ଏହାସହିତ ବ୍ୟାଙ୍କକରୁ ଶନିବାର ସକାଳ ସାଢେ ୫ଟାରେ ବିମାନ ଭୁବନେଶ୍ୱର ଅଭିମୁଖେ ବାହାରିବ। ଶୁକ୍ରବାର ଓ ଶନିବାର ଏବଂ ସୋମବାର ଓ ମଙ୍ଗଳବାର ବିମାନ ସେବା ଜାରି ରହିବ। ଆସନ୍ତା ୨୫ ତାରିଖରୁ ଏହି ବିମାନ ରାତି ବଦଳରେ ଦିନରେ ଚାଲିବ। ଶୀତଋତୁ ସିଡ୍ୟୁଲ ଆସିଲା ପରେ ଦିନ ୧୧ରେ ବିମାନ ଭୁବନେଶ୍ୱର ପହଁଞ୍ଚିବ ଓ ଦିନ ୧ଟାରୁ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରିବ।

ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦରରୁ ବ୍ୟାଙ୍କକ ସମେତ କ୍ୱାଲାଲାମ୍ପୁର, ଦୁବାଇ ଓ ୟୁଏଇ ଆଦିକୁ ଅନ୍ତର୍ଜାତୀୟ ବିମାନ ସେବା ଜାରି ରହିଥିଲା। ମାତ୍ର ଧୀରେ ଧୀରେ ଏଗୁଡ଼ିକ ବନ୍ଦ ହୋଇଯିବା ପରେ ଗତ କିଛି ମାସ ହେବ ଭୁବନେଶ୍ୱର ବିମାନବନ୍ଦରରୁ କୌଣସି ବିମାନ ଅନ୍ତର୍ଜାତୀୟ ଉଡ଼ାଣ କରୁ ନାହିଁ। ଏବେ ବ୍ୟାଙ୍କକ ବିମାନ ସେବା ଚାଲୁ ହେବା ପରେ ଓଡିଶା ତଥା ଭୁବନେଶ୍ୱର ବିମାନ ବନ୍ଦର ପାଇଁ ପୁଣି ସନ୍ତୋଷ ଜନକ ଖବର ଆସିଛି। ବ୍ୟାଙ୍କକ ପାଇଁ ଭୁବନେଶ୍ୱରରୁ



ଭଲ ଯାତ୍ରୀ ହେଉଛନ୍ତି। ଆଗାମୀ ଦିନରେ ଦୁବାଇ ବିମାନ ସେବା ଲାଗି ଷ୍ଟାର୍ଟ କରିବା ଲାଗି ଚେଷ୍ଟା କରାଯାଉଛି। ସେଠାକାର ସ୍ଥିତି ଧୀରେ ସୁଧାର ଆସୁଛି। ଏବେ ସିଙ୍ଗାପୁର ପାଇଁ ଯାତ୍ରୀଙ୍କ ଲୋଡ଼ ନାହିଁ। ଏୟାରଲାଇନସ ରାଜି ହେବା ପରେ ସିଙ୍ଗାପୁରକୁ ବିମାନ ଉଡ଼ିବ ବୋଲି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରଶନ ପ୍ରଧାନ କହିଛନ୍ତି।

# ଦଶହରା ପୂର୍ବରୁ ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ

ଭୁବନେଶ୍ୱର,୨।୧୦(ସମିସ): ଦଶହରା ପୂର୍ବରୁ ରାଜ୍ୟର ବନ୍ୟା ଓ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ କ୍ଷତିପୂରଣ ଦିଆଯିବ। ପୂଜା ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସହାୟତା ପହଞ୍ଚାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବନ୍ୟା ଓ ବର୍ଷାଜନିତ କ୍ଷୟକ୍ଷତି ନେଇ ମନ୍ତ୍ରୀ ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାପାଳଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ମିଳିବା ପରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସହାୟତା ରାଶି

**■ ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ମିଳିଲେ ଖାତାକୁ ଯିବ ସହାୟତା**
**■ ୨୮ ଜିଲ୍ଲାର ୩୭ ଲକ୍ଷ ପ୍ରଭାବିତ, ୨ ଲକ୍ଷ ହେକ୍ଟରରୁ ଅଧିକ ଚାଷଜମି କ୍ଷତି**

ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଚଳିତ ମୌସୁମୀ ଋତୁରେ ଲଗାଣ ବର୍ଷା ଓ ଲଘୁଚାପଜନିତ ବର୍ଷାରେ ପ୍ରାୟ ୨୮ ଜିଲ୍ଲାର ପ୍ରାୟ ୩୭ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହିତ ବନ୍ୟାରେ ୨ ଲକ୍ଷ ହେକ୍ଟରରୁ ଅଧିକ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ଆକଳନ ସହ ରିଲିଫ୍ ପ୍ରକ୍ରିୟା ଜାରି ରହିଛି। ବନ୍ୟା ପରିସ୍ଥିତିର ମୁକାବିଲା ଓ ପ୍ରଭାବିତଙ୍କୁ ସହାୟତା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ପ୍ରାୟ ୨୬୧ କୋଟି ଟଙ୍କାର ସହାୟତା ମଞ୍ଜୁର ହୋଇଛି। ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ଓ ଯୋଗ୍ୟତା ଯାଞ୍ଚ ପରେ ଏହି ସହାୟତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# କେବିସି ହଟ୍‌ସିଟ୍‌ରେ ମୟୂରଭଞ୍ଜ ଝିଅ ସୋନାଲି ଜିତିଲେ ସାଢ଼େ ୧୨ ଲକ୍ଷ ଟଙ୍କା

ବାରିପଦା/ଉଦଳା, ୨।୧୦(ସମିସ): ନିଷ୍ଠା, ଧୈର୍ଯ୍ୟ ଓ ଅଧ୍ୟବସାୟ ବଳରେ ପିଲାଦିନର ସ୍ୱପ୍ନକୁ ସାକାର କରି ଦେଖାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ଝିଅ ସୋନାଲି ଶେଷାଦ୍ରୀ। ଟେଲିଭିଜନର ସବୁଠାରୁ ଲୋକପ୍ରିୟ କୁଇଜ୍ ଶୋ' "କୌନ ବନେଗା କରୋଡପତି' (କେବିସି) ର ହଟ୍‌ସିଟ୍‌ରେ ବସି ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନଙ୍କ ସମ୍ମୁଖରେ ସେ ନିଜ ଦକ୍ଷତା ପ୍ରଦର୍ଶନ କରିବା ସହ ସାଢ଼େ ୧୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଜିତି ଅଞ୍ଚଳ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଛୋଟ ବେଳୁ ବାପାଙ୍କ ଉପରେ ଟ୍ରକ୍ ମାଡିଯିବା ପରେ ଦୁର୍ଦ୍ଦିନରେ ବଡ଼ ହୋଇ ପେଶାରେ ଡାକ ବିଭାଗରେ ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଭାବେ କାର୍ଯ୍ୟରତ ସୋନାଲିଙ୍କ ପିଲାଟି ଦିନରୁ କେବିସିରେ ଭାଗ ନେବା ପାଇଁ ଲକ୍ଷ୍ୟ ଥିଲା। ଏଥିପାଇଁ ସେ ଗତ ଜାନୁଆରୀ ମାସରେ ପଞ୍ଜୀକରଣ (ରେଜିଷ୍ଟ୍ରେସନ) କରିଥିଲେ। ପରେ ମାର୍ଚ୍ଚ ମାସରେ ମନୋନୀତ ହୋଇ ଜୁନ୍ ମାସରେ କୋଲକାତାରେ ଅଡିସନ୍ ଦେଇଥିଲେ। ଅଡିସନରେ ସଫଳ ହେବା ପରେ ଗତ ସେପ୍ଟେମ୍ବର ୧୭ ତାରିଖରେ ମୁମ୍ବାଇରେ କେବିସିର ହଟ୍‌ସିଟ୍‌ରେ ଅମିତାଭ ବଚ୍ଚନଙ୍କ ସାମ୍ନାରେ ବସି ଖେଳିବାର ସୁଯୋଗ ପାଇଥିଲେ। ମୋଟ ୧୬ଟି ପ୍ରଶ୍ନ ମଧ୍ୟରୁ ସୋନାଲି ଗୋଟିଏ ପରେ ଗୋଟିଏ ୧୨ଟି ପ୍ରଶ୍ନର ସଠିକ୍ ଉତ୍ତର ଦେଇଥିଲେ। ତେବେ ପରବର୍ତ୍ତୀ ପ୍ରଶ୍ନରେ କୌଣସି ବିପଦ ନ ନେଇ ସେ ନିଜ ତରଫରୁ ଖେଳ ସମାପ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ସାଢ଼େ ୧୨ ଲକ୍ଷ ଟଙ୍କା ନିଜ ନାମରେ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ଶୋ'



**■ ପିଲାଦିନର ସ୍ୱପ୍ନ କଲେ ସାକାର**
**■ ଅମିତାଭଙ୍କ ସାମ୍ନାରେ ଦେଖାଇଲେ ବୁଦ୍ଧିମତ୍ତା**

ସୁଟିଂ ସମୟରେ ଅମିତାଭ ବଚ୍ଚନ ତାଙ୍କ ସହ ବେଶ୍ ହସମଜା କରିବା ସହ ତାଙ୍କ ପାରିବାରିକ ସ୍ଥିତି ଓ ସଂଘର୍ଷ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଷ୍ଟୁଡିଓରେ ସୋନାଲିଙ୍କ ସହିତ ତାଙ୍କ ମା' ରୀନା ଦଳେଇ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏହି ସଫଳତା ପରେ ଖୁଣ୍ଟା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଝିଅର ଏହି ସଫଳତାରେ ଘରୋଇ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଉଭୟ ବାପା ଓ ମାଆ ଅତ୍ୟନ୍ତ ଆନନ୍ଦିତ ଥିବା ପ୍ରକାଶ କରିଛନ୍ତି। ସୋନାଲିଙ୍କ ଏହି ଯାତ୍ରା ଗ୍ରାମାଞ୍ଚଳର ଅନ୍ୟ ଯୁବପିଢ଼ିଙ୍କ ପାଇଁ ବଡ଼ ପ୍ରେରଣା ସାଜିଛି।

# ୨୦୬୫ ସୁଦ୍ଧା 'ଅତି ବୁଢ଼ା' ହୋଇଯିବ ଭାରତ

ନୂଆଦିଲ୍ଲୀ, ୨।୧୦: ଦ୍ରୁତ ହାରରେ ବଦଳୁଛି ଭାରତର ଜନସଂଖ୍ୟାର ଡେମୋଗ୍ରାଫି। ଦେଶରେ ପ୍ରଜନନ ହାର ହ୍ରାସ ପାଉଥିବାବେଳେ ବୟସ୍କ ଲୋକଙ୍କ ସଂଖ୍ୟା ବଢୁଛି। ଫଳରେ ଆଗାମୀ ଦୁଇ ଦଶନ୍ଧିରେ ଭାରତର ଅର୍ଥନୀତି ଉପରେ ଶ୍ରମଶକ୍ତି ହ୍ରାସ, ପେନ୍‌ସନ୍, ସ୍ୱାସ୍ଥ୍ୟସେବା ଓ ସରକାରୀ ଆର୍ଥିକ ବ୍ୟବସ୍ଥାର ଚାପ ବଢ଼ିପାରେ ବୋଲି ବିଶ୍ୱ ରେଟିଂ ଏଜେନ୍ସି ମୁଡିଜ୍ ଆକଳନ କରିଛି।

ମୁଡିଜ୍‌ର ବିଶ୍ୱ ଜନସାଂଖ୍ୟିକ ରିପୋର୍ଟ ଅନୁଯାୟୀ କୌଣସି ସମାଜରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ଅଂଶ ୧୪ ପ୍ରତିଶତ ହେଲେ 'ବୃଦ୍ଧ ସମାଜ' ଏବଂ ୨୧ ପ୍ରତିଶତ ହେଲେ 'ଅତି ବୃଦ୍ଧ ସମାଜ' ଭାବେ ବର୍ଗୀକୃତ କରାଯାଏ। ଆକଳନ ଅନୁସାରେ ୨୦୪୯ ସୁଦ୍ଧା ଭାରତ 'ବୃଦ୍ଧ ସମାଜ' ଏବଂ ପ୍ରାୟ ୨୦୬୫ ସୁଦ୍ଧା 'ଅତି ବୃଦ୍ଧ ସମାଜ'ରେ ପରିଣତ ହୋଇପାରେ। ମୁଡିଜ୍ ରିପୋର୍ଟ ଅନୁଯାୟୀ, 'ବୃଦ୍ଧ'ରୁ 'ଅତି ବୃଦ୍ଧ' ସମାଜରେ ପହଞ୍ଚିବା ପାଇଁ ଭାରତକୁ ପ୍ରାୟ ୧୬ ବର୍ଷ ଲାଗିପାରେ। ଏଥିପାଇଁ ଆମେରିକାକୁ ପ୍ରାୟ ୧୯ ବର୍ଷ ଏବଂ ଇଣ୍ଡୋନେସିଆକୁ ୨୯ ବର୍ଷ ଲାଗିବ ବୋଲି ଆକଳନ କରାଯାଇଛି। ଆମେରିକା ୨୦୩୩-୩୪ ଏବଂ ଇଣ୍ଡୋନେସିଆ ୨୦୭୭-୭୮ ସୁଦ୍ଧା 'ଅତି ବୃଦ୍ଧ' ସମାଜରେ ପହଞ୍ଚିପାରନ୍ତି। ଭାରତର ପ୍ରଜନନ ହାର ଏବେ ୨.୧ରୁ ତଳକୁ ଖସିଛି। ଶିକ୍ଷାର ପ୍ରସାର, ମହିଳାଙ୍କ ଶ୍ରମବଜାରରେ ଅଂଶଗ୍ରହଣ, ବିବାହ ଓ ପରିବାର ଗଠନରେ ବିଳମ୍ବ ଏବଂ ଘର, ଶିକ୍ଷା, ଶିଶୁ ଯତ୍ନ ଓ ସ୍ୱାସ୍ଥ୍ୟସେବାର ବଢୁଥିବା ଖର୍ଚ୍ଚ ଏହାର ପ୍ରମୁଖ କାରଣ ଭାବେ ରିପୋର୍ଟରେ ଉଲ୍ଲେଖ ହୋଇଛି। ଅର୍ଥନୈତିକ ଅନିଶ୍ଚିତତା, ଭୂ-ରାଜନୈତିକ ଅସ୍ଥିରତା ଓ ଭବିଷ୍ୟତ ନେଇ ଚିନ୍ତା ମଧ୍ୟ ପରିବାରର ଆକାର ସମ୍ପର୍କିତ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା କେତେକ ଗବେଷକଙ୍କ ମତ ବୋଲି ମୁଡିଜ୍ କହିଛି।



ମୁଡିଜ୍‌ର ତୁଳନାତ୍ମକ ବିଶ୍ଳେଷଣରେ ବିଶ୍ୱର୧୯ଟି ଅର୍ଥନୀତି ମଧ୍ୟରେ ଭାରତର ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୩୨ ପ୍ରତିଶତ ରହିଛି, ଯାହା ସବୁଠାରୁ କମ୍। ତେଣୁ ଶ୍ରମଶକ୍ତି ବୃଦ୍ଧି ପାଇଁ ଭାରତ ପାଖରେ ବ୍ୟାପକ ସୁଯୋଗ ରହିଛି । ତେବେ ଜନସଂଖ୍ୟାର ବୟସ ବଢ଼ିବା ସହ ଶ୍ରମଶକ୍ତି ବୃଦ୍ଧି ଧୀର ହେବ। ଫଳରେ ଉତ୍ପାଦନ କ୍ଷମତା ସୀମିତ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉତ୍ପାଦକତା ଉପରେ ଅଧିକ ନିର୍ଭର କରିବାକୁ ପଡ଼ିପାରେ। ବୟସ୍କ ଜନସଂଖ୍ୟା ବଢ଼ିଲେ ପେନ୍‌ସନ୍, ସ୍ୱାସ୍ଥ୍ୟସେବା ଓ ଦୀର୍ଘମିଆଦୀ ଯତ୍ନ ପାଇଁ ସରକାରୀ ବ୍ୟୟ ବଢ଼ିବ। ଏହା ସରକାରୀ ଆର୍ଥିକ ବ୍ୟବସ୍ଥା ଉପରେ ମଧ୍ୟ ଚାପ ପକାଇବ। ଅନ୍ୟପକ୍ଷରେ ବୃଦ୍ଧ ପରିବାର ବଢ଼ିବା ସହ ଉପଭୋଗ ଢାଞ୍ଚାରେ ପରିବର୍ତ୍ତନ ଆସିବ। ବୟସ୍କଙ୍କ ଆବଶ୍ୟକତା ଅନୁସାରେ ସ୍ୱାସ୍ଥ୍ୟ, ଆର୍ଥିକ ସେବା ଓ ଦୀର୍ଘମିଆଦୀ ଯତ୍ନ ସମ୍ପର୍କିତ ବଜାରରେ ଚାହିଦା ବଢ଼ିବ।

ଜାପାନରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ଅଂଶ ପ୍ରାୟ ୩୦ ପ୍ରତିଶତ ରହିଛି। ଦକ୍ଷିଣ କୋରିଆ ମଧ୍ୟ ଦ୍ରୁତ ଭାବେ ଏହି ଦିଗରେ ଆଗକୁ ବଢୁଥିବାବେଳେ ଚୀନ୍‌ରେ ମଧ୍ୟ ବୟସ୍କ ଜନସଂଖ୍ୟା ବଢୁଛି। ମୁଡ଼ିଜ୍ ରିପୋର୍ଟରେ କୁହାଯାଇଛି ଯେ, ନୀତିଗତ ପଦକ୍ଷେପ ଓ ପ୍ରଯୁକ୍ତି ବୟସ୍କ ଜନସଂଖ୍ୟା ସହ ଅର୍ଥନୀତିକୁ ଖାପ ଖୁଆଇବାରେ ସହାୟକ ହୋଇପାରେ। ଶ୍ରମଶକ୍ତି ବଢ଼ାଇବା, ଉତ୍ପାଦକତା ବୃଦ୍ଧି ଓ ପ୍ରତିଷ୍ଠାନଗତ ସୁଧାର ମାଧ୍ୟମରେ ଜନସାଂଖ୍ୟିକ ପରିବର୍ତ୍ତନର ଆର୍ଥିକ ପ୍ରଭାବକୁ ପରିଚାଳନା କରିବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

# କାର୍ ଭିତରେ ଯୁବକଙ୍କୁ ହତ୍ୟା



## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ

**ରାଉରକେଲା, ୨।୧୦(ସମିସ)**

ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଭୋଜପୁର ନିକଟସ୍ଥ ବିଜୁ ଏକ୍ସପ୍ରେସ ୱେ ସର୍ଭିସ୍ ରୋଡରେ ଠିଆ ହୋଇଥିବା ଏକ କାରରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଯୁବକ ଜଣକ ସୁନ୍ଦରଗଡ଼ର ରଙ୍ଗାଡ଼ିପା ଅଞ୍ଚଳର ଅଭିଜିତ ନାଏକ। ତାଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ଥିବାରୁ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଜିତ ବୁଧବାର ରାତିରେ ନିଜ ସାଙ୍ଗମାନଙ୍କ ସହିତ ଏକ ବାଇକ୍ ଯୋଗେ ଘରୁ ବାହାରିଥିଲେ। ମାତ୍ର ଗୁରୁବାର ଏକ କାର୍ ଭିତରୁ ତାଙ୍କ ମୃତଦେହ ମିଳିବା ଘଟଣା ସମସ୍ତଙ୍କୁ ଚକିତ କରିବା ସହ ସନ୍ଦେହ ଘେରକୁ ଆସିଛନ୍ତି। ପରିବାର ଲୋକେ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି କହିଛନ୍ତି। ଅଭିଜିତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଏକାଧିକ କ୍ଷତଚିହ୍ନ ଥିବା ଦର୍ଶାଇ ପରିବାରବର୍ଗ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ଅନ୍ୟପକ୍ଷରେ, ଘଟଣାର ନିରପେକ୍ଷ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର କହିଛନ୍ତି। ଘଟଣାସ୍ଥଳ ସମେତ ଅଭିଜିତ ଘରୁ ବାହାରିଥିବା ରାସ୍ତାର ସମସ୍ତ ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ଶବ ଇନକ୍ୱେଷ୍ଟ ପରେ ବ୍ୟବଚ୍ଛେଦ କରାଯାଇଛି। ଅଭିଜିତର ବାଇକ୍‌କୁ ମଧ୍ୟ ଉଦ୍ଧାର କରାଯାଇଛି। ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି ଏବଂ ଯୁବକଙ୍କ ମୃତ୍ୟୁ ପଛର କାରଣ ଖୋଜିବା ପାଇଁ ବିଭିନ୍ନ ଦିଗରୁ ଯାଞ୍ଚ ଚଳାଇଛି। ମୃତ୍ୟୁର ପ୍ରକୃତ କାରଣ ଏବଂ ଘଟଣାକ୍ରମ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନଥିବା ବେଳେ ଏହା ଏକ

# ହୋ ଭାଷାକୁ ସ୍ୱୀକୃତି ନିମନ୍ତେ ଦାବିପତ୍ର




**ରାଉରକେଲା, ୨।୧୦(ସମିସ):** ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିଙ୍କ ପରାମର୍ଶରେ ସୁନ୍ଦରଗଡ଼ ଜିଲ୍ଲା ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଣାଇଁ ସବଡିଭିଜନର ୪ଟି ବ୍ଲକ ବଣାଇଁ, ଲହୁଣୀପଡ଼ା, କୋଇଡ଼ା, ଗୁରୁଣ୍ଡିଆର ଆଦିମ ଆଦିବାସୀ ହୋ ଭାଷାଭାଷୀ (ହୋ, ମୁଣ୍ଡା) ସମ୍ପ୍ରଦାୟର ଶତାଧିକ ଲୋକ ବଣାଇଁର ବାବା ବାଣେଶ୍ୱର ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ହୋ ଭାଷାକୁ ଓଡ଼ିଶାର ୨ୟ ରାଜ୍ୟ ଭାଷାରେ ସାମିଲ କରିବା ଏବଂ ଏହି ଭାଷାକୁ ଭାରତୀୟ ସମ୍ବିଧାନର ୮ମ ଅନୁସୂଚୀରେ ସାମିଲ କରିବା ଦାବିରେ ଉକ୍ତ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଏବଂ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲା କମିଟିର କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଶୁଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସମ୍ପାଦକ ଗିରିଶ ସାୟାଁ, ଆୟୋଜକ ଯମୁନା ଗାଗରାଇ, ରାଜ୍ୟ କମିଟିର ସହ ସଭାପତି ନରେଶ ହେମ୍ବ୍ରମ, ଜିଲ୍ଲା କୋଷାଦକ୍ଷ ସାଗର ସିଂ ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ। ଏହି ଶୋଭାଯାତ୍ରାରେ କୋଇଡାର ସମାଜସେବୀ ବାଟୁ ମୁଣ୍ଡା, ସୁରେଶ ମୁଣ୍ଡା, କୋଇଡ଼ା -ଖ ବିଭାଗର ସଭାପତି ବେରେଲ ସିର୍କା, ଚକ୍ର ଲାମାଏ, ଲୋଳିତମୋହନ ହାସଦା, ଟୁକା ସୁଣ୍ଡି, ଦାମୁ ପୂର୍ତ୍ତି, ବାମିଆ ସିଂ ଜଙ୍କ, ଲୋକନାଥ ସାମାଡ଼, ତୁରାମ ବବଙ୍ଗା, ବ୍ରଜ ମୋହନ ଦଙ୍ଗ ପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

# ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ ପାଇଁ ଓକିଲ ସଂଘର ଦାବି

**ବଣାଇଁଗଡ଼, ୨।୧୦(ସମିସ):** ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ବିଶେଷଜ୍ଞ ଚିକିତ୍ସକ ନିଯୁକ୍ତି, ରୋଗୀସେବାରେ ସୁଧାର, ଆବଶ୍ୟକ ଚିକିତ୍ସା ଉପକରଣ ସଚଳ କରିବା ସହ ମୌଳିକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଦାବିରେ ବଣାଇଁ ଓକିଲ ସଂଘ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଚିକିତ୍ସାଳୟରେ କେତୋଟି ଡାକ୍ତର ପଦବୀ ମଞ୍ଜୁର ହୋଇଛି, କେତୋଟି ପଦବୀ ଖାଲି ରହିଛି ଏବଂ ବର୍ତ୍ତମାନ କେତେଜଣ ଡାକ୍ତର ନିଯୁକ୍ତ ଅଛନ୍ତି, ତାହାର ସ୍ପଷ୍ଟ ତଥ୍ୟ ପ୍ରକାଶ କରିବାକୁ ଦାବି କରାଯାଇଛି। ଏଥିସହ ଭେଷଜ, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଶିଶୁ, ଅସ୍ଥି, ନିଶ୍ଚେତକ ଓ ରେଡିଓଲୋଜି ଭଳି ଆବଶ୍ୟକ ବିଭାଗରେ ବିଶେଷଜ୍ଞ ଚିକିତ୍ସକଙ୍କ ଉପଲବ୍ଧତା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେବା, ଡାକ୍ତରମାନଙ୍କ କାର୍ଯ୍ୟସୂଚୀ ଓ ଉପସ୍ଥାନ ବ୍ୟବସ୍ଥା ନିୟମିତ ଯାଞ୍ଚ କରିବା ସହ ନିର୍ଦ୍ଧାରିତ ସମୟରେ ବହିର୍ବିଭାଗ ଓ ଅନ୍ତର୍ବିଭାଗର ରୋଗୀଙ୍କୁ ଚିକିତ୍ସା ମିଳୁଛି କି ନାହିଁ, ତାହା ସୁନିଶ୍ଚିତ କରିବା, କୌଣସି ଡାକ୍ତର ଛୁଟି କିମ୍ବା ଅନ୍ୟ କାରଣରୁ ଅନୁପସ୍ଥିତ



ରହିଲେ, ତାଙ୍କ ସ୍ଥାନରେ ବିକଳ୍ପ ଚିକିତ୍ସା ବ୍ୟବସ୍ଥା କରିବା, ଅଲଟ୍ରାସାଉଣ୍ଡ ମେସିନ ସମେତ ଅନ୍ୟାନ୍ୟ ଆବଶ୍ୟକ ଚିକିତ୍ସା ଉପକରଣ ଅଚଳ ଥିଲେ ମରାମତି କରି ପୁନଃ ସଚଳ କରିବାର ସମୟସୀମା ସ୍ପଷ୍ଟ କରିବାକୁ ଦାବି କରାଯାଇଛି। ସେହିପରି ଚିକିତ୍ସାଳୟରେ ପର୍ଯ୍ୟାପ୍ତ ଶଯ୍ୟା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ, ଶୌଚାଳୟ, ଆବଶ୍ୟକ ଔଷଧ ଓ ରୋଗ ନିରୂପଣ ପରୀକ୍ଷା ବ୍ୟବସ୍ଥା ନିୟମିତ ଉପଲବ୍ଧ କରାଇବାକୁ ଦାବି ହୋଇଛି। ଡାକ୍ତରଙ୍କ ନାମ, ବିଭାଗ, ବହିର୍ବିଭାଗର ସମୟ, କାର୍ଯ୍ୟସୂଚୀ ଓ ଉପଲବ୍ଧ ସେବା ସମ୍ପର୍କରେ ତଥ୍ୟ ଚିକିତ୍ସାଳୟର ସୂଚନା ଫଳକରେ ସ୍ପଷ୍ଟ ଭାବେ ପ୍ରଦର୍ଶନ କରିବାକୁ କୁହାଯାଇଛି। ଉପରୋକ୍ତ ସମସ୍ତ ବିଷୟର ତୁରନ୍ତ ସମୀକ୍ଷା କରି ଚିକିତ୍ସାଳୟର ମାନବ ସମ୍ବଳ, ବିଶେଷଜ୍ଞ ଉପଲବ୍ଧତା, ଡାକ୍ତରଙ୍କ ଉପସ୍ଥାନ, ପରୀକ୍ଷା ବ୍ୟବସ୍ଥା ଓ ରୋଗୀସେବା ସମ୍ପର୍କରେ ସଂକ୍ଷିପ୍ତ ରିପୋର୍ଟ ଦେବା ସହ ନିଆଯାଇଥିବା ପଦକ୍ଷେପର ବିବରଣୀ ସଂଘକୁ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ଅବସରରେ ଓକିଲ ସଂଘ ସଭାପତି ତୁଷାରକାନ୍ତ ସାହୁ, ଉପସଭାପତି ଦିନେଶ ଦାସ, ସମ୍ପାଦକ ତହସିଲଦାର ପାତ୍ର, ସହସମ୍ପାଦକ ତନୁଚନ୍ଦ୍ର ପ୍ରଧାନ, ହିମାଂଶୁ ବିଶ୍ୱାଳ, ମହେଶ୍ୱର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଉରକେଲା ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରାଉରକେଲା, ୨।୧୦(ସମିସ):** ପ୍ରତିବର୍ଷ ପରି, ଜାତିର ଜନକ ମୋହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ଲୋକପ୍ରିୟ ବିଧାୟକ ସାରଦା ପ୍ରସାଦ ନାୟକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ନଗର ସଭାପତି ଗଗନ ପଣ୍ଡାଙ୍କ ସଭାପତିତ୍ୱରେ ଜନସମ୍ପର୍କ ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପାନପୋଷ ସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବିଧାୟକ ସାରଦା ପ୍ରସାଦ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ନିଜ ବକ୍ତବ୍ୟରେ ସେ କହିଥିଲେ, ଅସ୍ମିତା ନାମରେ ରାଜ୍ୟ ସରକାର ପରିବର୍ତ୍ତନ ହେବାଦ୍ୱାରା ବିକାଶର ଧାରା ବାଧାପ୍ରାପ୍ତ ହୋଇଛି। ଆଜି ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ଲୋକମାନେ ଝୁରୁଛନ୍ତି। ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବରିଷ୍ଠ ନେତା ଅଭୟ କୁମାର ଦାସ, ଅକ୍ଷୟ ଦାସ, ଜୟନ୍ତ କୁମାର ମିଶ୍ର, ବିରେନ ସେନାପତି, ବିଲାଲ ଆହମଦ, ବିଜୟ କୁମାର ବରାଳ, ସନ୍ତୋଷ ନାୟକ ପ୍ରମୁଖ ଡବଲ ଇଞ୍ଜିନ ସରକାରଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ। ନାରିନେତ୍ରୀ ସନ୍ଧ୍ୟା ଲକ୍ରା ଓ ଜ୍ୟୋସ୍ନା ନାୟକ, ଯୁବନେତା ପିଙ୍କୁ ଜୟସ୍ୱାଲ, ସଞ୍ଜିତ ଛୋଟରାୟ, ଦୃଷ୍ମନ୍ତ ରାଉତରାୟ, ବୁବୁଲି ରାଉତ, ସୁଶାନ୍ତ ଦାସ, ବାବୁ ଖାନ, ବିଭୁତି ପୁହାଣ, ସୁଧାଂଶୁ ସାମଲ, କାବୁଲି ପ୍ରତିହାରୀଙ୍କ ନେତୃତ୍ୱରେ ଏଠାରୁ ଏକ ବିରାଟ ଜନସମ୍ପର୍କ ପଦଯାତ୍ରା ଅଭିଯାନ ଆରମ୍ଭ ହୋଇ ବଙ୍ଗଳା ଟୋଲା ଦେଇ ପାନପୋଷ ଛକରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀ ପ୍ରତିମୁର୍ତ୍ତି ନିକଟକୁ ଯାଇଥିଲେ। ବିଧାୟକ ଶ୍ରୀ ନାୟକ ଏବଂ କର୍ମୀଗଣ, ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁରଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉପସ୍ଥିତ ଥିବା ଦଳୀୟ କର୍ମୀମାନଙ୍କୁ, ଅବସର ପ୍ରାପ୍ତ ଶିକ୍ଷକ ରାଜ କିଶୋର ମିଶ୍ର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ନେତା ସତ୍ୟନାରାୟନ ମହାପାତ୍ର, ଆଲୋକ ବୋଷ, ଆରତି ଚୌଧୁରୀ, ରମେଶ ମହାନ୍ତି, ନାରଣ ପ୍ରଧାନ, ଅଞ୍ଜନ ବାରିକ, ସୁନୀଲ ତିର୍କୀ, ପ୍ରକାଶ ରାୟ, ତନ୍ମୟ ଜେନା, ନିରଞ୍ଜନ ମହାନ୍ତ, ସୁବାଶ ସ୍ୱାଇଁ, ହରମୋହନ ମହାପାତ୍ର, ବ୍ରିଜେଶ ମାହତୋ, ବୁଲୁ ମହାନ୍ତି, ସୁନନ୍ଦା ସେନାପତି, ସତ୍ୟନାରାୟନ ମିଶ୍ର, ଡା ଅନିଲ ଜେନା, ଶରତ ଚନ୍ଦ୍ର ବିଶ୍ୱାଳ, ମୀନ କେତନ ନାୟକ, କୁନୁ ଯାଦବ, ରାଜେନ୍ଦ୍ର ଯାଦବ, ବିନୟ ମହାନ୍ତି, ସରୋଜ ଜେନା, ନିମାଇ ଚରଣ ରାଉତ, ଅକ୍ଷୟ ନାୟକ, ରଞ୍ଜନ ନାୟକ, ଶ୍ରୀବଛ କୁଁଅର, ଜୟଶ୍ରୀ ପାନିଗ୍ରାହୀ, ସରୋଜ ଦାଶ, ନିରଞ୍ଜନ ଚୌଧୁରୀ, ଭରତ ଦାସ, ପପୁ ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଆଇଜିଏଚ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ

**ରାଉରକେଲା, ୨।୧୦ (ସମିସ):** ସାମ୍ପ୍ରତିକ ସ୍ୱଚ୍ଛତା ପକ୍ଷ ପାଳନର ଅଂଶସ୍ୱରୂପ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ରେ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ସମସ୍ତ ସଫେଇ କର୍ମଚାରୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଆଇଜିଏଚ୍‌ର ସିଏମଓ ଇନ୍-ଚାର୍ଜ ଡ. ଜୟନ୍ତ



କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ପ୍ରାୟ ୭୦ ଜଣ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ର ଚତୁଃପାର୍ଶ୍ୱ ଅଞ୍ଚଳରେ ଏକ ବ୍ୟାପକ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ଆଇଜିଏଚ୍‌ର ସିଏମଓ ଡ. ମେଘରାୟ ମାଝୀ, ଜିଏମ୍ (ଏଚଆର୍) ଜି. ଆର୍. ଦାଶ ଏବଂ ଅତିରିକ୍ତ ସିଏମଓ ଡ. ଏମ୍. ଆର୍. ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଇଜିଏଚ୍‌ର କର୍ମଚାରୀ ଓ ଠିକା ଶ୍ରମିକମାନେ ସଫେଇ ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ହସ୍ପିଟାଲ୍‌ର ଆଖପାଖ ଅଞ୍ଚଳକୁ ସଫା କରିଥିଲେ।

# ତୈଳିକ ବୈଶ୍ୟ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

**ବଣାଇଁଗଡ଼, ୨।୧୦(ସମିସ):** ବଣାଇଁଗଡ଼ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଝାରବେଡ଼ା ଗ୍ରାମରେ ବଣାଇଁଗଡ଼ ଅଞ୍ଚଳ ଉପକେନ୍ଦ୍ର, ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ନୁଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବଣାଇଁଗଡ଼ ଅଞ୍ଚଳିକ ଉପକେନ୍ଦ୍ରର ଉପସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କେନ୍ଦ୍ର କମିଟିର ଆଇନ ପରାମର୍ଶଦାତା ଲବିନ୍ଦ୍ର ବେହେରା ମୁଖ୍ୟ ଅତିଥି, ଗୌରୀ ନର୍ସିଂ କଲେଜର ମ୍ୟାନେଜିଂ ଡାଇରେକ୍ଟର ରାଜୁ ପୃଷ୍ଠେଠ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର କମିଟିର ଶିକ୍ଷା ଅଧ୍ୟକ୍ଷ ଲୋକନାଥ ସାହୁ, ଝାରବେଡ଼ା ଗ୍ରୁପ୍‌ର ସଭାପତି ମନୋଜ ସାହୁ, ସମ୍ପାଦକ ଲବ କିଶୋର ସାହୁ ଓ ବଣାଇଁଗଡ଼ ଅଞ୍ଚଳିକ ସମ୍ପାଦକ ରଥ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର କମିଟିର ଉପଦେଷ୍ଟା ବିରଞ୍ଚି ନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ତୈଳିକ ବୈଶ୍ୟ ସମାଜର ଯୁଧିଷ୍ଠିର ସାହୁ, ଯୋଗେଶ୍ୱର ସାହୁ, ହରେକୃଷ୍ଣ ସାହୁ, ମିତ୍ରଭାନୁ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ପରମେଶ୍ୱର ସାହୁ, ହିମାଂଶୁ ସାହୁ, ଭୁବନ ସାହୁ, ଜୟକୃଷ୍ଣ ସାହୁ, ଗୋଲଖ ସାହୁଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା, ସଦସ୍ୟ ଯୋଗ ଦେଇଥିଲେ।

# ଗାନ୍ଧୀ ଜୟନ୍ତୀରେ ଶାନ୍ତି ଶୋଭାଯାତ୍ରା ଓ ସ୍ୱଚ୍ଛତା ରାଲି

**ରାଉରକେଲା, ୨।୧୦(ସମିସ)**

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ରାଉରକେଲା ମହାନଗର ପକ୍ଷରୁ ରାଉରକେଲା ଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶାନ୍ତି ଶୋଭାଯାତ୍ରା ସହିତ ସ୍ୱଚ୍ଛତା ରାଲି ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ମ୍ୟୁନିସିପାଲ କଲେଜ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛସାଥୀମାନେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମୁଖରୁ ଏହି ଶୋଭାଯାତ୍ରା ବାହାରି ପାନପୋଷ ଛକଠାରେ ପହଞ୍ଚିଥିଲା।



ପାନପୋଷ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନୀୟ ଅତିଥି ଭାବରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପାୟୁକ୍ତ ଅନୀତା ନାଏକ, ଉପାୟୁକ୍ତ ତରୁଣ କାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଆୟୋଜିତ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଅଭିନବ କଳାକୃତି ପ୍ରଦର୍ଶନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ରାଉରକେଲା ସରକାରୀ ଶିଳ୍ପ ପ୍ରତିଷ୍ଠାନ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜଗଦା ସ୍ଥିତ ଆମ୍ବେଦକର ଘରୋଇ ଶିଳ୍ପ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହା ପୂର୍ବରୁ ସକାଳ ୫ ଘଟିକାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପରବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଓ ମହାନଗର ନିଗମ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

## ଆରଏସପି ପକ୍ଷରୁ ଗାନ୍ଧୀ ଜୟନ୍ତୀ

**ରାଉରକେଲା:** ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଆରଏମସିର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ମାଇନ୍ସ ଡେଭେଲପମେଣ୍ଟ- ସିଏମଏଲଓ) ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି, ଓଜିଓଏମ-ସିଏମଏଲଓ) ଏମ. ପି. ସିଂ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ତଥା ନିର୍ବାହୀ ନିର୍ଦ୍ଦେଶକ (ଅର୍ଥ)ର ଅତିରିକ୍ତ ଦାୟିତ୍ୱରେ ଥିବା ରାଜେଶ ଦାସଗୁପ୍ତା, ଭାରପ୍ରାପ୍ତ ସିଏମଓ (ମେଡିକାଲ ଆଣ୍ଡ ହେଲ୍‌ଥ ସର୍ଭିସେସ) ଡାକ୍ତର ଜେ. କେ. ଆଚାର୍ଯ୍ୟ, ଆରଏସପିର ବରିଷ୍ଠ ଅଧିକାରୀ ଙ୍କ ସମେତ ଇସ୍ପାତ ସହରର ବିଶିଷ୍ଟ ନାଗରିକମାନେ ମହାତ୍ମା ଗାନ୍ଧୀ ଉଦ୍ୟାନ, ସେକ୍ଟର-୧୮ ଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ସିଭିକ ସେଣ୍ଟର ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଗାନ୍ଧି ଜୟନ୍ତୀ ପାଳନ ଅବସରରେ ଭଜନ ପାଠ,



'ସର୍ବଧର୍ମ ସମନ୍ୱୟ' ମନ୍ତ୍ରର ଆବୃତ୍ତି କରାଯାଇଥିଲା। ଆଶାଲତା ଷଡ଼ଙ୍ଗୀ ଏବଂ ସିଂହାରୀ କଳା ନିକେତନର କଳାକାରମାନଙ୍କ ଦ୍ୱାରା 'ବୈଷ୍ଣବ ଜନ ତୋ....' ପରିବେଷଣ ସହିତ ଉତ୍ସବର ଶୁଭାରମ୍ଭ ହୋଇଥିଲା। ରାଉରକେଲାର ଶ୍ରୀ ଗୁରୁ ସିଂହ ସଭାର ସଦସ୍ୟମାନଙ୍କ ଦ୍ୱାରା ପବିତ୍ର ଗୁରୁ ଗ୍ରନ୍ଥ ସାହିବର, ହମିରପୁର ସାକ୍ରେଡ୍ ହାର୍ଟ କ୍ୟାଥେଡ୍ରାଲ ଚର୍ଚ୍ଚର ଏକ ଦଳ ଦ୍ୱାରା ପବିତ୍ର ବାଇବେଲ, ସେକ୍ଟର-୧୫ ଇସ୍ପାତ ଅଞ୍ଜୁମାନର ଏକ ଦଳ ଦ୍ୱାରା ପବିତ୍ର କୁରାନ ଏବଂ ସେକ୍ଟର-୭ ଚିନ୍ମୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ରୀମଦ୍ ଭଗବଦ୍ ଗୀତା ପାଠ କରାଯାଇଥିଲା। ସମୂହ ବାପୁଙ୍କ ପ୍ରିୟ ରାମଧୁନ୍ ଆବୃତ୍ତି ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ସିଲିକନ୍ ଷ୍ଟିଲ୍ ମିଲ୍‌ର କନିଷ୍ଠ ଯନ୍ତ୍ରୀ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଟୁ ପକ୍ଷରୁ ଗାନ୍ଧୀ ଜୟନ୍ତୀ

**ରାଉରକେଲା:** ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ, ଆଇଏଫଜିଏଲ ରିଫ୍ରାଟୋରିଜ ୱାର୍କର୍ସ ୟୁନିୟନ ଓ ଏସିଆଟିକ ଅକ୍ସିଜେନ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ରାଉରକେଲା ପାନପୋଷଠାରେ ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ପ୍ରଥମେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସିଟୁ ସମ୍ପାଦକ ଯଜାତୀ କେଶରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ସିଆଇଟିୟୁ ରାଜ୍ୟ ଉପ ସଭାପତି ୟୁନିୟନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ବକ୍ତବ୍ୟ ରଖି ଗାନ୍ଧୀଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଜଣାଇଥିଲେ। ବିଜେପି ସରକାରଙ୍କ ନିର୍ଦ୍ଦେଶରେ




କୋଟି କୋଟି ଜନସାଧାରଣ ତାଙ୍କର ଭୋଟର ତାଲିକାରେ ନାମକୁ ବାଦ ଦିଆଯାଇଥିବା ପ୍ରତିବାଦରେ ଆସନ୍ତା ୮ ଅକ୍ଟୋବରରେ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ଉକ୍ତ ଓଡ଼ିଶା ବନ୍ଦ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ସିଆଇଟିୟୁ ସମ୍ପାଦକ ଅଜିତ ଏକ୍କା, ଅଜିତ କୁମାର ଦାସ, ଶୁଧାଂଶୁ ଜେନା, ଯୀରୋଦ ବେହେରା, ସମ୍ବିତ ସ୍ୱାଇଁ, ରଞ୍ଜନ ବେହେରା, ଡି ଦିବାକର ରାଓ, ସରୋଜ ବାର୍ଲା, ମୁସ୍କୁ ତିର୍କୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଡିଏଭି ପବ୍ଲିକ ସ୍କୁଲ

**ରାଉରକେଲା:** ସ୍ଥାନୀୟ ବାସନ୍ତୀ କଲୋନୀ ସ୍ଥିତ ଡ. ଏ. ଏନ. କେ ଡିଏଭି. ପବ୍ଲିକ୍ ସ୍କୁଲ୍ ପରିସରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ସହ ରାମ ଧୁନ୍ ପରିବେଷଣ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷ ଡ. ସମୀର କୁମାର କାନୁନଗୋ, ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ତିରଙ୍ଗା ଏସ୍. ମାର୍ଥା, ସୁନିତା ସାମଲ, ନନ୍ଦିତା ବୋଷ ପ୍ରମୁଖ




ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ମହାନ ଅବଦାନ ବିଷୟରେ ଆଲୋକପାତ କରିଥିଲେ।

## ସିପିଆଇଏମ୍ ପକ୍ଷରୁ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା:** ସିପିଆଇଏମ୍ ପକ୍ଷରୁ ରାଉରକେଲା ଆମ୍ବାଗାନ ସ୍ଥିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ




ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ଅନାଦି ସାହୁ ପ୍ରମୁଖ ବକ୍ତବ୍ୟ ରଖି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ୍ ନେତା ଏନ୍ କେ ରାଉତରାୟ, ସଚିନ୍ ରାୟ, ପ୍ରମୋଦ ପରିଡ଼ା, ହିତେଶ ମଲିକ୍, ଆଦିତ୍ୟ ନାୟକ, ସୁରେନ୍ଦ୍ର ବେହେରା, ଅଜିତ୍ ରାୟ, ଜନ୍ମେଜୟ ଘୋଷ, ଗୁରୁଚରଣ ଦାସ୍, ମହେଶ୍ୱର ପରିଡ଼ା, ଅବନୀ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

# ରାଜ୍ୟ ସ୍ୱାର୍ଥବିରୋଧୀ ଆଇନ ହିଁ ବିଜେପି ପାଇଁ କାଳ ସାଜିବ

**ଭବାନୀପାଟଣା, ୨।୧୦(ସମିସ):** ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ବିଜେଡି ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। ଶୁକ୍ରବାର କଳାହାଣ୍ଡି ଜିଲ୍ଲା ବିଜେଡି ପକ୍ଷରୁ




ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରୁ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ ହୋଇଥିଲା। ଗାନ୍ଧୀ ଛକରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶେଷରେ ହସ୍ପିଟାଲ ଛକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରେ ପଦଯାତ୍ରା ଶେଷ ହେବାସହ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଧାୟକ ଦୃଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାସ, ମହୌଷଧି ବାଗ ପ୍ରମୁଖ ଯୋଗଦେଇ ବିଜେପି ସରକାରଙ୍କ ବିଫଳତା ନେଇ ବର୍ଷିଥିଲେ।

ରାଜ୍ୟରେ ଯେଉଁ ଡବଲ ଇଞ୍ଜିନ ସରକାର ଚାଲୁଛି ତାହା କେବଳ 'ୟେସ୍ ବସ୍' ନୀତିରେ ଚାଲୁଛି। କେନ୍ଦ୍ର ନିର୍ଦ୍ଦେଶ ମାନି ଚାଲିବାର ଆଜ୍ଞାକାରୀ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସ୍ୱାର୍ଥ ଏବଂ ଲୋକଙ୍କ ହିତ ପ୍ରତି ଆଦୌ ଚିନ୍ତା କରିପାରୁନାହାନ୍ତି।

ପିଲାଙ୍କ ପାଠ୍ୟପୁସ୍ତକ ତ୍ରୁଟି ଏବଂ ପାଠପଢ଼ା ପାଇଁ ପାଠ୍ୟପୁସ୍ତକ ନଥିବା, ବୟସ୍କଙ୍କ ପେନ୍ସନ୍ ସମସ୍ୟା, ଚାଷୀ ଓ ମହିଳାଙ୍କ ସମସ୍ୟା ସହ ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ନେତାମାନେ ପ୍ରଶ୍ନ ଉଠାଇଥିଲେ। ରଥଯାତ୍ରା ପରିଚାଳନା, ବନ୍ୟା ରିଲିଫ୍, ଧାନ ସଂଗ୍ରହ, ନିଯୁକ୍ତି ପରୀକ୍ଷା ଏବଂ ଅର୍ଥ ବ୍ୟବସ୍ଥା ଭଳି ବିଭିନ୍ନ କ୍ଷେତ୍ରରେ ସରକାର ବିଫଳ। ରାଜ୍ୟ ସ୍ୱାର୍ଥ ବିରୋଧୀ ଏମ୍ଏମଡିଆର ଆଇନ ହିଁ ବିଜେପିର ସର୍ବନାଶର କାରଣ ପାଲଟିବବୋଲି ବହୁ ନେତା କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିସିସିବି ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ପୂର୍ବତନ ସଭାପତି ଜିତେନ୍ଦ୍ର ନାରାୟଣ ସିଂହଦେଓ, ଲଳିତା ନାଏକ, ବରିଷ୍ଠ ବିଜେଡି ନେତା ଭବାନୀ ମିଶ୍ର, ପ୍ରଦୀପ ମୁଣ୍ଡ, ଧର୍ମେନ୍ଦ୍ର ନାଏକ, ଟିକେଲାଲ ସାହୁ, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ପ୍ରଶାନ୍ତ ନାଏକ, ବଦ୍ରିନାରାୟଣ ପଟ୍ଟନାୟକ, ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ବରିଷ୍ଠ ଯୁବ ଉପସଭାପତି ମଣ୍ଟୁ ନାଏକ, ମନିନ୍ଦ୍ର ମହାନ୍ତି, ଜିଲ୍ଲା ଛାତ୍ର ସଭାପତି ଅଜିତ ସାହୁ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ପ୍ରଦୀପ ପ୍ରଧାନ, କାଦୀର ଖାନ ଅମିତ ଯାଦବ ପ୍ରମୁଖ ଯୋଗଦେଇଥିଲେ।

ନୂଆପଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

# 'ଅସ୍ମିତା କଥା କହୁଥିବା ସରକାର ପିଲାଙ୍କୁ ଭୁଲ୍ ବହି ଦେଇ ଠକିଛି'

**ନୂଆପଡ଼ା, ୨।୧୦(ସମିସ)**

ନୂଆପଡ଼ା ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲାସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅଭିଯାନ ଜିଲ୍ଲା ବିଜୁଜନତା ଦଳ ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ସଦର ସ୍ଥିତ ଗାନ୍ଧୀ ଉଦ୍ୟାନଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସଭାପତି ଶ୍ରୀ ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ଡଲି ମାଝି, ଜିଲ୍ଲାପରିଷଦ ଉପାଧକ୍ଷା ଦୀପିକା ଦୀପ, ଜିଲ୍ଲାପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝି, ତନୟ ଶବର, ପୁଷ୍ପାଞ୍ଜଳି ଗୁଆଲ, ରାଜ୍ୟ ସମ୍ପାଦକ ରାଜେଶ ନିଗମ, ଜୁନେଦ ମହମ୍ମଦ, ଜିଲ୍ଲା ଯୁବ ବିଜେଡି ସଭାପତି ମନୋଜ ଦୀପ, ନୂଆପଡ଼ା ବ୍ଲକ ସଭପତି ଚିରନ ମାଝି, କୋମନା ବ୍ଲକ ସଭାପତି ଭବାନୀ ଶଙ୍କର ପାଣିଗ୍ରାହୀ, ବୋଡେନ ବ୍ଲକ ସଭାପତି ମଝିଆ ମାଝି, ଖଡିଆଳ ବ୍ଲକ ସଭାପତି ହୀରା ମେହେର, ନୂଆପଡ଼ା ଏନଏସି ସଭାପତି ଉମେଶ କୁମାର, ଅକ୍ଷୟ ନନ୍ଦ, ଜିଲ୍ଲା ମହିଳା ସଭାନେତ୍ରୀ ଶେଫାଳୀ ସଲମା, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ସନ୍ତୁ ପଟ୍ଟନାୟକ, ଗୋବର୍ଦ୍ଧନ ସୁନା, ସିଡୁ ବୋଧନକର, ଟିଙ୍କୁ ପଣ୍ଡା, ରାଜୁ ଚୌହାନ ସମେତ ଅନେକ ସାମିଲ ରହି ରାଜ୍ୟ ସରକାରଙ୍କ ବିଫଳତା ନେଇ ବର୍ଷିଥିଲେ।



ରାଜ୍ୟ ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ବେଳେ ଲୋକଙ୍କ ହକ୍ ଅଧିକାର ଛଡ଼ାଇ ନେବାକୁ ବସିଛନ୍ତି। ଖଣି, ଜମି, ପାଣି, ପବନ ଠାରୁ ଆରମ୍ଭ କରି ଅନେକ କିଛି ବିଦେଶୀ କମ୍ପାନୀ ହାତରେ ଟେକି ଦେବାକୁ ପ୍ରୟାସ ଚାଲିଛି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ପାଠ୍ୟପୁସ୍ତକରେ ଅନେକ ତ୍ରୁଟି କରି ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଆଦିବାସୀଙ୍କ ହକ୍ ଛଡ଼ାଇ ନେବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ବକ୍ତାମାନେ କହିଥିଲେ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୧ଟାରେ ନୂଆପଡ଼ା ପୁଲିସ ପଡ଼ିଆରୁ ପଦଯାତ୍ରା ଆରମ୍ଭ ହୋଇ ଏକତା ଛକରେ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରାଧାକୃଷ୍ଣପଡ଼ା, ତେଲିପଡ଼ା, ମନ୍ଦିରପଡ଼ା ଓ ସହିସପଡ଼ା ଦେଇ ପୁରୁଣା ପୁଲିସ ପଡ଼ିଆରେ ପହଞ୍ଚିଥିଲେ। ପଦଯାତ୍ରାରେ ଦଳୀୟ ନେତା, କର୍ମୀ ଓ ସମର୍ଥକମାନେ ସାମିଲ ହୋଇ ବିରାଟ ଶୋଭାଯାତ୍ରାରେ ନୂଆପଡ଼ା ସହର ପରିକ୍ରମା କରିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ନେଇ ସଚେତନତା




**ଲାଞ୍ଜିଗଡ଼, ୨।୧୦(ସମିସ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ରେଞ୍ଜ ପକ୍ଷରୁ ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା ଏବଂ ମାନବ-ବନ୍ୟପ୍ରାଣୀ ସହାବସ୍ଥାନ ସଚେତନତା ନେଇ ୭୨ତମ ବନ୍ୟପ୍ରାଣୀ ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଶୁକ୍ରବାର ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ବନ ବିଭାଗ କର୍ମଚାରୀମାନେ ମିଳିତ ଭାବେ ବିଶ୍ୱନାଥପୁର ମେଡିକାଲ ଛକଠାରୁ ବାହାରି ରେଞ୍ଜରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସହର ପରିକ୍ରମା କରିବା ସହ ବନ୍ୟପ୍ରାଣୀ ସୁରକ୍ଷା, ବନ ସୁରକ୍ଷା ଓ ପଲିଥିନ ବ୍ୟବହାର ବନ୍ଦ କରିବା ନେଇ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ।

ପରେ ବିଶ୍ୱନାଥପୁର ବନାଞ୍ଚଳ ସଭାଗୃହରେ ଏସିଏଫ୍ ତଥା ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରଧାନ ସଂସ୍ଥା ଜିଲ୍ଲା ସଂଯୋଜକ ବ୍ରଜକିଶୋର ଦାସ, ବ୍ଲକ କୋର୍ଡିନେଟର ସୁରେନ୍ଦ୍ର ମାଝୀ, ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବନ୍ୟଜନ୍ତୁଙ୍କୁ କିପରି ସୁରକ୍ଷା ଦିଆଯିବ ଏବଂ ଜୈବ ବିବିଧତାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସଭାକୁ ଫରେଷ୍ଟର ସୁରେଶ ଚନ୍ଦ୍ର ରାଉତ ପରିଚାଳନା କରିଥିବା ବେଳେ ଫରେଷ୍ଟର ଚିନ୍ତାମଣି ମାଝୀ, ଧରଣୀଧର ପଣ୍ଡା, ସମରେନ୍ଦ୍ର ପଣ୍ଡା, ସୁନିଲ ଦୁର୍ଗା, ମହେଶ ମହାପାତ୍ର, ଲିଙ୍ଗରାଜ ମାଝୀ, ଶମ୍ଭୁ ଧରୁଆ, ମନୋରଞ୍ଜନ ମହାପାତ୍ର, ବନରକ୍ଷୀ ହେମନ୍ତ କୁମାର, ରତିକାନ୍ତ ପାଣି, ସରୋଜ କୁମାର କାଣ୍ଡାମାକା, ପ୍ରିୟବ୍ରତ ପାଳ, ସୁରେନ୍ଦ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

**ମ.ରାମପୁର, ୨।୧୦(ସମିସ):** ମ.ରାମପୁର ଶ୍ରୀ ରାମକୃଷ୍ଣ ଆଶ୍ରମ ପରିସରରେ ଗୁରୁବାର ବ୍ଲକ ପ୍ରଶାସନ ଏବଂ ଶ୍ରୀ ରାମକୃଷ୍ଣ ଆଶ୍ରମର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏହି ଅବସରରେ 'ଏକ ପେଡ୍ ମା'କେ ନାମ'ରେ ଚାରାରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏବିଡ଼ିଓ ଲକ୍ଷ୍ମଣ ପ୍ରଧାନ, ମୁଖ୍ୟବକ୍ତା ଭାବରେ ପଦ୍ମଲୋଚନ ମିଶ୍ର ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେରେ ସମ୍ମାନିତ ଅତିଥି ଭାବରେ ଶ୍ରୀ ରାମକୃଷ୍ଣ ଆଶ୍ରମର ସମ୍ପାଦକ ସ୍ୱାମୀ ଅଶୋକାନନ୍ଦ ମାହାରାଜ, ସ୍ୱାମୀ ବିରେଶାନନ୍ଦ ମାହାରାଜ, ବିଏସଏସଓ ଶ୍ରୀମନ୍ତ ବଡପଣ୍ଡା, ଜାଗରଣ ମଞ୍ଚ ସଭାପତି ଚମରା ବଗର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ରେ ସାମ୍ବାଦିକ ଉଦ୍ଧବ ପଣ୍ଡା, ବରିଷ୍ଠ ନାଗରିକ ସଂଘର ଉପ ସଭାପତି ଲଳିତ ମହାଲିକ, ସମ୍ପାଦକ ବିଭୁତି ପ୍ରହରାଜ, କୀର୍ତ୍ତନ ଘିଭେଲା, ବାସୁଦେବ ମହାରଣା, ଧୋବା ପନ୍ଦର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶଶି ମାଝୀ ଉପସ୍ଥିତ ଥିଲେ। ଅତିଥିମାନେ ସମାଜ ପ୍ରତି ବରିଷ୍ଠ ନାଗରିକ ମାନଙ୍କ ମୂଲ୍ୟବାନ ଅବଦାନ ଏବଂ ସେମାନଙ୍କର ସମ୍ମାନ, ସୁରକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଓ ସମୁଦାୟ ଜୀବନରେ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ।

# ସମାଜସେବୀ ସତ୍ୟନାରାୟଣ ପଣ୍ଡାଙ୍କ ପରଲୋକ

**ଜୁନାଗଡ଼, ୨।୧୦(ସମିସ):** ଜୁନାଗଡ଼ ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସତ୍ୟନାରାୟଣ ପଣ୍ଡାଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି।

ଦୀର୍ଘଦିନ ଧରି ସେ ଅସୁସ୍ଥ ଥିବାରୁ ତାଙ୍କ ବସଭବନରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗ ଖବର ପାଇ ସମଗ୍ର ଜୁନାଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ସକାଳୁ ତାଙ୍କ ବାସଭବନରୁ ଶହ ଶହ ଲୋକଙ୍କ ଉପସ୍ଥିତିରେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ସ୍ଥାନୀୟ ହାତୀ ନଦୀ ସାର୍ବଜନୀନ ଶ୍ମଶାନ ଘାଟକୁ ନିଆଯାଇ ଶେଷକୃତ୍ୟ ହୋଇଥିଲା। ତାଙ୍କ ବଡ଼ ଜ୍ୱାଇଁ ମୁଖାଗ୍ନି ଦେଇଥିଲେ।

# ଦିଲ୍ଲୀରେ ପ୍ରତିଭା ଅନୁଷ୍ଠାନର କଳାକାରଙ୍କ କମାଲ୍

**ଭବାନୀପାଟଣା, ୨।୧୦ (ସମିସ):** କଳା ସଂସ୍କୃତିରଭୂମି କଳାହାଣ୍ଡିରଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପ୍ରତିଭା ଦୀର୍ଘ ବର୍ଷ ହେବ ଦିଲ୍ଲୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବର୍ତ୍ତମାନ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ବନ୍ଦେ ମାତରମକୁ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀ ରାଜପଥଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ୩୫ ଜଣ ଘୁମୁରା ଓ ବଜାଶାଲ ନୃତ୍ୟ କଳାକାର ଏବଂ ବରଗଡ଼ କଳାଜୀବୀ ଅନୁଷ୍ଠାନର ୧୫ ଜଣ ସମ୍ବଲପୁରୀ ନୃତ୍ୟ କଳାକାର ନୃତ୍ୟ ପରିବେଷଣ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି କଳାକାର ମାନଙ୍କୁ ବୁଧବାର ଭବାନୀପାଟଣାର ଏକ ହୋଟେଲରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗରୁ ମିଳିଥିବା ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଜିତ କୁମାର ଯୋଗଦେଇ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ହରଜିନ୍ଦର ସିଂ ଯୋଗଦେଇଥିବା ବେଳେ ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉପସଭାପତି ଦେବେଶ କୁମାର ସିଂହ, ନମିତା ମିଶ୍ର, ସଙ୍ଗୀତ ରାଉତ ଜ୍ୟୋତିର୍ମୟ ହରପାଲ, ଅନିଲ କୁମାର ରାଉତ, ଲିପ୍ସାରାଣୀ ବାରିକ, ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଶିଷ୍ଟ ଉଦଘୋଷାକ ଆଲୋକ କୁମାର ସାହୁ ପରିଚାଳନା କରିଥିଲେ।



ଖେଳପଡ଼ିଆରେ ମଦ ବିକ୍ରିକୁ ନେଇ ଉତ୍ତେଜନା

# ମଦ ବେପାରୀଙ୍କ ଗୁଣ୍ଡାରାଜ ବିରୋଧରେ ଏତଲା

**ନୂଆପଡ଼ା, ୨।୧୦(ସମିସ):** ନୂଆପଡ଼ା ସଦର ବ୍ଲକ ସ୍ଥିତ ମୁଢେଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମହାତମତରା ଗାଁରେ ଥିବା ଖେଳ ପଡ଼ିଆରେ ବେଆଇନ ମଦ ବିକ୍ରୀକୁ ଗ୍ରାମବାସୀ ବିରୋଧ କରିବାରୁ ମଦ ମାଫିଆ ଗଣ୍ଡଗୋଳ କରିବା ସହ ମାରପିଟ କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହାକୁ ନେଇ ଖରିଆରରୋଡ ସ୍ଥିତ ଜୋଙ୍କ ଥାନରେ ଉଭୟ ପକ୍ଷ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଘଟଣାରୁ ପ୍ରକାଶ ଯେ, ଗାଁ ରେ ଥିବା ଖେଳ ପଡ଼ିଆରେ କିଛି ବ୍ୟକ୍ତି ମଦ ବିକ୍ରୀ କରୁଥିବାରୁ ଗ୍ରାମର ୟଙ୍ଗ ସ୍ପୋର୍ଟସ କ୍ଲବର ସଚେତନ ଯୁବକମାନେ ମିଶି ବାରଣ କରିଥିଲେ। ହେଲେ ମଦ ମାଫିଆମାନେ ଗାଁର କିଛି ଯୁବକଙ୍କୁ ଟାର୍ଗେଟ କରି ଗଣ୍ଡଗୋଳ କରିବା ସହ ଥାନାରେ ସେମାନଙ୍କ ବିରୋଧରେ ଏତଲା ଦେଇଥିଲେ। ଗ୍ରାମର ଯୁବକମାନେ ମଧ୍ୟ ଥାନରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ପକ୍ଷରୁ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ନୂଆପଡ଼ା ଜିଲ୍ଲାପାଳ ଜିଲ୍ଲାରେ ମଦମୁକ୍ତି ସହ ବେନିୟମ ମଦ କାରବାର ବନ୍ଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ମାନୁ ନାହାନ୍ତି। ଫଳରେ ଜିଲ୍ଲାରେ ଦିନକୁ ଦିନ ବେଆଇନ ମଦ କାରବାର ବଢୁଛି। ଗ୍ରାମର ଯୁବକମାନେ ଏହାକୁ ବିରୋଧ କରିବାରୁ ତାଙ୍କ ବିରୋଧରେ ପୁଲିସ ଆକ୍ରୋଶମୂଳକ ଭାବେ ସଂଗୀନ ଦଫା ଲଗାଇବାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏନେଇ ଗ୍ରାମରେ ବୈଠକ ବସି ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଥିବା ଗ୍ରାମର ନଖଲାଲ ସାହୁ, ଲିଖନ ମାଝି, ରାଜେଶ ସାହୁ, ଜ୍ଞାନେନ୍ଦ୍ରିୟ ସାହୁ, ମାଧବ ଚୌହାନ, ମେଘରାଜ ମାଝି, ବିଶେଶ୍ୱର ବିହାରୀ, ହରିରାମ ରାଉତ, ନରୋତ୍ତମ ମାଝି କହିଛନ୍ତି। ଏ ନେଇ ଜୋଙ୍କ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ଗାନ୍ଧୀ ଜୟନ୍ତୀରେ କୁଇଜ୍ ପ୍ରତିଯୋଗିତା

**ଖଡ଼ିଆଳ, ୨।୧୦(ସମିସ):** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଅବସରରେ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ କଂଗ୍ରେସ ସେବାଦଳ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଏକ




କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଶ୍ରୀନିବାସ ଜୀଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୫ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗାନ୍ଧୀଜୀଙ୍କ ଜୀବନ, ସତ୍ୟ, ଅହିଂସା, ମାନବିକତା, ନୀତି ଓ ଆଦର୍ଶ ସମ୍ପର୍କରେ ଜ୍ଞାନ ଏବଂ ସଚେତନତା ବୃଦ୍ଧି କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପ୍ରତିଯୋଗିତାରେ ଶୁଭାଶ୍ରୀ ସିଂହଦେଓ ପ୍ରଥମ, ଅଂଶ ତ୍ରିପାଠୀ ଦ୍ୱିତୀୟ ଏବଂ ସିଦ୍ଧି ପ୍ରଧାନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସ୍ମାର୍ଟ ୱାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୧୧ତମରୁ ୧୦୯ତମ ସ୍ଥାନ ପର୍ଯ୍ୟନ୍ତ ମୋଟ ୧୦୯ ଜଣ ପ୍ରତିଯୋଗୀଙ୍କୁ ସ୍କୁଲ ବ୍ୟାଗ୍ ଓ ପାଣି ବୋତଲ ପୁରସ୍କାର ଦିଆଯାଇଥିଲା। ଏହି କୁଇଜ ପ୍ରତିଯୋଗିତା ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ପ୍ରବୀଣ ରଞ୍ଜନ ପଟ୍ଟନାୟକ ସମେତ କଂଗ୍ରେସ ସେବାଦଳର କର୍ମୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ସ୍କୁଲ୍ କର୍ମଚାରୀ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଶିଶୁ ଶ୍ରମମୁକ୍ତ ପଞ୍ଚାୟତ ଗଠନ ଲକ୍ଷ୍ୟରେ ଟାସ୍କ ଫୋର୍ସ ବୈଠକ

**ନୂଆପଡ଼ା, ୨।୧୦(ସମିସ):** ନୂଆପଡ଼ା ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଭାବେ ଗଢ଼ି ତୋଳିବା ସହ ଜିଲ୍ଲାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମମୁକ୍ତ ଜିଲ୍ଲାରେ ପରିଣତ କରିବା ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଓ ସ୍ୱତନ୍ତ୍ର ଗ୍ରାମସଭା ଠାରୁ ୧୪ ନଭେମ୍ବର ଶିଶୁ ଦିବସ ପର୍ଯ୍ୟନ୍ତ ୪୪ ଦିନିଆ ରାଜ୍ୟବ୍ୟାପୀ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଅଭିଯାନକୁ ନୂଆପଡ଼ା ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ନୂଆପଡ଼ା ରବୀନ୍ଦ୍ର ବାର୍ଲା ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଓ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ କାମ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର, ପୁନର୍ବାସ ଓ ଶିକ୍ଷା ସହିତ ସେମାନଙ୍କୁ ଯୋଡ଼ିବା ଦିଗରେ ସମ୍ପୃକ୍ତ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଧରୁଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନିତା ଦାଶ, ଅଧକ୍ଷା, ଶିଶୁ ମଙ୍ଗଳ କମିଟି ବବିତା ମିଶ୍ର, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଟାସ୍କ ଫୋର୍ସ କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।

ନ୍ୟୁଲାଇଫ୍ ଏକାଡେମୀରେ ଛାତ୍ରଙ୍କୁ ଛୁରାମାଡ଼ ଘଟଣା

# ଥାନାର ଦ୍ୱାରସ୍ଥ ଆହତ ଛାତ୍ରଙ୍କ ପରିବାର, ଘଟଣା ଚପାଇଦେବାକୁ ଉଦ୍ୟମ

**କେସିଙ୍ଗା, ୨।୧୦(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ବୋରିଙ୍ଗପଦର ଥିବା ଏକ ପୁରାତନ ବେସରକାରୀ ଶିକ୍ଷାନୁଷ୍ଠାନ ନ୍ୟୁଲାଇଫ ଏକାଡେମୀ ସ୍କୁଲରେ ପଢୁଥିବା ଜଣେ ଛାତ୍ରକୁ ସେହି ସ୍କୁଲର ଅନ୍ୟ ୨ ଜଣ ଛାତ୍ର ଛୁରାମାଡ଼ କରିବା ଘଟଣା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ୪ ଦିନ ପରେ କେସିଙ୍ଗା ଥାନାରେ ବିଦ୍ୟାଳୟର ନିର୍ଦ୍ଦେଶକ ଓ ପ୍ରବନ୍ଧନ ନାମରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଲିଖିତ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୮ ତାରିଖ ଅପରାହ୍ନ ୩ଟାରେ କୌଣସି କଥାକୁ ନେଇ ଜଣେ ନବମ ଶ୍ରେଣୀର ଛାତ୍ର ଓ ଅନ୍ୟ ଦୁଇଜଣ ଛାତ୍ରଙ୍କ ମଧ୍ୟରେ ବଚସା ହୋଇଥିଲା। ୨ଜଣ ଛାତ୍ର ଜଣେ ଛାତ୍ରଙ୍କ ଛାତିରେ ଛୁରୀ ଭୂସି ଦେଇଥିଲେ।

**୫ ଘଣ୍ଟା ପରେ ପରିବାରକୁ ଦିଆଯାଇଥିଲା ସୂଚନା**

ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ଥାନୀୟ ପୁଲିସ କିମ୍ବା ଆହତ ଛାତ୍ରଙ୍କ ପରିବାରକୁ ନ ଜଣାଇ ବିଦ୍ୟାଳୟର ନିର୍ଦ୍ଦେଶକଙ୍କ କୁର୍ଲୁପଡ଼ାରେ ଥିବା ନିଜ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ଉକ୍ତ ମେଡିକାଲରେ ଡାକ୍ତର ଛାତ୍ରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ପରେ ୫ ଘଣ୍ଟା ବିଳମ୍ବରେ ରାତି ୮ଟାରେ ପରିବାର ଲୋକଙ୍କୁ ଖବର ଦେବାପରେ ପରିବାର ଲୋକ ଆସି ଆହତ ଛାତ୍ରଙ୍କୁ ବରଗଡ଼ ବିକାଶ ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ଜାଣିବା ପରେ ସଙ୍ଗେ ସଙ୍ଗେ ପରିବାର ବର୍ଗ ଆହତଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଥିବାବେଳେ ଅବସ୍ଥା ସଂକଟାପନ୍ନ ରହିଛି।

ଅନ୍ୟପଟେ ସ୍କୁଲ ପ୍ରବନ୍ଧନ ପକ୍ଷରୁ ପରିବାରକୁ ଆମ୍ବୁଲାନ୍ସ ଖର୍ଚ୍ଚ ଓ କିଛି ହାତଖର୍ଚ୍ଚ ଦେଇ ଆହତଙ୍କୁ ବରଗଡ଼ ପଠାଇ ଥିବା କହୁଥିବା ବେଳେ ଘଟଣା ବିଷୟରେ ପ୍ରତିକ୍ରିୟା ରଖିଲେ ବିଦ୍ୟାଳୟର ଡାଇରେକ୍ଟର ସାଇନି ହରପାଲ। ତାଙ୍କ କହିବା ଅନୁସାରେ ଘଟଣା କେମିତି ଘଟିଲା ମୋତେ ଜଣାନାହିଁ ସ୍କୁଲରେ ତଦନ୍ତ ଚାଲିଛି, ତଦନ୍ତ ପରେ ଜଣାପଡ଼ିବ ବୋଲି କହିଥିଲେ। ସେପଟେ ପରିବାର ବର୍ଗ ଆହତଙ୍କୁ ଛୁରା ମାରିଥିବା ଛାତ୍ର ଓ ବିଦ୍ୟାଳୟର ନିର୍ଦ୍ଦେଶକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ନ୍ୟୁ-ଲାଇଫ ଏକାଡେମୀକୁ ଯାଇ ତଦନ୍ତ ଆରମ୍ଭ କରିଛି।

# ସେବା ସଂକଳ୍ପ ଅଭିଯାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ଭବାନୀପାଟଣା, ୨।୧୦(ସମିସ):** 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ନଗର ସଭାପତି ଚିତ୍ତରଞ୍ଜନ ପାତ୍ର, ସ୍ୱଚ୍ଛ ଭାରତ ଅଭିଯାନର ଜିଲ୍ଲା ସଂଯୋଜକ ଶରତ ନାୟକ, ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାୟକ, ଜିଲ୍ଲା ଉପସଭାପତି ରୁପେଶ ଜୈନ, ବରିଷ୍ଠ ନେତା ହରଜିନ୍ଦର ସିଂହ, ନର୍ଲା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ସମ୍ପାଦକ ଅଙ୍କୁର ହରପାଲ, ଅଳ୍ପସଂଖ୍ୟକ ମୋର୍ଚ୍ଚାର ଜିଲ୍ଲା ସଭାପତି ପଦ୍ମନ୍ତ ସିଂହ, ଜିଲ୍ଲା ପରିଷଦ ସଭ୍ୟ ଦୟାନିଧି ନାଏକ, ନଗର ମଣ୍ଡଳର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ସୌଭାଗିନୀ ପାତ୍ର, ବିନିତା ଦାଶ, ମନୋଜ ନାଏକ, ନିରଞ୍ଜନ ଯୋଶୀ, କୁଲବୀର ସିଂହ, ସତ୍ୟ ନାରାୟଣ ବିଶି, କିସାନ ମୋର୍ଚ୍ଚାର ଜିଲ୍ଲା ସଭାପତି ସୁଧୀର ମୁଣ୍ଡ, ବିଜୟ ମହାରଣା, ରାକେଶ ଶର୍ମା, ବିଭିନ୍ନ ପଦାଧିକାରୀ ଓ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୌରପାଳିକାର ସ୍ୱଚ୍ଛତା କର୍ମଚାରୀମାନଙ୍କୁ ଦଳ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜିଲ୍ଲାର ବରିଷ୍ଠ ଉପସଭାପତି ରୂପେଶ ଜେନ୍ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରକୃତି ସବୁବେଳେ ଉତ୍ସାହର ରଙ୍ଗ ପରିଧାନ କରେ।
-ଆର ୱାଲ୍‌ଡୋ ଇମରସନ୍

## କଙ୍ଗାରୁ କୋର୍ଟର ଅନଧିକାର

ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଆମ ଦେଶର ବିଭିନ୍ନ ଅଞ୍ଚଳରେ 'କଙ୍ଗାରୁ କୋର୍ଟ', 'ସାମାଜିକ ବାସନ୍ଦ' ଭଳି କୁପ୍ରଥାମାନ ଚଳିଆସୁଛି। ଶାସନ ପ୍ରଶାସନ ସବୁ ଦେଖି ଶୁଣୁଥିଲେ ମଧ୍ୟ ପ୍ରତିକାର ହୋଇ ନ ପାରିବା ପଛରେ ରହିଛି ଏ ସମ୍ପର୍କିତ ଆଇନର ଅଭାବ। ସୁଖର କଥା ଓଡ଼ିଶା ସରକାର ଏ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। 'ସାମାଜିକ ବାସନ୍ଦ' ଓ 'କଙ୍ଗାରୁ କୋର୍ଟ' ଆଦି ଅଲିଖିତ ବ୍ୟବସ୍ଥା ଓ ମାନସିକତାକୁ ନିରୁତ୍ସାହିତ କରିବା ଲାଗି ଆଇନ ଆଣିବାକୁ ଯାଉଛନ୍ତି। 'ଓଡ଼ିଶା ସାମାଜିକ ବାସନ୍ଦ ପ୍ରତିରୋଧ ଓ ନିଷେଧ ଆଇନ-୨୦୨୬' ନାମରେ ପ୍ରସ୍ତୁତ ଏହି ଚିଠା ଆଇନଟିକୁ ରାଜ୍ୟ ଆଇନ ବିଭାଗ ସବୁଜ ସଙ୍କେତ ଦେଇଥିବା ବେଳେ ଆହୁରି କେତେକ ବିଭାଗର ବିଚାରାଧୀନ ଅଛି। ଆନ୍ତଃବିଭାଗୀୟ ଓ ଆନ୍ତଃକମିଟିର ଅନୁମୋଦନ ପରେ ଏହାକୁ ବିଧାନସଭାରେ ବିଧିବଦ୍ଧ ଭାବେ ଉପସ୍ଥାପନ କରାଯିବ। ଯଦି ଏହା ଆଇନରେ ପରିଣତ ହୁଏ ତେବେ କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରେ ଓଡ଼ିଶା ଏ କ୍ଷେତ୍ରରେ ତୃତୀୟ ରାଜ୍ୟର ମାନ୍ୟତା ପାଇବ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନ୍ୟାୟ ପାଇବା ନାଗରିକଙ୍କ ମୌଳିକ ଅଧିକାର। କାହାକୁ ଦୋଷୀ କିମ୍ବା ନିର୍ଦ୍ଦୋଷ ଘୋଷଣା କରିବାର ଅଧିକାର କେବଳ ସମ୍ବିଧାନ ଜନ୍ମିତ ଓ ଆଇନସମ୍ମତ ନ୍ୟାୟାଳୟର। କିନ୍ତୁ କେତେକ ସ୍ଥାନରେ ଆଇନର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ଲୋକମାନେ ନିଜ ହାତକୁ ଆଇନ ନେଇ ନିଜେ ବିଚାର କରି ଦଣ୍ଡବିଧାନ କରୁଛନ୍ତି। ଏହାକୁ ସାଙ୍କେତିକ ଭାଷାରେ 'କାଙ୍ଗାରୁ କୋର୍ଟ' କୁହାଯାଉଛି। ପାରିବାରିକ ବିବାଦ, ପ୍ରେମ ସମ୍ପର୍କ, ଜମିଜମା ବିବାଦ, ସାମାଜିକ ନିୟମ ଉଲ୍ଲଙ୍ଘନ କିମ୍ବା ଅନ୍ୟ କୌଣସି ଅଭିଯୋଗରେ ଗାଁର କିଛି ଲୋକ ମିଳିତ ଭାବେ ଜଣେ ବ୍ୟକ୍ତିଙ୍କୁ ସାମାଜିକ ଭାବେ ଦଣ୍ଡିତ, ବାସନ୍ଦ, ଅପମାନିତ କିମ୍ବା ଶାରୀରିକ ନିର୍ଯାତନା ଦେବା ଭଳି ଘଟଣା ପ୍ରାୟତଃ ଗଣମାଧ୍ୟମରେ ପ୍ରକାଶ ପାଉଛି। କେତେକ କ୍ଷେତ୍ରରେ ଏହାର ପରିଣାମ ଅତ୍ୟନ୍ତ ଗମ୍ଭୀର ହେଉଛି। ସବୁଠାରୁ ବିପଜ୍ଜନକ କଥା ହେଉଛି 'କଙ୍ଗାରୁ କୋର୍ଟ'ମାନଙ୍କରେ ଅଭିଯୁକ୍ତଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ମିଳେ ନାହିଁ, ପ୍ରମାଣ ଯାଞ୍ଚ ହୁଏ ନାହିଁ, ସାକ୍ଷୀଙ୍କ ବୟାନର ଆଇନଗତ ମୂଲ୍ୟାୟନ ହୁଏ ନାହିଁ। ଏପରିକି ଅଭିଯୋଗ ସତ କି ମିଛି ତାହା ମଧ୍ୟ ଦେଖାଯାଏ ନାହିଁ। ଗୁଜବ, ସଂଖ୍ୟାଧିକ ଲୋକଙ୍କ ସ୍ୱର ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମତ ହିଁ ଅନେକ ସମୟରେ 'ରାୟ'ର ଆଧାର ହୋଇଯାଏ। ତେଣୁ 'କଙ୍ଗାରୁ କୋର୍ଟ'ରେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡିତ ହେଉଥିବାର ଉଦାହରଣ ଅନେକ।

'କଙ୍ଗାରୁ କୋର୍ଟ' ସମ୍ବିଧାନ ପ୍ରଦତ୍ତ ମାନବାଧିକାର ଓ ଆଇନର ଶାସନ ପ୍ରତି ଏକ ଦୃଢ଼ ଆହ୍ୱାନ। ତେଣୁ 'କଙ୍ଗାରୁ କୋର୍ଟ'ମାନଙ୍କର ସଂଖ୍ୟା ବଢ଼ିଚାଲିଲେ ଦେଶର ସମ୍ବିଧାନ, ଆଇନ କାନୁନ, ବିଚାର ବ୍ୟବସ୍ଥା ପ୍ରତି ସମାଜର ଆସ୍ଥା ଓ ବିଶ୍ୱାସ ଦୁର୍ବଳ ହେବା ସ୍ୱାଭାବିକ। କାଳକ୍ରମେ ଏହା ଅରାଜକତାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ପ୍ରାଚୀନ ଭାରତରୁ ଅଦ୍ୟାବଧି ଗାଁର କଳି ଗାଁରେ ତୁଟାଇବା ଲକ୍ଷ୍ୟରେ ମୁରବିସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ 'ପଞ୍ଚ' ଗଠନ ହୋଇଛି। ଅନେକାଂଶ ଛୋଟମୋଟ ଆପତ୍ତି ଅଭିଯୋଗ ଓ ସମସ୍ୟାର ସମାଧାନ ଏହିଠାରେ ହିଁ ହୁଏ। ଏହା ଏକ ଅନୌପଚାରିକ ବିଚାରବ୍ୟବସ୍ଥା ଭାବେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଆଧାରରେ ଚାଲିଆସିଛି। କିନ୍ତୁ ଯେପର୍ଯ୍ୟନ୍ତ ତାହା ସ୍ୱଚ୍ଛ ନିରପେକ୍ଷ ମଧ୍ୟସ୍ଥତା ଓ ଆଇନସମ୍ମତ ସୀମା ମଧ୍ୟରେ ରହିବ କାହାର ଆପତ୍ତି କରିବାର ନାହିଁ। ମାଡ଼ ମାରିବା, ଜରିମାନାରେ ଦଣ୍ଡିତ କରିବା, ଗାଁରୁ କିମ୍ବା ଗାଁରେ ନିଆଁ ପାଣି ବାସନ୍ଦ କରିବା, ସମ୍ମାନ ହାନି କରିବା ଓ ମୌଳିକ ଅଧିକାର ଛଡ଼ାଇ ନେବାର ଅଧିକାର କୌଣସି ଅନୌପଚାରିକ ବ୍ୟବସ୍ଥାର ନାହିଁ।

'କଙ୍ଗାରୁ କୋର୍ଟ' ଭଳି ଘଟଣାକୁ 'ଗାଁର ଭିତରକଥା' କିମ୍ବା 'ସାମାଜିକ ବିବାଦ' କହି ଶାସନ ଓ ପ୍ରଶାସନ ଅଣଦେଖା କରିବା ଉଚିତ ନୁହେଁ। ଅଭିଯୋଗ ମିଳିଲେ ନିରପେକ୍ଷ ତଦନ୍ତ, ପୀଡ଼ିତଙ୍କ ସୁରକ୍ଷା ଏବଂ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ଦରକାର। କିନ୍ତୁ ଏଥିରେ ଯେଉଁ ଆଇନଗତ ଦିଗଟିର ଅନୁପସ୍ଥିତି ରହୁଛି ତାହା ପ୍ରଥମେ ଦୂର ହେବା ଦରକାର। ଏହି ଦୃଷ୍ଟିରୁ ଓଡ଼ିଶା ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ। ଆଇନର ଭୟ ଓ ଆଇନ ଉପରେ ଆସ୍ଥା ରହିଲେ 'କଙ୍ଗାରୁ କୋର୍ଟ' ଭଳି ମାନସିକତାକୁ ନିରୁତ୍ସାହିତ କରାଯାଇପାରିବ। ଓଡ଼ିଶାର ସାମାଜିକ ପରମ୍ପରାରେ ଗଣ-ସମର୍ଥନ ଓ ଗଣ-ସହଯୋଗର ପ୍ରମୁଖ ଭୂମିକା ରହିଛି। କିନ୍ତୁ ଗଣ ଯଦି ନ୍ୟାୟ ବାଟରେ ନ ଯାଇ ଆଇନକୁ ଅଣଦେଖା କରେ, ସେତେବେଳେ ତାହା ସମାଜ ପାଇଁ ବିପଦର କାରଣ ହୁଏ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଓ ରାୟଗଡ଼ା ଜିଲ୍ଲାରେ କିଛିମାସ ପୂର୍ବେ ଘଟିଥିବା ଭିଡ଼ ହିଂସାର ପରିଣତି ଏହାର ଉଦାହରଣ।

ଏଠାରେ ଆଉ ଏକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। କେବଳ ଆଇନ ପ୍ରଣୟନ କରିଦେଲେ 'କଙ୍ଗାରୁ କୋର୍ଟ'କୁ ନିରୁତ୍ସାହିତ କରାଯାଇପାରିବ ନାହିଁ। ଗୁଣିଗାରେଡ଼ି ଓ ଡାହାଣୀ ହତ୍ୟା ନିଷେଧ ଆଇନକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଓଡ଼ିଶାରେ ୨୦୧୩ରେ ଏହି ଆଇନ ପ୍ରଣୟନ ସତ୍ତ୍ୱେ ଗୁଣିଗାରେଡ଼ି ବା ଡାହାଣୀ ହତ୍ୟା ନିୟନ୍ତ୍ରଣରେ ଆଶାନୁରୂପ ସଫଳତା ମିଳିପାରିନାହିଁ। ବିଶେଷ କରି ଗୁଣିଗାରେଡ଼ି ଓ ଡାହାଣୀ ଅଭିଯୋଗ ଘଟଣାମାନଙ୍କରେ 'କଙ୍ଗାରୁ କୋର୍ଟ'ର ପ୍ରାବଲ୍ୟ ଅଧିକ। ତେଣୁ ଏ କ୍ଷେତ୍ରରେ ସାମାଜିକ ସଚେତନତାର ଭୂମିକା ଆସୁଛି। ନାଗରିକମାନେ ବୁଝିବା ଦରକାର ଯେ ଅଭିଯୋଗ ଓ ଅପରାଧ ଏବଂ ସନ୍ଦେହ ଓ ଦୋଷ ଭିତରେ ଅନେକ ତଫାତ ରହିଛି। ନ୍ୟାୟ ଦେବାର ଅଧିକାର 'ଭିଡ଼' ବା 'ଗଣ'ର ନୁହେଁ, ଏହି ଅଧିକାର ଆଇନର। ତେଣୁ ଆଇନ ପ୍ରଣୟନ ସହିତ ସଚେତନତା ଅଭିଯାନ ମଧ୍ୟ ସମାନ ଗତିରେ କାର୍ଯ୍ୟାନ୍ୱୟନ ହେବା ଆବଶ୍ୟକ।

# ଦାରିଦ୍ର୍ୟମୁକ୍ତ ଭାରତ: ସହାୟତାରୁ ସଶକ୍ତୀକରଣ

**ବିଦ୍ୟାଧର ମହାରଣା**

ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉଛି। ଦ୍ରୁତ ଆର୍ଥିକ ବିକାଶ, ଡିଜିଟାଲ ବିପ୍ଳବ, ଭିତ୍ତିଭୂମିର ବିସ୍ତାର, ଶିଳ୍ପାୟନ ଓ ନୂତନ ପ୍ରଯୁକ୍ତି ଭାରତର ବିକାଶ ଯାତ୍ରାକୁ ନୂଆ ଗତି ଓ ଶକ୍ତି ଦେଇଛି। କିନ୍ତୁ ଏହି ବିକାଶର ବାସ୍ତବ ସଫଳତା ପ୍ରମାଣିତ ହେବ, ଯେତେବେଳେ ଦେଶର ସବୁଠାରୁ ଦୁର୍ବଳ ଓ ଅବହେଳିତ ନାଗରିକ ମଧ୍ୟ ଏକ ସମ୍ମାନଜନକ ଜୀବନଯାପନ କରିପାରିବ। ତେଣୁ ଦାରିଦ୍ର୍ୟ ଦୂରୀକରଣ କେବଳ ଏକ ସରକାରୀ ଯୋଜନା ନୁହେଁ; ଏହା ବିକାଶ ମଡେଲର ସବୁଠାରୁ ବଡ଼ ପରୀକ୍ଷା।

ଆମ ଦେଶରେ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ (୧୯୭୪-୧୯୭୮) 'ଗରିବୀ ହଟାଓ' ପାଇଁ ଉଦ୍ୟମ କରାଯାଇଥିଲା। ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ 'ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ' ଗ୍ରହଣ କରାଯାଇଥିଲା। ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଆମ ଦେଶ ଦାରିଦ୍ର୍ୟ ହ୍ରାସରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ନିତି ଆୟୋଗର ଆକଳନ ଅନୁସାରେ, ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ବହୁମାତ୍ରିକ ଦାରିଦ୍ର୍ୟର ହାର ୨୯.୧୭%ରୁ ୧୧.୨୮%କୁ ହ୍ରାସ ପାଇଛି ଏବଂ ପ୍ରାୟ ୨୪.୮୨ କୋଟି ଲୋକ ବହୁମାତ୍ରିକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଦେଶର ୮୧.୩୫ କୋଟି ଲୋକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଓ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ମାଗଣାରେ ରାସନ ପାଉଛନ୍ତି। ଏଣୁ ଏହି ସଫଳତା ଆତ୍ମସନ୍ତୁଷ୍ଟି ଦେଉଥିଲେ ମଧ୍ୟ ବାସ୍ତବବାଦୀ ହୋଇପାରୁନାହିଁ।

ଦାରିଦ୍ର୍ୟ କେବଳ ଖାଦ୍ୟ କିମ୍ବା ଆୟର ଅଭାବ ନୁହେଁ। ଗୁଣାତ୍ମକ ଶିକ୍ଷାର ଅଭାବ, ସ୍ୱାସ୍ଥ୍ୟସେବାର ଅନୁପଲବ୍ଧତା, ନିରାପଦ ଆବାସର ଅଭାବ, ପରିଷ୍କାର ପାନୀୟଜଳ ଓ ପରିମଳର ଅଭାବ, ବେକାରି, ଅନିଶ୍ଚିତ ରୋଜଗାର ଏବଂ ସାମାଜିକ ସୁରକ୍ଷାର ଅଭାବ ମଧ୍ୟ ଦାରିଦ୍ର୍ୟର ଅଂଶ। ଅର୍ଥାତ୍ ଦାରିଦ୍ର୍ୟ ଏକ ବହୁମାତ୍ରିକ ସମସ୍ୟା ଏବଂ ଏହାର ସମାଧାନ ମଧ୍ୟ ବହୁମୁଖୀ ହେବା ଆବଶ୍ୟକ। ବିଶ୍ୱବ୍ୟାଙ୍କ ନିମ୍ନ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ନିରାପଦ ପାନୀୟ ଜଳ, ବିଜୁଳି ଓ ସ୍ୱଚ୍ଛତା ଅଭାବ ଏବଂ ଦୈହିକ ନିରାପତ୍ତା ଓ ସୁଯୋଗ ପ୍ରାପ୍ତିକୁ ଦାରିଦ୍ର୍ୟର କାରଣ ବୋଲି ପ୍ରକାଶ କରିଛନ୍ତି। ମୁଣ୍ଡପିଛା ଦୈନିକ ରୋଜଗାର ତିନି ଡଲାରରୁ କମ୍ ହେଲେ ତାହାକୁ ଚରମ ଦାରିଦ୍ର୍ୟ କୁହାଯିବ। ନିମ୍ନ-ମଧ୍ୟବିତ୍ତ କ୍ଷେତ୍ରରେ ଦୈନିକ ମୁଣ୍ଡପିଛା ରୋଜଗାର ୪.୨୦ ଡଲାର ଓ ମଧ୍ୟବିତ୍ତ କ୍ଷେତ୍ରରେ ଏହା ୮.୩ ଡଲାର ହେବା ଆବଶ୍ୟକ। ବିଶ୍ୱବ୍ୟାଙ୍କର ସାମ୍ପ୍ରତିକ ଆକଳନ ଭାରତର ଦାରିଦ୍ର୍ୟ ହ୍ରାସର ଉଲ୍ଲେଖନୀୟ ଚିତ୍ର ଦେଖାଉଛି। ୨୦୨୧ ତୁଲ୍ୟ କ୍ରୟଶକ୍ତି ଆଧାରିତ ନିମ୍ନ-ମଧ୍ୟମ ଆୟ ଦେଶ ପାଇଁ ପ୍ରଯୁଜ୍ୟ ଦୈନିକ ୪.୨୦ ଡଲାର ଦାରିଦ୍ର୍ୟ ସୀମାରେ ଭାରତର ଦାରିଦ୍ର୍ୟ ହାର ୨୦୧୧-୧୨ର ୫୭.୭%ରୁ ୨୦୨୩-୨୪ରେ ପ୍ରାୟ ୧୬.୧%କୁ ହ୍ରାସ ପାଇଥିବା ଆକଳନ କରାଯାଇଛି। ତଥାପି ଏହାର ଅର୍ଥ ଏନୁହେଁ ଯେ ଦାରିଦ୍ର୍ୟର ସମସ୍ୟା ଶେଷ ହୋଇଗଲା। ଏବେ ଆହ୍ୱାନ ହେଉଛି ଦାରିଦ୍ର୍ୟରୁ ବାହାରିଥିବା ପରିବାରଗୁଡ଼ିକୁ ପୁଣି ଦାରିଦ୍ର୍ୟକୁ ଫେରିଯିବାରୁ ରୋକିବା।

ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ରୋଜଗାର ସୃଷ୍ଟି। ଦୀର୍ଘସ୍ଥାୟୀ ଦାରିଦ୍ର୍ୟ ଦୂରୀକରଣର ସବୁଠାରୁ ଶକ୍ତିଶାଳୀ ଉପାୟ ହେଉଛି ନିରନ୍ତର ଓ ସମ୍ମାନଜନକ ଆୟର ସୁଯୋଗ। ମାଗଣା ସୁବିଧା ଜଣେ ଗରିବଙ୍କୁ କିଛି ସମୟ ପାଇଁ ସୁରକ୍ଷା ଦେଇପାରେ; କିନ୍ତୁ ସ୍ଥାୟୀ ଚାକିରି କିମ୍ବା ଜୀବିକା ତାଙ୍କୁ ଆତ୍ମନିର୍ଭର କରେ। ତେଣୁ ଶ୍ରମନିର୍ଭର ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ନିର୍ମାଣ, ସେବା କ୍ଷେତ୍ର ଓ ଗ୍ରାମୀଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହନ ଦେବା ଦରକାର। ଏହି ପରିପ୍ରେକ୍ଷୀରେ ଯୁବପିଢ଼ି ସବୁଠାରୁ ବଡ଼ ସମ୍ପଦ। ଭାରତର ବିଶାଳ ଯୁବଜନସଂଖ୍ୟାକୁ ଯଦି ଆଧୁନିକ ଦକ୍ଷତା, ବୃତ୍ତିମୂଳକ ଶିକ୍ଷା ଓ ଉଦ୍ୟୋଗିତାର ସୁଯୋଗ ମିଳେ, ତେବେ ଦାରିଦ୍ର୍ୟ ହ୍ରାସ ସହିତ ଦେଶର ଉତ୍ପାଦନଶୀଳତା ମଧ୍ୟ ବଢ଼ିବ। ଏଠାରେ କେବଳ ଚାକିରି ଖୋଜୁଥିବା ଯୁବକ ନୁହେଁ, ଚାକିରି ସୃଷ୍ଟି କରୁଥିବା ଯୁବ ଉଦ୍ୟୋଗୀ ତିଆରି କରିବା ଦରକାର।

କୃଷିର ପୁନରୁତ୍ଥାନ ମଧ୍ୟ ଦାରିଦ୍ର୍ୟ ନିରାକରଣର ଅବିଚ୍ଛିନ୍ନ ଅଂଶ। ଦେଶର ଅନେକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅନିଶ୍ଚିତ ଆୟ ଉପରେ ନିର୍ଭର କରନ୍ତି। ଉତ୍ପାଦନ ବଢ଼ାଇବା ସହିତ ଚାଷୀଙ୍କୁ ବଜାର, ଗୋଦାମ, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଓ ମୂଲ୍ୟ ସଂଯୋଜନ ସହିତ ଯୋଡ଼ିବା ଦରକାର। କୃଷିକୁ କେବଳ ଚାଷରେ ସୀମିତ ନରଖି ପଶୁପାଳନ, ମତ୍ସ୍ୟଚାଷ, ଉଦ୍ୟାନକୃଷି, ଖାଦ୍ୟ ପ୍ରକ୍ରିୟାକରଣ ଓ ଗ୍ରାମୀଣ ଉଦ୍ୟୋଗ ସହିତ ଯୋଡ଼ିଲେ ଗ୍ରାମୀଣ ଆୟ ବଢ଼ିପାରିବ। ଶିକ୍ଷା ହେଉଛି ଦାରିଦ୍ର୍ୟ-ଚକ୍ର ଭାଙ୍ଗିବାର ସବୁଠାରୁ ଦୀର୍ଘସ୍ଥାୟୀ ଅସ୍ତ୍ର। ଗରିବ ପରିବାରର ଶିଶୁ ଯଦି ଭଲ ଶିକ୍ଷା ପାଏ, ତାହାର ଭବିଷ୍ୟତ ବଦଳିଯାଇପାରେ। ତେଣୁ ଶିକ୍ଷାରେ କେବଳ ଭର୍ତ୍ତି ହାର ନୁହେଁ, ଗୁଣାତ୍ମକ ଶିକ୍ଷା, ଶିକ୍ଷକଙ୍କ ଉପଲବ୍ଧତା, ଡିଜିଟାଲ ସୁବିଧା, ପୁଷ୍ଟି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ସ୍ୱାସ୍ଥ୍ୟ ଖର୍ଚ୍ଚ ଯେପରି ଗରିବ ପରିବାରକୁ ପୁଣି ଦାରିଦ୍ର୍ୟକୁ ଠେଲି ନଦିଏ, ତାହା ନିଶ୍ଚିତ କରିବା ଆବଶ୍ୟକ। ପ୍ରାଥମିକ ସ୍ୱାସ୍ଥ୍ୟସେବା, ମାତୃ-ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି, ଶସ୍ତା ଔଷଧ ଓ ସ୍ୱାସ୍ଥ୍ୟ ବୀମାର ପ୍ରଭାବଶାଳୀ ପହଞ୍ଚ ଏଥିପାଇଁ ଜରୁରୀ। ଦାରିଦ୍ର୍ୟ ନିରାକରଣରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର। ସ୍ୱୟଂସହାୟକ ଗୋଷ୍ଠୀ, କ୍ଷୁଦ୍ର ଉଦ୍ୟୋଗ, ଦକ୍ଷତା ବିକାଶ, ସହଜ ଋଣ ଓ ବଜାର ସଂଯୋଗ ମାଧ୍ୟମରେ ମହିଳାଙ୍କ ଆୟ ବଢ଼ିଲେ ତାହାର ସିଧାସଳଖ ପ୍ରଭାବ ପରିବାରର ଶିକ୍ଷା, ପୁଷ୍ଟି ଓ ସ୍ୱାସ୍ଥ୍ୟ ଉପରେ ପଡ଼େ। ଏହାସହିତ ସାମାଜିକ ସୁରକ୍ଷାର ଭୂମିକାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ଖାଦ୍ୟ ସୁରକ୍ଷା, ରୋଜଗାର ଗ୍ୟାରେଣ୍ଟି, ପେନସନ୍, ଆବାସ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ବ୍ୟବସ୍ଥା ଅସୁରକ୍ଷିତ ପରିବାରକୁ ଆକସ୍ମିକ ଆର୍ଥିକ ଝଟକାରୁ ସୁରକ୍ଷା ଦେଇଥାଏ। ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟରୁ ସ୍ଥାୟୀ ଭାବେ ମୁକୁଳିବା ପାଇଁ ସାମାଜିକ ସୁରକ୍ଷା ସହିତ ରୋଜଗାର ଓ ଦକ୍ଷତାକୁ ଯୋଡ଼ିବାର ଆବଶ୍ୟକତା ଉପରେ ଜୋର ଦେଇଛି।

ସରକାରୀ ଯୋଜନାର ସଂଖ୍ୟା ବଢ଼ିବା ହିଁ ସଫଳତାର ମାପକ ନୁହେଁ। ପ୍ରଶ୍ନ ହେଉଛି - ଯୋଜନାର ପ୍ରକୃତ ଲାଭ କାହା ପାଖରେ ପହଞ୍ଚୁଛି? ଯୋଗ୍ୟ ବ୍ୟକ୍ତି ଯଦି କାଗଜପତ୍ର, ସୂଚନା ଅଭାବ କିମ୍ବା ପ୍ରଶାସନିକ ଜଟିଳତା ଯୋଗୁଁ ଲାଭରୁ ବଞ୍ଚିତ ହୁଅନ୍ତି, ତେବେ ଯୋଜନାର ଉଦ୍ଦେଶ୍ୟ ବିଫଳ ହୋଇଥାଏ। ତେଣୁ ପାରଦର୍ଶିତା, ସାମାଜିକ ଅଡିଟ୍, ଡିଜିଟାଲ ନିରୀକ୍ଷଣ ଓ ଜବାବଦେହିତାକୁ ଆହୁରି ଶକ୍ତିଶାଳୀ କରିବା ଆବଶ୍ୟକ। ଆଉ ଏକ ବଡ଼ ଆହ୍ୱାନ ହେଉଛି ଜଳବାୟୁ ପରିବର୍ତ୍ତନ। ବନ୍ୟା, ବାତ୍ୟା, ମରୁଡ଼ି, ଅତ୍ୟଧିକ ତାପମାତ୍ରା ଓ ଅନିୟମିତ ବର୍ଷା ଗରିବ ପରିବାରକୁ ଅଧିକ ପ୍ରଭାବିତ କରେ। ବିଶେଷତଃ କୃଷକ, ଦିନମଜୁରିଆ ଓ ଅନୌପଚାରିକ ଶ୍ରମିକମାନେ ଏହି ଝଟକାର ସମ୍ମୁଖୀନ ହୁଅନ୍ତି। ତେଣୁ ଦାରିଦ୍ର୍ୟ ନିରାକରଣ ନୀତି ସହିତ ଜଳବାୟୁ-ସହନଶୀଳ ବିକାଶକୁ ଯୋଡ଼ିବା ଆଜିର ଅନିବାର୍ଯ୍ୟତା।

ଭାରତର ଦାରିଦ୍ର୍ୟ ଦୂରୀକରଣର ଆଗାମୀ ପର୍ଯ୍ୟାୟରେ ଆମକୁ ଏକ ମୂଳ ପରିବର୍ତ୍ତନ ଆଣିବାକୁ ହେବ। ଏହା ହେବା ଦରକାର ସହାୟତାରୁ ସଶକ୍ତୀକରଣ। ଗରିବଙ୍କୁ କେବଳ ସହାୟତା ଦେଇ ରଖିବା ନୁହେଁ; ତାଙ୍କୁ ଏପରି ସୁଯୋଗ ଦେବା ଦରକାର, ଯାହା ମାଧ୍ୟମରେ ସେ ନିଜେ ଆୟ ସୃଷ୍ଟି କରିପାରିବେ, ନିଜ ପରିବାରକୁ ଆଗକୁ ନେଇପାରିବେ ଏବଂ ଆତ୍ମନିର୍ଭର ହୋଇପାରିବେ। 'ଦାରିଦ୍ର୍ୟମୁକ୍ତ ଭାରତ' କେବଳ ଏକ ସରକାରୀ ଲକ୍ଷ୍ୟ ନୁହେଁ; ଏହା ଏକ ଜାତୀୟ ସଙ୍କଳ୍ପ। ଅର୍ଥନୀତିର ବୃଦ୍ଧି ସେତେବେଳେ ଅର୍ଥପୂର୍ଣ୍ଣ, ଯେତେବେଳେ ତାହାର ଲାଭ ସମାଜର ଶେଷଧାଡ଼ିର ଲୋକଙ୍କ ପାଖରେ ପହଞ୍ଚେ। ଭାରତକୁ ଯଦି ବାସ୍ତବରେ ଏକ ସମୃଦ୍ଧ, ସମାନତାଭିତ୍ତିକ ଓ ନ୍ୟାୟସଙ୍ଗତ ରାଷ୍ଟ୍ରରେ ପରିଣତ କରିବାକୁ ହୁଏ, ତେବେ ଦାରିଦ୍ର୍ୟ ଦୂରୀକରଣକୁ ବିକାଶ ନୀତିର କେନ୍ଦ୍ରବିନ୍ଦୁରେ ରଖିବାକୁ ହେବ। ଗରିବଙ୍କୁ କେବଳ ବଞ୍ଚିବାର ସହାୟତା ନୁହେଁ, ଆଗକୁ ବଢ଼ିବାର ସୁଯୋଗ ଦେବା - ଏହା ହେଉ ଦାରିଦ୍ର୍ୟମୁକ୍ତ ଭାରତ ଗଠନର ପ୍ରକୃତ ମନ୍ତ୍ର।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଏବେ ଆମେ କେଉଁଠି?

**ଅନନ୍ତ ସାହୁ**

୭୯ ବର୍ଷର ସ୍ୱାଧୀନତା ପରେ ଆମେ ଯଦି ନିଜକୁ ଖୋଜିବା ତେବେ ପ୍ରଶ୍ନ ଆସିବ ଆମେ କେଉଁଥିରେ ସ୍ୱାଧୀନ? ୧୯୪୭ ମସିହାରେ ଦେଶର ଜିଡିପି ପ୍ରାୟ ୨.୭ ଲକ୍ଷ କୋଟି ଟଙ୍କାରୁ ଆସି ୨୦୨୬ ରେ ୩୪୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଣ୍ଡପିଛା ଆୟ ବାର୍ଷିକ ୨୬୫ ଟଙ୍କାରୁ ଆସି ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି। ଦେଶର ବଜେଟ୍ ୧୯୭.୩୯ କୋଟି ଟଙ୍କାରୁ ଆସି ୫୩.୪୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏସବୁ ମଧ୍ୟରେ ଦେଶ ୫ ଟ୍ରିଲିୟନ୍ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ଭିନ୍ନ ଦିଗକୁ ଲକ୍ଷ୍ୟ କଲେ ଦେଶ ଋଣଗ୍ରସ୍ତ ଓ ଭାରାକ୍ରାନ୍ତ ଲାଗୁଛି। ୧୯୪୮- ୪୯ ମସିହାରେ ଦେଶର ଋଣଭାର ୧.୭୯୫ କୋଟି ଟଙ୍କା ଥିଲା। ବର୍ତ୍ତମାନ ଏହା ୨୦୦.୫୩ ଲକ୍ଷ କୋଟି ଟଙ୍କାରେ ପହଁଚିଛି। ମୁଣ୍ଡପିଛା ଋଣ ଭାର ୫୫ ଟଙ୍କାରୁ ୧.୩୭ ଲକ୍ଷ ଟଙ୍କାକୁ ଛୁଇଁଛି, ଯାହା ପ୍ରାୟ ୨୬୦୦ ଗୁଣ ଅଧିକ।

ବିଶ୍ୱ ଅସମାନତା ରିପୋର୍ଟ ଅନୁସାରେ ଭାରତରେ ଅର୍ଥନୈତିକ ଅସମାନତା ଅଧିକ। ଏହା ଦେଶରେ ଧନୀ-ଗରିବ ଭେଦଭାବକୁ ଦର୍ଶାଉଛି। ତଥ୍ୟ ଅନୁସାରେ ଦେଶର ମୋଟ ସମ୍ପତ୍ତିର ୬୫ ପ୍ରତିଶତ କେବଳ ୧୦ ପ୍ରତିଶତ ଧନୀ ବ୍ୟକ୍ତିଙ୍କ ପାଖରେ ଏବଂ ଏଥିମଧ୍ୟରୁ ସବୁଠାରୁ ଧନୀ ୧ ପ୍ରତିଶତ ଲୋକ ପ୍ରାୟ ୪୦ ପ୍ରତିଶତ ସମ୍ପତ୍ତିର ମାଲିକ। ତଳସ୍ତରରେ ଥିବା ୫୦ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ମାତ୍ର ୩ ରୁ ୬ ପ୍ରତିଶତ ସମ୍ପତ୍ତି। ଅନ୍ୟପଟେ ଅନ୍ତଃରାଷ୍ଟ୍ରୀୟ ମୁଦ୍ରାବଜାରକୁ ହିସାବ କଲେ ଦେଶ ସ୍ୱାଧୀନ ହେବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାର ୧ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୩.୩୦ ଟଙ୍କା




ଥିଲା, ଯାହା ବର୍ତ୍ତମାନ ୯୬ .୦୦ ଟଙ୍କା ଛୁଇଁଲାଣି। ସେହିଭଳି ୟୁନାଇଟେଡ କିଙ୍ଗଡମର ୧ ପାଉଣ୍ଡ ତୁଳନାରେ ଭାରତୀୟ ମୁଦ୍ରା ୧୩.୩୦ ଟଙ୍କା ଥିବା ବେଳେ ତାହା ଏବେ ୧୨୯.୫୮ ଟଙ୍କାରେ ପହଞ୍ଚିଲାଣି।

ସେହିପରି ଆମ ଶିକ୍ଷା ବ୍ୟବସ୍ଥାରେ କେ.ଜି ରୁ ପିଜି ପର୍ଯ୍ୟନ୍ତ କେବଳ 'ପାଠପଢ଼, ମୁଖସ୍ଥ କର, ପରୀକ୍ଷା ଦିଅ, ନମ୍ବରପାଅ' ରେ ସୀମିତ। ଏଥିରେ ସୀମିତ ନରହି ଆମକୁ 'ପାଠପଢ଼, ବୁଝ, ପ୍ରଶ୍ନ କର, ତର୍କ କର, ପ୍ରୟୋଗକର, ସମସ୍ୟାର ସମାଧାନ କର' ଦିଗରେ ବଢ଼ିବାକୁ ପଡ଼ିବ। ଦେଶରେ ଶିକ୍ଷକ ଅଭାବ। ଡ୍ରପଆଉଟ ହାର ବଢ଼ୁଛି। ଛାତ୍ରମାନେ କେବଳ ଡିଗ୍ରୀରେ ସୀମିତ। ଡିଗ୍ରୀ ଅଛି, କିନ୍ତୁ ଦକ୍ଷତା ନାହିଁ। ନିଯୁକ୍ତି ନାହିଁ। ଅନ୍ୟପଟେ ଦେଶରେ ମାଲମାଲ ପ୍ରଶ୍ନପତ୍ର ଲିକ୍। ପଢ଼ା ବହିରେ ତ୍ରୁଟି। ଛାତ୍ରମାନଙ୍କ ଉପରେ ଅମାନୁଷିକ ଭାବେ ଲାଠିମାଡ଼, ପାଣି ମାଡ଼, ବର୍ବର ନିର୍ଯାତନା, ଯାହା ଏକ ସ୍ୱାଧୀନ ରାଷ୍ଟ୍ର ପାଇଁ ନିନ୍ଦନୀୟ ଘଟଣା। ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ - 'ୟୁଡାଇଜ୍ ପ୍ଲସ୍ - ୨୦୨୪-୨୫' ତଥ୍ୟ ଅନୁସାରେ ଦେଶରେ ୧,୦୪,୧୨୫ ଟି ବିଦ୍ୟାଳୟ ମାତ୍ର ଜଣେ ଲେଖାଏଁ ଶିକ୍ଷକଙ୍କ ଉପରେ ନିର୍ଭର କରୁଛି। ଅନ୍ୟପଟେ ଦେଶରେ ୬ ରୁ ୧୭ ବର୍ଷ ବୟସର ୪.୬୦ କୋଟି ପିଲା ବିଦ୍ୟାଳୟ ବାହାରେ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ସଂସଦରେ ଦିଆଯାଇଥିବା ତଥ୍ୟ ଅନୁସାରେ ଦେଶରେ ୮୧୧ ଜଣ ରୋଗୀ ପାଇଁ ଜଣେ ଡାକ୍ତର ଅଛନ୍ତି। ୨୦୨୫ ରେ ପ୍ରକାଶିତ 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ରିପୋର୍ଟ' ଅନୁସାରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତ ୧୦୦ ରୁ ୩୯ ସ୍କୋର ସହ ୧୮୨ ଦେଶ ମଧ୍ୟରେ ୯୧ ତମ ସ୍ଥାନରେ ଅଛି। ଏହାବାଦ ବୈଦେଶିକ ମନ୍ତ୍ରାଳୟ ଦ୍ୱାରା ସଂସଦରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ବର୍ଷକୁ ପ୍ରାୟ ୨ ଲକ୍ଷରୁ ଅଧିକ ଭାରତୀୟ ଦେଶର ନାଗରିକତ୍ୱ ଛାଡ଼ି ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରୁଛନ୍ତି। ଏଥିରେ ଅଧିକାଂଶ ଭାରତୀୟ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ବ୍ରିଟେନ ଭଳି ଦେଶକୁ ପସନ୍ଦ କରୁଛନ୍ତି। ଏହାର କାରଣ ହେଉଛି - ଉନ୍ନତ ଶିକ୍ଷା, ଭଲ ଚାକିରି, ବ୍ୟବସାୟିକ ସୁଯୋଗ, ଜୀବନର ସ୍ଥାୟୀ ସୁରକ୍ଷା। ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୫ରେ ୧୨୩ ଟି ଦେଶ ମଧ୍ୟରୁ ୧୦୨ ତମ ସ୍ଥାନରେ ଆମେ ଅଛୁ। ୨୦୨୬ ରେ ପ୍ରକାଶିତ 'ବିଶ୍ୱ ଖୁସି ସୂଚକାଙ୍କ'ରେ ୧୪୭ ଦେଶ ମଧ୍ୟରୁ ୧୧୬ ତମ ସ୍ଥାନରେ ଭାରତ ରହିଛି। ସେହିଭଳି ପରିବେଶ ପ୍ରଦର୍ଶନ ସୂଚକାଙ୍କ ୨୦୨୬ ରେ ୧୭୭ ଦେଶ ମଧ୍ୟରୁ ଆମ ଦେଶ ୧୭୬ ତମ ସ୍ଥାନରେ ଅଛି। ସଦ୍ୟପ୍ରକାଶିତ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ୧୮୦ ଦେଶ ମଧ୍ୟରୁ ଭାରତ ୧୫୭ ତମ ସ୍ଥାନରେ ଅଛି। ସବୁଠାରୁ ବିଡ଼ମ୍ବନାର ବିଷୟ ଏହିସବୁ ତାଲିକାରେ ଆମ ପଡ଼ୋଶୀ ରାଷ୍ଟ୍ର - ଶ୍ରୀଲଙ୍କା, ନେପାଳ, ଭୁଟାନ୍, ମିଆଁମାର ଏବଂ ବହୁ ଛୋଟ ଛୋଟ ଦେଶ ଭାରତ ଉପରେ ଅଛନ୍ତି।

ଏବେବି ଗାଁ ଗାଁ ରେ ଜାତିଭେଦ, କଙ୍ଗାରୁ କୋର୍ଟ ପରି ଘୃଣ୍ୟ ପ୍ରଥା ପ୍ରଚଳିତ। ସମାଜରେ ସାମ୍ପ୍ରଦାୟିକ ହିଂସା ଏବେ ବି ବଳବତ୍ତର। ଏବେବି ଦେଶରେ ନାଗରିକମାନଙ୍କର ଦାୟିତ୍ୱବୋଧର ଅଭାବ। ସମୟଜ୍ଞାନର ଅଭାବ। ଚାରିଆଡ଼େ ନଦୀ, ନାଳ, ପୋଖରୀ ପ୍ରଦୂଷିତ। ଗ୍ରହଣ କରୁଥିବା ପବନ ମଧ୍ୟ ପ୍ରଦୂଷିତ। ଚାରିଆଡ଼େ ଗଛ ଜଙ୍ଗଲ କଟା ଚାଲିଛି। ଏ ସବୁ ଦେଖିଲେ କେଉଁଠି ନା କେଉଁଠି ଏକ ପ୍ରଶ୍ନ ଉଠୁଛି ଆମେ କ'ଣ ଏଥିପାଇଁ ସ୍ୱାଧୀନତା ପାଇଛେ? କ'ଣ ଆମେ ସ୍ୱାଧୀନତାର ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିଛେ? ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୪୭ ମସିହା ସୁଦ୍ଧା ଯେଉଁ ବିକଶିତ ଭାରତ ଗଢ଼ି ତୋଳିବା ଦିଗରେ ଅଗ୍ରସର ହେଉଛେ ତାହା ବାସ୍ତବରେ ପରିଣତ ହେବ ତ? ହେ ସଭ୍ୟ ସମାଜର ନାଗରିକମାନେ! ସମୟ ଥାଉ ଥାଉ ସଚେତନ ହୋଇ ସୁଧାରି ହେବାକୁ ପଡ଼ିବ। ନଚେତ୍ ସବୁଥାଇ ଆମକୁ ଗୋଲାମ ପରି ଜୀବନ ବଞ୍ଚିବାକୁ ପଡ଼ିବ।

ଇଟାମାଟି(ନୟାଗଡ଼),
ମୋ:୬୩୭୨୫୯୪୦୪୧

# କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

## ଓଡ଼ିଶାର ବୌଦ୍ଧ ପରମ୍ପରା



ପୂର୍ବପ୍ରକାଶିତ ଉତ୍ତାରୁ...

କଳିଙ୍ଗ ଓ ସିଂହଳର ରାଜପରିବାରଗୁଡ଼ିକ ମଧ୍ୟରେ ଥିବା ଏହି ସମ୍ପର୍କର ପ୍ରଭାବ ନିଶ୍ଚିତ ଭାବେ ଏହି ଦୁଇ ଅଞ୍ଚଳର ସାମାଜିକ ଓ ଧାର୍ମିକ ଜୀବନ ଉପରେ ବ୍ୟାପକ ଥିଲା। ସେମାନଙ୍କ ମଧ୍ୟରେ ଥିବା ସାଂସ୍କୃତିକ ସମ୍ପର୍କ ମୁଖ୍ୟତଃ ବୌଦ୍ଧଧର୍ମୀୟ, ବିଶେଷକରି 'ହୀନଯାନୀ ବୌଦ୍ଧଧର୍ମୀୟ' ଥିବା ଜଣାଯାଏ। ଏହି 'ହୀନଯାନ ବୌଦ୍ଧ ଧର୍ମ' ବ୍ୟବସ୍ଥା ପ୍ରାୟ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗରେ ଉଲ୍ଲେଖନୀୟ ପ୍ରାଧାନ୍ୟ ବଜାୟ ରଖିଥିଲା।

କଳିଙ୍ଗ ଓ ଦକ୍ଷିଣ ଭାରତ: ଅଶୋକଙ୍କ ସମୟରୁ ଦକ୍ଷିଣ ଭାରତରେ ମହାସଂଘିକମାନେ ଏକ ଲୋକପ୍ରିୟ ବୌଦ୍ଧ ସଂପ୍ରଦାୟ ଭାବେ ପରିଚିତ ଥିଲେ। ଏହି ସଂପ୍ରଦାୟର ବିଭିନ୍ନ ଶାଖା କୃଷ୍ଣା-ଗୋଦାବରୀ ଅବବାହିକା ଅଞ୍ଚଳରେ ପ୍ରତିଷ୍ଠା ହୋଇଥିଲା। ସେମାନେ ସମ୍ମିଳିତଭାବେ 'ଆନ୍ଧକ' ନାମରେ ପରିଚିତ ଥିଲେ। ମହାସଂଘିକମାନେ ମଗଧରୁ ସ୍ଥାନାନ୍ତରିତ ହେବା ସମୟରେ କଳିଙ୍ଗ ଦେଇ ଯାଇଥିଲେ ଏବଂ ଏଠାରେ ମଧ୍ୟ କେତେକ ସ୍ଥାନରେ ବସତି ସ୍ଥାପନ କରିଥିଲେ। ଆନ୍ଧ୍ରଦେଶର ପ୍ରାଚୀନତମ ଐତିହାସିକ ସ୍ମାରକଗୁଡ଼ିକ ବୌଦ୍ଧ ଧର୍ମ ସହିତ ସଂପୃକ୍ତ। ଅମରାବତୀ, ଜଗ୍ଗୟାପେଟା, ନାଗାର୍ଜ୍ଜୁନ କୋଣ୍ଡା ଆଦି ସ୍ଥାନରୁ ଅନେକ ମୂଲ୍ୟବାନ ଅବଶେଷ ମିଳିଛି। ଏଗୁଡ଼ିକ ଖ୍ରୀଷ୍ଟୀୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ମଧ୍ୟରେ ସେଠାରେ ବିକଶିତ ହୋଇ ଏକ ଗୌରବମୟ ବୌଦ୍ଧ ସଂସ୍କୃତିର ସାକ୍ଷ୍ୟ ପ୍ରଦାନ କରନ୍ତି।

କଳିଙ୍ଗ ଅଞ୍ଚଳରେ ଶଙ୍କରମ୍, ରାମତୀର୍ଥମ୍, ସୀମାଚଳମ୍, ମୁଖଲିଙ୍ଗମ୍, ଶାଳିହୁଣ୍ଡମ୍ ଇତ୍ୟାଦି ସ୍ଥାନରେ ବୌଦ୍ଧ ଧର୍ମର ଉଲ୍ଲେଖନୀୟ ଅବଶେଷ ଦେଖିବାକୁ ମିଳିଥାଏ। ଏଠାକାର ପଥର କଟାଯାଇ ନିର୍ମିତ ଗୁମ୍ଫା, ଏକ ଶିଳା ଦାଗୋବା, ସ୍ତୂପ ଓ ଆବାସିକ ଅଟ୍ଟାଳିକାଗୁଡ଼ିକ ଖ୍ରୀଷ୍ଟୀୟ ପ୍ରାରମ୍ଭିକ ଶତାବ୍ଦୀଗୁଡ଼ିକରେ ବିକଶିତ ଏକ ଗଭୀର ହୀନଯାନୀ ବୌଦ୍ଧ ସଂସ୍କୃତି ପ୍ରମାଣ ପ୍ରଦାନ କରେ। ଜଣାଯାଏ ଯେ, ମହାସଂଘିକମାନେ ତିନୋଟି ଶୈଳ ସଂପ୍ରଦାୟରେ ବିଭକ୍ତ ଥିଲେ - ଚୈତ୍ୟଶୈଳ, ଅପରଶୈଳ ଏବଂ ଉତ୍ତର ଶୈଳ। ମହାସଂଘିକମାନଙ୍କର କେତେକ ଶାଖା ସାଧାରଣତଃ 'ଶୈଳ ସଂଘ' ନାମରେ ପରିଚିତ ଥିଲା। ତେଣୁ କଳିଙ୍ଗରେ ବସତି ସ୍ଥାପନ କରିଥିବା ମହାସଂଘିକମାନଙ୍କୁ 'ଶୈଳ ସଂଘ'ର ସଦସ୍ୟ ଏବଂ ଆନ୍ଧ୍ର ଅଞ୍ଚଳର ବୌଦ୍ଧମାନଙ୍କର ଘନିଷ୍ଠ ସହଯୋଗୀ ଭାବେ ଗ୍ରହଣ କରାଯାଇପାରେ।

ନାଗାର୍ଜ୍ଜୁନକୋଣ୍ଡାର ଏକ ଶିଳାଲେଖ ଭାରତର ବିଭିନ୍ନ ସ୍ଥାନ ସମେତ କଳିଙ୍ଗରେ ଥେରବାଦୀ ସଂପ୍ରଦାୟର ବସତି ସଂପର୍କରେ ଆଲୋକପାତ କରିଥାଏ। ଏହି ଶିଳାଲେଖରୁ ଜଣାଯାଏ ଯେ, ଦକ୍ଷିଣାପଥରେ ଏହି ଅଞ୍ଚଳର ଥେରବାଦୀ ଭିକ୍ଷୁମାନେ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପୂର୍ବରୁ ଭାରତର ଅନ୍ୟାନ୍ୟ ସ୍ଥାନ ସହିତ କଳିଙ୍ଗର ତୋଷାଳୀ ଓ ପାଲୁର ଅଞ୍ଚଳରେ ମଧ୍ୟ ଧର୍ମ ପ୍ରଚାରମୂଳକ କାର୍ଯ୍ୟ କରିଥିଲେ। ସେହି ସମୟରେ ଅଶୋକଙ୍କ ଅଧୀନରେ କଳିଙ୍ଗର ରାଜଧାନୀ ତୋଷାଳୀ ଏକ ପ୍ରସିଦ୍ଧ ସ୍ଥାନ ଭାବେ ଜଣାଥିଲା ଏବଂ ବୌଦ୍ଧ ଜଗତରେ ଏହା ଖ୍ୟାତି ଓ ପ୍ରସିଦ୍ଧ ଅର୍ଜନ କରିଥିଲା। ଅନ୍ୟପକ୍ଷରେ ପାଲୁର କଳିଙ୍ଗର ଏକ ପ୍ରାଚୀନ ବାଣିଜ୍ୟିକ ବନ୍ଦର ଭାବେ ପରିଣତ ଥିଲା। ଏହା ଋଷିକୂଲ୍ୟା ନଦୀର ମୁହାଣରେ, ଗଞ୍ଜାମ ବନ୍ଦରର ଅତି ନିକଟରେ ଅବସ୍ଥିତ ଥିଲା। ଏହା ନିଶ୍ଚିତ ଭାବେ ପୋଲୋମୀଙ୍କ ଦ୍ୱାରା ଉଲ୍ଲିଖିତ 'ପାଲୌରା' ବନ୍ଦର ଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଭୂସ୍ଖଳନରେ ରେଳପଥ ଅବରୋଧ, ବହୁ ଟ୍ରେନ୍ ବାତିଲ

### କେତେକ ଟ୍ରେନ୍ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ

ରାୟଗଡ,୨।୧୦(ସମିସ): କୋରାପୁଟ-ଜୟପୁର-ଜଗଦଲପୁର-କିରଣ୍ଡୁଲ ରେଳପଥରେ ଭୂସ୍ଖଳନ ଯୋଗୁଁ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ରାୟଗଡ ରେଳମଣ୍ଡଳ ଅଧୀନ ମାଲିଗୁଡ଼ା ଷ୍ଟେସନ ନିକଟରେ କୋରାପୁଟ ଓ ଜୟପୁର ମଧ୍ୟରେ ଭୂସ୍ଖଳନ ହେବା ପରେ ରେଳ ଚଳାଚଳ ସୁରକ୍ଷା ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଏକାଧିକ ଟ୍ରେନ ବାତିଲ ଓ ଆଂଶିକ ବାତିଲ କରାଯାଇଛି। ୧୮୫୧୫ ବିଶାଖାପାଟଣା- କିରଣ୍ଡୁଲ ଏକ୍ସପ୍ରେସ ଏବଂ ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ ଅକ୍ଟୋବର ୪ରୁ ୭ ତାରିଖ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ୧୮୧୦୭ ରାଉରକେଲା- ଜଗଦଲପୁର ଏକ୍ସପ୍ରେସ ଅକ୍ଟୋବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ରାଉରକେଲାରୁ ବାତିଲ ରହିବ। ୧୮୧୦୮ ଜଗଦଲପୁର- ରାଉରକେଲା ଏକ୍ସପ୍ରେସ ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଜଗଦଲପୁରରୁ ବାତିଲ ରହିବ। ୧୮୦୦୫ ହାୱଡ଼ା ଜଗଦଲପୁର ଏକ୍ସପ୍ରେସ ଅକ୍ଟୋବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ହାୱଡ଼ାରୁ କୋରାପୁଟ ମଧ୍ୟରେ ଚଳାଚଳ କରିବ। କୋରାପୁଟରୁ ଜଗଦଲପୁର ମଧ୍ୟରେ ଏହାର ଚଳାଚଳ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ସେହିପରି ୧୮୦୦୬ ଜଗଦଲ- ପୁରହାୱଡ଼ା ଏକ୍ସପ୍ରେସ ଅକ୍ଟୋବର ୪ରୁ ୯ ତାରିଖ ପର୍ଯ୍ୟନ୍ତ କୋରାପୁଟରୁ ହାୱଡ଼ା ମଧ୍ୟରେ ଚଳାଚଳ କରିବ ଏବଂ ଜଗଦଲପୁରରୁ କୋରାପୁଟ ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଅକ୍ଟୋବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରୁ କୋରାପୁଟ ମଧ୍ୟରେ ଚଳାଚଳ କରିବ। କୋରାପୁଟରୁ ଜଗଦଲପୁର ମଧ୍ୟରେ ଏହାର ଚଳାଚଳ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ୧୮୪୪୮ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ କୋରାପୁଟରୁ ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିବ। ଜଗଦଲପୁରରୁ କୋରାପୁଟ ମଧ୍ୟରେ ଏହାର ଚଳାଚଳ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ୫୮୫୦୧/୫୮୫୦୨ ବିଶାଖାପାଟଣା କିରଣ୍ଡୁଲବିଶାଖାପାଟଣା ଯାତ୍ରୀବାହୀ ଟ୍ରେନ ଅକ୍ଟୋବର ୪ରୁ ୭ ତାରିଖ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବିଶାଖାପାଟଣା ଓ କୋରାପୁଟ ମଧ୍ୟରେ ଚଳାଚଳ କରିବ। କୋରାପୁଟରୁ କିରଣ୍ଡୁଲ ମଧ୍ୟରେ ଏହାର ଚଳାଚଳ ବାତିଲ ରହିବ। ଭୂସ୍ଖଳନ ଯୋଗୁଁ ଟ୍ରେନ ଚଳାଚଳରେ ଏହି ପରିବର୍ତ୍ତନ ହୋଇଥିବାରୁ ଯାତ୍ରୀମାନେ ସଂଶୋଧିତ ଟ୍ରେନ୍ ସେବା ସମ୍ପର୍କରେ ଜାଣି ଯାତ୍ରା ଯୋଜନା କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି। ସଂରକ୍ଷିତ ଟିକେଟ ଥିବା ଯାତ୍ରୀମାନଙ୍କୁ ଏନେଇ ବହୁଳ ବାର୍ତ୍ତା ପଠାଯାଇଛି। ଯାତ୍ରା ପୂର୍ବରୁ ନିଜ୍ ଟ୍ରେନର ଚଳାଚଳ ସ୍ଥିତି ଜାଣି ଯାତ୍ରା କରିବାକୁ ରେଳପଥ ପକ୍ଷରୁ କୁହାଯାଇଛି।

## ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ ସେବାଦଳର ସତ୍ୟାଗ୍ରହ




ଭୁବନେଶ୍ୱର,୨।୧୦(ସମିସ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭାରତୀୟ ଜନତାପାର୍ଟି ଏବଂ ମୋଦୀ ସରକାରଙ୍କର ହାତବାରିସୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସାରା ଦେଶର ୧୩ କୋଟିର ଉର୍ଦ୍ଧ୍ୱ ଭୋଟରଙ୍କୁ ଭୋଟ ଦେବାର ଅଧିକାରରୁ ବେଆଇନ ଭାବେ ସେ ବଞ୍ଚିତ କରିଛନ୍ତି। ଓଡ଼ିଶାରୁ ମଧ୍ୟ ୨୭ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଦେଶର ଲୋକଙ୍କୁ ଭୁଆଁ ବୁଲାଇ ବିଜେପିକୁ କ୍ଷମତାସୀନ କରିବାପାଇଁ ଜ୍ଞାନେଶ କୁମାର ଜଣେ ଦେଶଦ୍ରୋହୀ ଭାବେ କାର୍ଯ୍ୟ କରିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପିସିସି ସେବାଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଆୟୋଜିତ ସତ୍ୟାଗ୍ରହରେ ସାମିଲ ହୋଇ ଜ୍ଞାନେଶ କୁମାରଙ୍କ ଅପରାଧ ଅକ୍ଷମଣୀୟ, ଏଥିପାଇଁ ତାଙ୍କୁ କଡ଼ା ଦଣ୍ଡ ମିଳିବା ଉଚିତ ବୋଲି ଶ୍ରୀ ଦାସ କହିଛନ୍ତି।

ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି କହିଥିଲେ ଯେ ବେଆଇନ ଭାବେ ଫର୍ମ-୬ର ପରିବର୍ତ୍ତନ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନରଙ୍କ କାରସାଦିକୁ ଅନ୍ୟ ଦୁଇ କମିଶନର ଲୋକଲୋଚନକୁ ଆଣିବା ପରେ କିଭଳି ଭାବରେ ଜ୍ଞାନେଶ କୁମାର ବିଜେପି ପାଇଁ ସାଂଘାତିକ ଅପରାଧ କରୁଥିଲେ ତାହା ପ୍ରମାଣିତ ହୋଇଯାଇଛି। ଯେତେବେଳେ ସାଧାରଣ ଲୋକ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଶ୍ନ କରୁଛନ୍ତି ସେତେବେଳେ ଉତ୍ତର ଦେଉଛି ବିଜେପି। ତେଣୁ ସମୁଦାୟ ଭୋଟ ଚୋରି କଣ ତାହା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଯାଇଛି ବୋଲି ସେ କହିଛନ୍ତି। ସେବାଦଳ ପକ୍ଷରୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଭୁବନେଶ୍ୱରରେ ଏକ ନଗର ପରିକ୍ରମା କାର୍ଯ୍ୟ ଆୟୋଜିତ ହୋଇଥିଲା।

## ନକଲି ଆରଟିଓ ଗିରଫ

### ପଶ୍ଚିମବଙ୍ଗ ଆର୍‌ଟିଓ ଜାଲ୍ ଫାଇନ୍ ଓ ରସିଦ ସ୍ଲିପ୍ ଆଦି ଜବତ

ଜଳେଶ୍ୱର,୨।୧୦(ସମିସ): ନିଜକୁ ଆରଟିଓ ବୋଲି ପରିଚୟ ଦେଇ ଦୀର୍ଘ ଦିନ ଧରି ଲୋକଙ୍କୁ ଠକେଇ କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଜଳେଶ୍ୱର ପୁଲିସ ଗିରଫ କରିଛି। ଅଭିଯୋଗ ପରେ ତଦନ୍ତ କରି ପୁଲିସ ତାଙ୍କ ନିକଟରୁ ବହୁ ନକଲି ଆରଟିଓ



ରସିଦ, ନକଲି ନୋଟାରୀ ସିଲ୍ ଓ ନକଲି ପଶ୍ଚିମବଙ୍ଗ ସରକାରୀ ଷ୍ଟାମ୍ପ ପେପର ସମେତ ବିଭିନ୍ନ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି।

ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଅଭିଯୁକ୍ତ ନିଜକୁ ଆରଟିଓ ସହ ଜଡିତ ବ୍ୟକ୍ତି ବୋଲି ପରିଚୟ ଦେଇ ଲୋକଙ୍କଠାରୁ ଟଙ୍କା ନେଉଥିବା ଅଭିଯୋଗ ରହିଛି। ବିଶେଷକରି ଗାଡ଼ି ସମ୍ପର୍କିତ ଜରିମାନା, ରସିଦ ଓ ବିଭିନ୍ନ କାଗଜପତ୍ର କରାଇଦେବା ନାଁରେ ଠକେଇ କରାଯାଉଥିବା ଅଭିଯୋଗ ପୋଲିସ ନିକଟରେ ପହଞ୍ଚିଥିଲା। ଏହା ପରେ ଜଳେଶ୍ୱର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ତଦନ୍ତ ବେଳେ ଅଭିଯୁକ୍ତଙ୍କ ନିକଟରୁ ଏକ ପ୍ରିଣ୍ଟର, ଏକ ସବୁଜ ରଙ୍ଗର ଇଲେକ୍ଟ୍ରିକ୍ ବ୍ଲୋଅର, ଥର୍ମାଲ୍ ରସିଦ ପ୍ରିଣ୍ଟର, ମଲ୍ଟିପୋର୍ଟ ହବ୍ ଓ ଏକ୍ସଟେନସନ୍ ବୋର୍ଡ ଜବତ କରାଯାଇଛି। ଏକ ମୋବାଇଲ୍ ଫୋନ୍ ମଧ୍ୟ ପୁଲିସ ଜବତ କରିଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨୦ଟି ସନ୍ଦେହଜନକ ନକଲି/ଜାଲ୍ ପଶ୍ଚିମବଙ୍ଗ ଆରଟିଓ ଫାଇନ୍ ଓ ରସିଦ ସ୍ଲିପ୍, ୨ଟି ସନ୍ଦେହଜନକ ନକଲି ନୋଟାରୀ ସିଲ୍/ଷ୍ଟାମ୍ପ ଏବଂ ୧୫ଟି ସନ୍ଦେହଜନକ ଜାଲ୍ ପଶ୍ଚିମବଙ୍ଗ ସରକାରୀ ଷ୍ଟାମ୍ପ ପେପର ଜବତ କରିଛି। ଏହି ସମସ୍ତ ସାମଗ୍ରୀକୁ ଆଧାର କରି ଅଭିଯୁକ୍ତ କେତେ ଦିନ ଧରି ଏଭଳି କାରବାର କରୁଥିଲା, ତାଙ୍କ ସହ ଆଉ କେହି ଜଡିତ ଅଛନ୍ତି କି ନାହିଁ ଏବଂ ଏହି ନକଲି କାଗଜପତ୍ର କେଉଁଠାରେ ତିଆରି ହେଉଥିଲା, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଦୀର୍ଘ ଦିନ ଧରି ପୋଲିସକୁ ଚକମା ଦେଇ ନିଜକୁ ଜଣେ ଅଧିକାରୀ ବୋଲି ପରିଚୟ ଦେଇ ଲୋକଙ୍କୁ ଠକୁଥିବା ଅଭିଯୋଗ ଥିବା ବେଳେ ଶେଷରେ ଜଳେଶ୍ୱର ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଏହି ଘଟଣା ପଛରେ ଥିବା ସମ୍ପୂର୍ଣ୍ଣ ନେଟୱର୍କ ଓ ଠକେଇର ପରିମାଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

## ଡର ନା ଚାପ! ବିଜେଡି ଜନସମ୍ପର୍କ ପଦଯାତ୍ରାକୁ ମିଳିଲାନି ଅନୁମତି

ବ୍ରହ୍ମପୁର,୨।୧୦(ସମିସ): ବର୍ଷ ବର୍ଷ ଧରି ଅକ୍ଟୋବର ୨ତାରିଖ ଠାରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକମାସ ଧରି ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ହୋଇ ଆସୁଥିବା ଜନସମ୍ପର୍କ ପଦଯାତ୍ରାରେ ବାଧକ ସାଜିଛି ବ୍ରହ୍ମପୁର ପୁଲିସ ପ୍ରଶାସନ। ଯାହାକୁ ନେଇ ପୁଲିସର ନିରପେକ୍ଷତାକୁ ନେଇ ଉଠିଛି ପ୍ରଶ୍ନ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟବ୍ୟାପୀ ଏହି ପଦଯାତ୍ରା ଆୟୋଜିତ ହେଉଛି। ବ୍ରହ୍ମପୁର ମହାନଗର ବିଜେଡି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦଳୀୟ କାର୍ଯ୍ୟାଳୟରେ ପ୍ରସ୍ତୁତି ଶେଷ ପରେ ବିଧିବଦ୍ଧ ଭାବେ ଅନୁମତି ପାଇଁ ଆବେଦନ କରାଯାଇଥିଲା। ସ୍ଥାନୀୟ ଗାନ୍ଧୀନଗରର ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ କେବଳ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ପାଇଁ ଦଳ ପକ୍ଷରୁ ଅନୁମତି ଲୋଡାଯାଇଥିଲା। ଯାହାକୁ ଅତିରିକ୍ତ ଏସପି ଅଗ୍ରାହ୍ୟ କରିଦେଇଥିବା ଅଭିଯୋଗ ହୋଇଛି। ଶାସକ ବିଜେପି ଦଳର ଚାପରେ ପୁଲିସ ପ୍ରଶାସନ ଚେପା ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ପୁଲିସର ଏଭଳି ଏକତରଫା ତଥା ପାତରଅନ୍ତର ପଦକ୍ଷେପକୁ ନେଇ ବୁଦ୍ଧିଜୀବୀ ତଥା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ବିରୋଧୀ ବିଜେଡି ପକ୍ଷରୁ ଯଦିଓ ଏହାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ ତଥାପି ସମସ୍ତଙ୍କ ମନରେ ଗଭୀର ଅସନ୍ତୋଷ ଥିବା ଜଣାପଡିଛି। ଏପରିକି ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବରିଷ୍ଠ ବିଜେଡି ନେତା ତଥା



ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ପୂର୍ବତନ ଜିଲ୍ଲା ସଭାପତି ସୁବାଷ ମହାରଣାଙ୍କ ସମେତ ବହୁ ନେତା ଓ କର୍ମୀ ଶୋଭାଯାତ୍ରାରେ ନଆସି ପୃଥକ ପୃଥକ ଭାବେ ପ୍ରତୀକାତ୍ମକ ତଥା ପ୍ରତିବାଦ ସ୍ୱରୂପ ପଦଯାତ୍ରାରେ ଗାନ୍ଧୀନଗର ଛକ ଠାରୁ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ଆସିଥିବା ଦେଖିବାକୁ ମିଳିଥିଲା। ସେହିପରି କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ କର୍ମକର୍ତ୍ତା, ପଦାଧିକାରୀ, କର୍ପୋରେଟର, ନେତା ଓ କର୍ମୀ ଉପସ୍ଥିତ ରହି ସକ୍ରିୟ ସାମିଲ ହୋଇଥିଲେ।

ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି 'ବିକ୍ରମ'ଙ୍କ ରାଜନୈତିକ ପରାକ୍ରମ ତଥା ଜନ ସମର୍ଥନକୁ ଦେଖି ଶାସକ ବିଜେପି ଛାନିଆ ହୋଇ ରାଜନୈତିକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରୁଛି। ବିଜେଡିର କାର୍ଯ୍ୟକ୍ରମକୁ ଅନୁମତି ନ ଦେବାକୁ ପୁଲିସ ଉପରେ ଚାପ ପ୍ରୟୋଗ କରୁଥିବା କିଛି ବିଜେଡି ନେତା ଅଭିଯୋଗ କରିଛନ୍ତି। ରାଜନୈତିକ ଆକ୍ରୋଶର ଶିକାର ହୋଇ ଏକ ହତ୍ୟା ମାମଲାରେ ଜେଲକୁ ଯାଇ ପରବର୍ତ୍ତି ସମୟରେ ସର୍ତ୍ତମୂଳକ ଜାମିନରେ ମୁକୁଳିଥିବା ଜନନେତା ବିକ୍ରମଙ୍କ ପ୍ରତି ଥିବା ସହାନୁଭୂତି, ବୃଦ୍ଧି ପାଉଥିବା ଜନ ସମର୍ଥନକୁ ଦେଖି ଶାସକ ଦଳ ସମେତ ପୁଲିସ ପ୍ରଶାସନର ମୁଣ୍ଡ ଖରାପ ହୋଇଯାଇଛି। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଶାସକ ବିଜେପି ଭିତରେ ଏକ ରକମର 'ବିକ୍ରମ' ଭୟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ଶାସକ ବିଜେପିର ଇଙ୍ଗିତରେ 'ବିକ୍ରମ' ତଥା ତାଙ୍କ ସମର୍ଥକଙ୍କ ଉପରେ ଦାଉ ସାଧିବାକୁ ଯାଇ ପୁଲିସ ଭିନ୍ନଭିନ୍ନ ପନ୍ଥା ଆଦରିବାକୁ ଯାଉଥିବା ଦେଖିବାକୁ ମିଳୁଛି। ଯାହାର ପରିଣାମ ସ୍ୱରୂପ ବିଜେଡିର ପଦଯାତ୍ରାକୁ ଅନୁମତି ଦିଆଯାଇ ନ ଥିବା କୁହାଯାଉଛି ।

## ଗାନ୍ଧୀ ଜୟନ୍ତୀ ଅବସରରେ ଜ୍ଞାନେଶ କୁମାରଙ୍କର ଇସ୍ତଫା ଦାବି କଲା ଆପ୍

ଭୁବନେଶ୍ୱର,୨।୧୦(ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଭୋଟ୍ ଚୋରି ବିରୋଧରେ ଏକ ଅଭିନବ ଢଙ୍ଗରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଏବଂ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଶ୍ରୀ ମହାପାତ୍ର ଅଭିଯୋଗ କରିଥିଲେ ଯେ, ଭୋଟ୍ ଚୋରି ଏବଂ ନିର୍ବାଚନୀ ପ୍ରକ୍ରିୟାର ଦୁରୁପଯୋଗ ମାଧ୍ୟମରେ ବିଭିନ୍ନ ରାଜ୍ୟରେ ଅଣ-ବିଜେପି ସରକାରଗୁଡ଼ିକୁ ହଟାଇବା ପାଇଁ ଉଦ୍ୟମ କରାଯାଉଛି। ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନାଗରିକଙ୍କ ମତଦାନ ଅଧିକାର ପ୍ରତି ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି ବୋଲି ସେ ମତପ୍ରକାଶ କରିଥିଲେ। ସେହିପର ଏସ୍‌ଆଇଆର୍ ପ୍ରକ୍ରିୟାରେ ପ୍ରାୟ ୧୩କୋଟି ୩୪ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇ ସେମାନଙ୍କୁ ମତଦାନ ଅଧିକାରରୁ ବଞ୍ଚିତ କରାଯାଇଛି। ଏହି ଅଭିଯୋଗର ଉଚିତ୍ ତଦନ୍ତ ଓ ଭୋଟରଙ୍କ ଅଧିକାରର ସୁରକ୍ଷା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆମ୍ ଆଦମୀ ପାର୍ଟି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ସେ କହିଥିଲେ। ପ୍ରତିବାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ ଓ ଜ୍ଞାନେଶ କୁମାରଙ୍କୁ ସଭାରେ ତିନୋଟି ମାଙ୍କଡ଼ଙ୍କ ପ୍ରତୀକାତ୍ମକ ଭାବେ ପ୍ରଦର୍ଶିତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦୀୟ କମିଟି ସହ...

ଉଚିତ ନୁହେଁ ଏବଂ ସୁବିଧାଜନକ ମଧ୍ୟ ନୁହେଁ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି। ଫଳରେ ପ୍ରସ୍ତାବିତ ବୈଠକ ବାତିଲ ହୋଇଛି। ସୁପ୍ରିମକୋର୍ଟର ନିଷ୍ପତ୍ତି ପରେ ବିଜେପି ସାଂସଦ ପିପି ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଥିବା ସଂସଦୀୟ କମିଟି ମଧ୍ୟ ଅକ୍ଟୋବର ୬ରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ବାତିଲ କରିଛି। 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ଅନୁଯାୟୀ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏକାସାଙ୍ଗରେ କରାଇବାର ପ୍ରସ୍ତାବ ରହିଛି। ଏଥିପାଇଁ ଆବଶ୍ୟକ ସାମ୍ବିଧାନିକ ସଂଶୋଧନ ସମ୍ପର୍କିତ ଦୁଇଟି ବିଲ୍ ୨୦୨୪ ଡିସେମ୍ବରରେ ଲୋକସଭାରେ ଆଗତ ହୋଇଥିଲା ଏବଂ ପରେ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଥିଲା। ଏହି ପ୍ରସ୍ତାବକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଭିନ୍ନ ମତ ରହିଛି। ବିରୋଧୀ ଦଳଗୁଡ଼ିକ ବିଲ୍‌ର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥା ଉପରେ କୁପ୍ରଭାବ ନେଇ ଆପତ୍ତି ଉଠାଇଛନ୍ତି। ସେପଟେ ବିଜେପି ଓ ଏହାର ସହଯୋଗୀମାନେ ଏକାସାଙ୍ଗରେ ନିର୍ବାଚନକୁ ହେଲେ ବାରମ୍ବାର ନିର୍ବାଚନ ପ୍ରକ୍ରିୟାର ପ୍ରଭାବ କମିବ ବୋଲି ଯୁକ୍ତି ଦେଇଆସୁଛନ୍ତି।

### ଜ୍ଞାନୁ, ଇସ୍ତଫା...

୩,୦୦୦ରୁ ୪,୦୦୦ ଲୋକ ଯୋଗଦେଇପାରନ୍ତି ବୋଲି ପୁଲିସ ଆକଳନ କରିଛି। ଅନୁମତି ବିନା ସମାବେଶ, ଧାରଣା, ପ୍ରଦର୍ଶନ ଓ ସ୍ଲୋଗାନ ଦେବା ଉପରେ ନିଷେଧ ଜାରି ହୋଇଛି। ଯନ୍ତରମନ୍ତର ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ ସହ ବ୍ୟାରିକେଡ୍ ଲଗାଯାଇଛି। ବିକ୍ଷୋଭକୁ ଦୃଷ୍ଟିରେ ରଖି ଦିଲ୍ଲୀର ୧୧ଟି ମେଟ୍ରୋ ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ବନ୍ଦ କରାଯାଇଥିବା ଜଣା ପଡ଼ିଛି। ଏଥିରେ ଜନପଥ, ପଟେଲ ଛକ, ସେଣ୍ଟ୍ରାଲ ସେକ୍ରେଟାରିଏଟ୍, ରାଜୀବ ଛକ, ମଣ୍ଡି ହାଉସ୍ ଓ ନୂଆଦିଲ୍ଲୀ ଭଳି ଷ୍ଟେସନ ସାମିଲ ଅଛି। ଯନ୍ତରମନ୍ତର, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ଅଶୋକ ରୋଡ୍ ଏବଂ ଆଖପାଖ ଅଞ୍ଚଳରେ ଯାତାୟାତ ନିୟନ୍ତ୍ରଣ କରାଯାଇଛି। ଦିଲ୍ଲୀ ଟ୍ରାଫିକ୍ ପୁଲିସ ଲୋକଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ କହିଛି। ବିରୋଧୀ ଦଳ ଓ ଛାତ୍ର ସଂଗଠନଗୁଡ଼ିକ ଏସ୍‌ଆଇଆର୍ ପ୍ରକ୍ରିୟା ଏବଂ ଭୋଟର ତାଲିକାରୁ ନାମ ବାଦ ପଡ଼ିବା ନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନେ ନିର୍ବାଚନ କମିସନଙ୍କଠାରୁ ଜବାବ ମାଗିବା ସହ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛନ୍ତି। ନିର୍ବାଚନ କମିସନର ଭୂମିକାକୁ ନେଇ ରାଜନୈତିକ ବିବାଦ ମଧ୍ୟ ତୀବ୍ର ହୋଇଛି। ଏହି ପ୍ରତିବାଦ ସହିତ ଇଣ୍ଡିଆ ମେଣ୍ଟ ପକ୍ଷରୁ ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ 'ସେଭ୍ ଡେମୋକ୍ରାସି' ଅଭିଯାନ ଆରମ୍ଭ କରାଯାଇଛି। ଅକ୍ଟୋବର ୬ରେ ନିର୍ବାଚନ କମିସନ କାର୍ଯ୍ୟାଳୟ ଅଭିମୁଖେ ମିଳିତ ପଦଯାତ୍ରା କରିବାକୁ ବିରୋଧୀ ଦଳଗୁଡ଼ିକ ଘୋଷଣା କରିଛନ୍ତି।

### ଶିବାଜୀ ପାର୍କରେ...

ଅହିଂସା ଓ ସରଳତା ସମ୍ପର୍କିତ ବାର୍ତ୍ତା ମଧ୍ୟ ପ୍ରଦର୍ଶିତ କରିଥିଲେ। ବିକ୍ଷୋଭର ଏକ ଅଲଗା ଦୃଶ୍ୟ ଥିଲା ଚକୋଲେଟ୍ କଭରରୁ ତିଆରି ଗହଣା। ସିଓନ୍ ଅଞ୍ଚଳର ଛାତ୍ର ମନୀଷ ମଣ୍ଡଳ ଚକୋଲେଟ୍ ମୋଡ଼ା ତଥା କଭର କାଗଜରେ ତିଆରି ଗହଣା ପିନ୍ଧି ବିକ୍ଷୋଭରେ ସାମିଲ ହୋଇଥିଲେ। ତାଙ୍କ ହାତରେ ଥିବା ଏକ ବ୍ୟାନରରେ ଦେବନାଗରୀ ଲିପିରେ 'ଫ୍ରଡ୍ ଡିଟର୍ଜେଣ୍ଟ ପାଉଡର' ଲେଖାଯାଇଥିଲା। ପୁଣେରୁ ଆସିଥିବା ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେସନ୍ (ଏଆଇଏସ୍‌ଏଫ୍) ସହ ସମ୍ପୃକ୍ତ ଗୋଷ୍ଠୀଗୁଡ଼ିକ ସଙ୍ଗୀତ ବାଦ୍ୟ ବଜାଇ ବିକ୍ଷୋଭକୁ ଅଧିକ ଉତ୍ସାହିତ କରିଥିଲେ। ପାର୍କ ନିକଟରେ 'ଚଲେ ଯାଓ', 'ଭାପସ୍ ଦୋ' ଏବଂ 'ବନ୍ଦ କରୋ' ଭଳି ସ୍ଲୋଗାନ ଦିଆଯାଇଥିଲା।

**କଡ଼ା ସୁରକ୍ଷା ବ୍ୟବସ୍ଥା**

ବିକ୍ଷୋଭ ପାଇଁ ଅପରାହ୍ଣ ୪ଟା ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଦିନ ପ୍ରାରମ୍ଭରୁ ବିକ୍ଷୋଭକାରୀ ଶିବାଜୀ ପାର୍କର ବିଭିନ୍ନ ପ୍ରବେଶ ପଥ ନିକଟରେ ଏକାଠି ହେବା ଆରମ୍ଭ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମୁମ୍ବଇ ପୁଲିସ ବ୍ୟାରିକେଡ୍ ଲଗାଇବା ସହ ସେନା ଭବନ ନିକଟରେ ଯାନବାହନ ଚଳାଚଳ ଉପରେ କଟକଣା ଲଗାଇଥିଲା। ଦାଦର ରେଳ ଷ୍ଟେସନରେ ମଧ୍ୟ ଅତିରିକ୍ତ ସୁରକ୍ଷାକର୍ମୀ ମୁତୟନ କରାଯାଇଥିଲେ। ଯାତ୍ରୀଙ୍କ ଚଳାଚଳରେ ଯେପରି ବାଧା ନ ଉପୁଜେ, ସେଥିପାଇଁ ସରକାରୀ ରେଳ ପୁଲିସ ଏବଂ ରେଳ ସୁରକ୍ଷା ବଳ ପକ୍ଷରୁ ନଜର ରଖାଯାଇଥିଲା।

**୧୪ ଥର ଆପତ୍ତିକୁ ନେଇ ବିବାଦ**

ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ପଛରେ ନିର୍ବାଚନ କମିସନର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ଏବଂ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ଉଠିଥିବା ପ୍ରଶ୍ନ ରହିଛି। 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ତଦନ୍ତମୂଳକ ରିପୋର୍ଟରେ କୁହାଯାଇଥିଲା ଯେ ନିର୍ବାଚନ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀ ୧୦ ମାସ ମଧ୍ୟରେ ଅତି କମରେ ୧୪ ଥର କମିସନଙ୍କ ନିଷ୍ପତ୍ତି କିମ୍ବା ପ୍ରକ୍ରିୟା ନେଇ ଆପତ୍ତି ଉଠାଇଥିଲେ। କିଛି ନିଷ୍ପତ୍ତି ସେମାନଙ୍କ ଜ୍ଞାତସାରରେ ହୋଇନଥିବା ବୋଲି ସେମାନେ ଆପତ୍ତିରେ ଦର୍ଶାଇଥିବା ରିପୋର୍ଟରେ ଉଲ୍ଲେଖ ଥିଲା। ଏହି ରିପୋର୍ଟ ପ୍ରକାଶ ପରେ ଏସ୍‌ଆଇଆର୍, ଫର୍ମ-୬ରେ ପରିବର୍ତ୍ତନ, ଭୋଟର ତାଲିକା ତଥ୍ୟରେ ପ୍ରବେଶ ଏବଂ ନିର୍ବାଚନୀ ତଥ୍ୟ ପରିଚାଳନା ଭଳି ପ୍ରସଙ୍ଗକୁ ନେଇ ରାଜନୈତିକ ବିବାଦ ବଢ଼ିଥିଲା। ତେବେ ଏହି ଅଭିଯୋଗ ଉପରେ ନିର୍ବାଚନ କମିସନ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ଏସ୍‌ଆଇଆର୍ ସମେତ କମିଶନଙ୍କ ସମସ୍ତ ନିଷ୍ପତ୍ତି ତିନିଜଣିଆ ପୂର୍ଣ୍ଣ କମିସନଙ୍କ ସର୍ବସମ୍ମତିରେ ନିଆଯାଇଛି। ଦୁଇ ନିର୍ବାଚନ କମିସନରଙ୍କ ମତାମତ ଓ ପ୍ରଶ୍ନଗୁଡ଼ିକ ନିଷ୍ପତ୍ତି ନେବାର ସାଧାରଣ ପ୍ରଶାସନିକ ପ୍ରକ୍ରିୟାର ଅଂଶ ବୋଲି ମଧ୍ୟ ଇସି ପକ୍ଷରୁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁମ୍ବଇର ଶୁକ୍ରବାରର ବିକ୍ଷୋଭରେ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଓ ଏସ୍‌ଆଇଆର୍‌କୁ ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ରାଜନୈତିକ ଦଳ ଓ ବିକ୍ଷୋଭକାରୀଙ୍କ ଅଭିଯୋଗ ମଧ୍ୟରେ ନିର୍ବାଚନ କମିସନଙ୍କ ସ୍ପଷ୍ଟୀକରଣ ମଧ୍ୟ ଏହି ବିବାଦର ଅନ୍ୟ ଏକ ପ୍ରମୁଖ ପକ୍ଷ ହୋଇଛି।

### ଚାପ ପରେ...

ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ସହ ଏହି ତାଲିକା ଭାଗ କରିବାକୁ ମଧ୍ୟ କୁହାଯାଇଛି। ଏସ୍‌ଆଇଆର୍ ପ୍ରକ୍ରିୟା ସରିଥିବା ରାଜ୍ୟରେ ଏବେ ସାଧାରଣ ଆଇନସମ୍ମତ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ କରାଯିବ। ଏସ୍‌ଆଇଆର୍ ସମ୍ପର୍କିତ ଅତିରିକ୍ତ ଘୋଷଣା ଏହି ରାଜ୍ୟଗୁଡ଼ିକର ଫର୍ମ-୬ରେ ରହିବ ନାହିଁ। ଏସ୍‌ଆଇଆର୍‌ରେ ବହୁ ସଂଖ୍ୟକ ନାମ ବାଦ୍ ପଡ଼ିଥିବା ଦାବି କରି ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିସନଙ୍କ ଉପରେ ପ୍ରଶ୍ନ ଉଠାଇଆସୁଛନ୍ତି। ଅନ୍ୟପକ୍ଷରେ କମିସନ କହିଛନ୍ତି, ଭୋଟର ପଞ୍ଜୀକରଣ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏସ୍‌ଆଇଆର୍ ସମୟରେ ତାଲିକାଭୁକ୍ତ ହୋଇନଥିବା କୌଣସି ଯୋଗ୍ୟ ନାଗରିକଙ୍କୁ ନାମ ପଞ୍ଜୀକରଣରୁ ବଞ୍ଚିତ କରାଯିବ ନାହିଁ।

### ଭଲ କାମ ପାଇଁ...

ବଜେଟ ବ୍ୟୟବରାଦ ଖର୍ଚ୍ଚ ହୋଇ ପାରୁନି। କିଛି କାମ ହେଉନାହିଁ; କିନ୍ତୁ ଋଣ ଭାର ବଢ଼ି ଚାଲିଛି। ଟଙ୍କା ଯାଉଛି କୁଆଡ଼େ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ବିଜୁ ଜନତା ଦଳ ବିଜୁବାବୁଙ୍କ ଆଦର୍ଶରେ ଓଡିଶା ପାଇଁ ଲଢ଼ି ଆସିଛି ଓ ଆଗାମୀ ଦିନରେ ଲଢ଼େଇକୁ ଆହୁରି ଜୋରଦାର କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଓ ବିଜେଡି ନେତା ମନ୍ମଥ ରାଉତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ବଜେଟ ଅର୍ଥ ଖର୍ଚ୍ଚ...

ହୋଇ ପାରିନି। ଅନୁରୂପ ଭାବେ ୨୦୨୪-୨୫ ଶିକ୍ଷାବର୍ଷରେ ବିଭାଗକୁ ୨୭,୪୩୧.୦୭ କୋଟି ଟଙ୍କାର ଅନୁଦାନ ମିଳିଥିବାବେଳେ ୨୩,୨୯୪.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଆହୁରି ପ୍ରାୟ ୧୫ ପ୍ରତିଶତରୁ ଅଧିକ ଅର୍ଥକୁ ଗଣଶିକ୍ଷା ବିଭାଗ ଖର୍ଚ୍ଚ କରିପାରି ନଥିଲା।

ବଜେଟ୍‌ରେ ବରାଦ ହୋଇଥିବା ଅର୍ଥର ଉଦ୍ଦେଶ୍ୟ ହେଉଛି ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ପୂରଣ ଓ ଭିତ୍ତିଭୂମିର ବିକାଶ କରିବା। ଶିକ୍ଷକଶିକ୍ଷୟିତ୍ରୀଙ୍କ ଦରମା, ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧା, ପାଠ୍ୟପୁସ୍ତକ, ଶିକ୍ଷା ସାମଗ୍ରୀ ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବା। ବରାଦ ଅର୍ଥ ଯଥା ସମୟରେ ବ୍ୟୟ ହୋଇ ନ ପାରିଲେ, ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ବିଳମ୍ବିତ ହେବାର ଆଶଙ୍କା ରହିଥାଏ। ପିଲାଙ୍କୁ ଉପଯୁକ୍ତ ଓ ସମୟୋପଯୋଗୀ ସୁବିଧା ମିଳି ନଥାଏ। ୨୦୨୫-୨୬ ଶିକ୍ଷାବର୍ଷରେ ବହୁ ବିଳମ୍ବରେ ପୋଷାକ ବଣ୍ଟନ କରିବା ପରି ଅନେକ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଅର୍ଥ ନୁହେଁ, ବରଂ ଗଣଶିକ୍ଷା ବିଭାଗର ଅପାରଗତା ବୋଲି ସ୍ପଷ୍ଟ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଶିକ୍ଷାବର୍ଷରେ ଭୋକେସନାଲ୍ ଶିକ୍ଷକଙ୍କୁ ଡିସେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଏଯାଏଁ ଦରମା ମିଳିନାହିଁ। ସରକାର ବଜେଟ୍ ଅର୍ଥ ବ୍ୟୟ କରିପାରୁ ନଥିବାବେଳେ ଶିକ୍ଷକଙ୍କୁ କାହିଁକି ଦରମା ଦେଉନାହାନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ପିଲାଙ୍କ ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟି ଘଟଣାରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅପାରଗତାକୁ ବିରୋଧୀ ଦଳଗୁଡ଼ିକ ଦାୟୀ କରୁଥିବାବେଳେ ଅର୍ଥ ବିନଯୋଗ କରିବାରେ ମନ୍ଥରତା ଏବଂ ବିଫଳତା ମନ୍ତ୍ରୀଙ୍କ ଆଉଏକ ପାରିବାପଣିଆକୁ ପଦାରେ ପକାଇଛି।

### ୧୦୦ ସଂସ୍ଥାର...

ସିଷ୍ଟମର ସୁରକ୍ଷା ଉଲ୍ଲଂଘନ କରି ଇଣ୍ଟରନେଟ୍ରେ ପ୍ରବେଶ କରିଥିଲା ଏବଂ ଉତ୍ତର ପାଇବା ପାଇଁ ଲୋକପ୍ରିୟ ଏଆଇ ପ୍ଲାଟଫର୍ମ ହଗିଂ ଫେସ୍ର ସିଷ୍ଟମକୁ ହ୍ୟାକ କରିଥିଲା। ହଗିଂ ଫେସ୍ ଜୁଲାଇ ୧୬ରେ ଏହି ହ୍ୟାକ ବିଷୟରେ ପ୍ରକାଶ କରିଥିଲା।

ଉପରୋକ୍ତ ଘଟଣା ପରେ ଓପନ୍‌ଏଆଇ ସଂସ୍ଥାଗୁଡ଼ିକୁ ଏ ନେଇ ଏହାର ଏଆଇ ଏଜେଣ୍ଟମାନଙ୍କ ଦ୍ୱାରା ପ୍ରଭାବିତ ୧୦୦ରୁ ଅଧିକ ପ୍ରତିଷ୍ଠାନକୁ ସତର୍କ କରାଇଛି। ତଥାପି, କମ୍ପାନୀ ଦାବି କରିଛି ଯେ ଏହି ପ୍ରତିଷ୍ଠାନଗୁଡ଼ିକର ତଥ୍ୟ ଚୋରି ହୋଇନାହିଁ। ତଦନ୍ତରୁ ଜଣାପଡିଛି ଯେ ଏହି ଏଆଇ ଏଜେଣ୍ଟମାନେ ଅନେକ ୱେବସାଇଟ୍କୁ ମନମାନି ଏବଂ ଅନଧିକୃତ ନିର୍ଦ୍ଦେଶ ପଠାଇ ଭୁଲ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଛନ୍ତି। ଏହା ବ୍ୟତୀତ, ସୁରକ୍ଷା ବ୍ୟବସ୍ଥାକୁ ଏଡ଼ାଇବା ପାଇଁ ଏହି ଏଜେଣ୍ଟମାନେ ୱେବସାଇଟ୍ଗୁଡ଼ିକୁ ଯୋଗାଯୋଗ ଚ୍ୟାନେଲ ଭାବରେ ବ୍ୟବହାର କରିଥିଲେ। ସେଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରି ପ୍ରତିଷ୍ଠିତ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ଏଡାଇଯିବାକୁ ଚେଷ୍ଟା କରିଥିଲେ। ଓପନ୍‌ଏଆଇ ସ୍ୱୀକାର କରିଛି ଯେ ଏହାର ସୁରକ୍ଷା ପଦକ୍ଷେପ ଏଆଇ ଏଜେଣ୍ଟମାନଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଜଣେ କମ୍ପାନୀ ମୁଖପାତ୍ର କହିଛନ୍ତି ଯେ ପ୍ରଭାବିତ ସଂଗଠନଗୁଡ଼ିକୁ ବୈଷୟିକ ତଥ୍ୟ ପ୍ରଦାନ କରାଯାଇଛି ଯାହା ଦ୍ୱାରା ସେମାନେ ସିଷ୍ଟମରେ ଥିବା ଉଲ୍ଲଂଘନ ଏବଂ ସୁରକ୍ଷା ତ୍ରୁଟିଗୁଡ଼ିକର ତଦନ୍ତ କରିପାରିବେ। ଏହାର ବିଫଳତା ପରେ, ଓପନ୍‌ଏଆଇ ଏବେ ଦାବି କରିଛି ଯେ ଏହା ଏଆଇ ମଡେଲର ଅସ୍ୱାଭାବିକ ଆଚରଣ ଏବଂ ସୁରକ୍ଷା ତ୍ରୁଟି ସମ୍ପର୍କରେ ଏହାର ତଥ୍ୟକୁ ସାର୍ବଜନୀନ କରିବ, ଯାହା ଦ୍ୱାରା ବିଶ୍ୱବ୍ୟାପୀ ସାଇବର ସୁରକ୍ଷା ବିଶେଷଜ୍ଞମାନେ ଏହି ବିପଦକୁ ସମାଧାନ କରିବା ପାଇଁ ସହଯୋଗ କରିପାରିବେ। ଜୁଲାଇ ମାସରେ ହଗିଂ ଫେସ୍ ଘଟଣା ପରେ ସୁରକ୍ଷା ନିୟମ କଡ଼ାକଡ଼ି କରାଯାଇଛି। ଏହି ମାମଲା ଏଆଇ ଦୁନିଆର ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ମଧ୍ୟରୁ ଗୋଟିଏ।

### ୪ ଟଙ୍କା ବଢ଼ିବ...

ଦେବାକୁ ହେବ। ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ଟଙ୍କା ବୃଦ୍ଧି ପାଇବ। ଏବେ ଏହା ଲିଟର ପିଛା ୬୪ ଟଙ୍କାରେ ମିଳୁଥିବା ବେଳେ ଆଉ ଦୁଇ ଦିନ ପରେ ୬୬ ଟଙ୍କା ହୋଇଯିବ। ଅର୍ଥାତ୍ ଗୋଲ୍ଡ ପ୍ଲସ୍ ଦୁଗ୍ଧ ୫୦୦ ମିଲି ଲିଟର ପ୍ୟାକେଟ୍ ପିଛା ୧ ଟଙ୍କା ବୃଦ୍ଧି ପାଇବ ବୋଲି ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି।


ଓଡ଼ିଶା ସରକାର 3001/57/2627

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

**ବିଜ୍ଞାପନ**

**୩୭ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୫ ପାଇଁ ଦରଖାସ୍ତ ଆହ୍ୱାନ**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୭ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୫ ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) ୩୧.୧୦.୨୦୨୬ ସୁଦ୍ଧା Registered / Speed Post /Parcel ମାଧ୍ୟମରେ ଦାଖଲ କରିପାରିବେ ଶ୍ରେଷ୍ଠ ଲେଖା (Book/ Monograph) ପାଇଁ ଲେଖକମାନେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) ୩୧.୧୦.୨୦୨୬ ସୁଦ୍ଧା ଦାଖଲ କରିବେ।

ଆବେଦନ ସମ୍ବନ୍ଧୀୟ ବିଶଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ: culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ନିର୍ଦ୍ଦେଶକ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଭୁବନେଶ୍ୱର

OIPR-3001/3029/1/26-27/0018



**AFFIDAVIT**

I, Sk Aflaque Ali, S/o Sk Afroz Ali, resident of Village – Samanga, P.S./Dist. – Jagatsinghpur, PIN – 754132, do hereby declare that in my Passport, my name is wrongly mentioned as "Shaikh Aflaque Ali", my father's name as "Shaikh Afroz Ali", and my wife's name as "Sanazsamim Jaha". The correct names as per my Aadhaar Card are "Sk Aflaque Ali", S/o "Sk Afroz Ali", and wife "Sahnaj Samim Jahan". I have sworn an affidavit for correction of the above particulars in my Passport vide Affidavit No. 14828 dated 25-09-2026.

**AFFIDAVIT**

By virtue of an affidavit no 12688, sworn before the Executive Magistrate Jajpur on dtd- 01/10/2026. I Subrata Mahakul, S/o- Laxmidhar Mahakul, permanent resident of Vill/p.o- Fatepur, P.s- Binjharpur, Dist- Jajpur, Odisha Pin -755012, declared that I have changed my name from PRIYABRAT MAHAKUL (Old Name) to SUBRATA MAHAKUL(NEW NAME). Henceforth I shall be known as **SUBRATA MAHAKUL** for all future purposes.

SUBRATA MAHAKUL

**AFFIDAVIT**

By virtue of an affidavit (CF No. 40, dtd- 30.09.2026) sworn before The Executive Magistrate, Bhubaneswar. I, **A Kumar,** S/o A Ghanashyam, resident of QTR No.735, Block-58, Type-2, GC CRPF Camp, Bhubaneswar, Dist- Khordha, State: Odisha, PIN- 761011 declare that I have changed my son's name from **Ala Kalap** to **Ala Jashank** in his school records at Kendriya Vidyalaya No.2 Bhubaneswar. Henceforth, my son shall be known as **Ala Jashank,** Date of Birth: **06/09/2014,** for all purposes and in all records.

**A Kumar**

# ଉତ୍ସବରେ ସୀମିତ ନ ରହୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ









**ବଲାଙ୍ଗିର,୨ ।୧୦(ସମିସ):**

ବଲାଙ୍ଗିର ସଦରମହକୁମାଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳିତ ହୋଇଛି । ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କେବଳ ଉତ୍ସବରେ ସୀମିତ ନ ରଖି ଦୈନନ୍ଦିନ ଜୀବନରେ ତାଙ୍କର ମୂଲ୍ୟବୋଧକୁ ପ୍ରୟୋଗ କରି ସୁସମାଜ ଗଠନ କରିବାକୁ ମତ ପ୍ରକାଶ ପାଇଥିଲା । ତାଙ୍କର ନୀତି ଶିକ୍ଷା ବିଶ୍ୱବ୍ୟାପୀ ଲୋକମାନଙ୍କୁ ପ୍ରେରଣା ଦେଇ ଚାଲିଛି । ସେଇ ନୀତି ଶିକ୍ଷାରେ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ ହୋଇ ଭଲ ମଣିଷ ହେବାକୁ ଅତିଥିବୃନ୍ଦ ପରାମର୍ଶ ଦେଇଛନ୍ତି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଗାନ୍ଧୀନଗରପଡାଠାରେ ଅବସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସଭା ଆୟୋଜନ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ସଭାପତିତ୍ୱ କରିଥିଲେ । ସର୍ବଧର୍ମ ପ୍ରାର୍ଥନାରେ ସତ୍ୟବନ୍ତ ବେଦବାକ, ଇମ୍ମାମ ସାହେବ ମହମ୍ମଦ ମୁସାହିତ ରାଜା, ନିମୁଏଲ ନାଗ, ଯଶବୀର ସିଂ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିସ୍ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ବାପୁଜୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଲକ୍ଷ୍ମୀ ସାକିଆ ଏହି କାର୍ଯ୍ୟକ୍ରମର ସଂଯୋଜନା ତଥା ପରିଚାଳନା କରିଥିଲେ । ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଜୟରାମ ମିଶ୍ର, ଡା. ପ୍ରେମଚାନ୍ଦ ମହାନ୍ତି, ସନ୍ଦୀପ କୁଅଁର, କ୍ରୀଡ଼ାବାସ ଅଧୀକ୍ଷକ ପରାଶର ବାଗ, କିସ୍ର ପ୍ରଧାନଶିକ୍ଷକ ଆକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ବିମ୍ବାଧର ସୁନା, କର୍ମଚାରୀ ଦେବେନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ ।

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଯୁବ ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱ ଓ ବିଜେଡି ନେତ୍ରୀ ନିରୁପମା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି କର୍ମୀ ଓ ନେତା ଯୋଗ ଦେଇଥିଲେ । ସେହିଭଳି ବିଜୁ ଜନତା ଦଳ ମାଇନୋରିଟି ସେଲର ରାଜ୍ୟ କାର୍ଯ୍ୟକାରୀ ସଭାପତି ଡା. ଆମ୍ଜାଦ ଖାନଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ବିଜେଡି କାର୍ଯ୍ୟାଳୟଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା । ଅନ୍ୟପକ୍ଷେ ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତର ମାଝୀପଡା ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଅହିଂସା ଦିବସ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହିଆଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଥମିର ଛତ୍ରିଆ ମୁଖ୍ୟ ବକ୍ତା, ସମାଜସେବୀ ସହଦେବ ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଶିକ୍ଷକ କିଶୋର ବରିହା ସ୍ୱାଗତ ଅଭିଭାଷଣ ଦେଇଥିଲେ । ଶିଶୁ ସେବିକା ତୀରବତି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଗାନ୍ଧୀଙ୍କ ଅହିଂସା ଓ ଶାସ୍ତ୍ରୀଙ୍କ ତ୍ୟାଗ ଗୁଣକୁ ଛାତ୍ରଛାତ୍ରୀ ଆପଣେଇବାକୁ ଅତିଥିମାନେ ମତ ଦେଇଥିଲେ । ପପି ଦାସ, କୁନ୍ତି ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

**ଟିଟିଲାଗଡ଼:** ଟିଟିଲାଗଡ଼ ପୌର ପରିଷଦ ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଉଭୟ ମହାପୁରୁଷଙ୍କ ଜୀବନାଦର୍ଶ, ଦେଶପ୍ରେମ, ସତ୍ୟ, ଅହିଂସା ଓ ନିଷ୍ଠାପର ସେବାକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୌର ଅଧ୍ୟକ୍ଷା ମମତା ଦେବୀ ଜୈନ, ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ତହସିଲଦାର ଶଙ୍କର ବାଗ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଏସ୍‌ଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନୀ, ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ବିଧାୟକ ନବୀନ ଜୈନ ନିଜ ବକ୍ତବ୍ୟରେ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ସ୍ୱଚ୍ଛତାର ବାର୍ତ୍ତା ଆଜି ମଧ୍ୟ ସମାଜ ପାଇଁ ସମାନ ଭାବେ ପ୍ରାସଙ୍ଗିକ । ଅନ୍ୟପକ୍ଷରେ ଲାଲବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ନିଷ୍ଠା, ଶୃଙ୍ଖଳା ଓ ଦେଶ ପ୍ରତି ସମର୍ପଣ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ । ଉଭୟ ମହାପୁରୁଷଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ସହ ସମାଜରେ ଶାନ୍ତି, ଭାଇଚାରା ଓ ସ୍ୱଚ୍ଛତା ବଜାୟ ରଖିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ନିଜ ବକ୍ତବ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶକୁ ବର୍ଣ୍ଣନା କରି ସମାଜ ଓ ଦେଶର ବିକାଶରେ ସମସ୍ତେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ । ସତ୍ୟନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ନିଷ୍ଠାର ସହ ନିଜ ଦାୟିତ୍ୱ ସମ୍ପାଦନ କରିବା ହିଁ ମହାପୁରୁଷଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ । ଏହି ଅବସରରେ ମୁସଲମାନ ସମ୍ପ୍ରଦାୟର ପ୍ରବକ୍ତାମାନେ ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମ ସମୟରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିଦ୍ୱେଷ ଓ ବିଭେଦକୁ ଦୂର କରିବାରେ ମହାତ୍ମା ଗାନ୍ଧୀଙ୍କ ଉଦ୍ୟମ ଓ ଭୂମିକାକୁ ସେମାନେ ସ୍ମରଣ କରିଥିଲେ । ସମାଜରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାଇଚାରା ବଜାୟ ରଖିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ଗାନ୍ଧୀଜୀଙ୍କ ସ୍ୱଚ୍ଛତା ବାର୍ତ୍ତାକୁ ମନେ ପକାଇ ସହର ଓ ପରିବେଶକୁ ସ୍ୱଚ୍ଛ ରଖିବା ସହ ନିଜ ଆଖପାଖରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା ।

## ଉପ କାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ

**ଟିଟିଲାଗଡ଼,,୨ ।୧୦(ସମିସ):** ସଙ୍କଟ ମୋଚନ ବ୍ୟାୟାମଶାଳା ପକ୍ଷରୁ ଶୁକ୍ରବାର ଟିଟିଲାଗଡ଼ ଉପ କାରାଗାରରେ ଅନ୍ତେବାସୀଙ୍କୁ ଫଳ, ମିକ୍ସଚର ଓ ବିସ୍କୁଟ ବଣ୍ଟନ କରାଯାଇଥିଲା । ଏଥିସହ ଅନ୍ତବାସୀଙ୍କ ପାଇଁ ଏକ ଏଲଇଡି ଟିଭି ମଧ୍ୟ ପ୍ରଦାନ କରାଯାଇଛି । ବ୍ୟାୟାମଶାଳାର କାର୍ଯ୍ୟକାରୀ ସଭାପତି ଅମର ଜୈନ ଓ ସମ୍ପାଦକ ଅଙ୍କୁର ଅଗ୍ରୱାଲଙ୍କ ନେତୃତ୍ୱରେ ସୁରେନ୍ଦ୍ର ମରୋଦିଆ, ପଙ୍କଜ ଜୈନ, ଦୀପକ ପୋପଟ, କଞ୍ଚନ ମହାରଣା, ବିଜୟ ମାରୁ, ଅମିତ ଥାପା, ପଙ୍କଜ ଅଗ୍ରୱାଲ, ସୁଦାମ ସାହୁ, ସଞ୍ଜୟ ଅଗ୍ରୱାଲ, ଦୟା ବାଗ, ଜେଲ୍ ଅଧୀକ୍ଷକ ସୋମରାଜନୀ ପ୍ରଧାନ ଉପସ୍ଥିତ ଥିଲେ ।

## ଝାରମୁଣ୍ଡା ଓଏଭିରେ ପ୍ରଯୁକ୍ତି ପ୍ରଶିକ୍ଷଣ ଓ ରକ୍ତଦାନ ଶିବିର




**ବଲାଙ୍ଗିର,୨ ।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ଝାରମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଆଧୁନିକ ପ୍ରଯୁକ୍ତି ପ୍ରଶିକ୍ଷଣ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବ୍ଲକ୍ ଅଧ୍ୟକ୍ଷ ଯତୀନ୍ଦ୍ର ପୁଟେଲ, ଏବିଇଓ ତଥା ଡିଇଓଙ୍କ ପ୍ରତିନିଧି ରୁଦ୍ର ପ୍ରସାଦ ଷଡ଼ଙ୍ଗୀ, ଓକାକ୍ର ଜିଲ୍ଲା ସଂଯୋଜକ ସଞ୍ଜୀବ ପ୍ରଧାନ ଓ ବଲାଙ୍ଗିର ରକ୍ତଭଣ୍ଡାରର ପରାମର୍ଶଦାତା ସୈଖ୍ ଅସରଫ ଉପସ୍ଥିତ ଥିଲେ । ପ୍ରଯୁକ୍ତି ପ୍ରଶିକ୍ଷଣରେ ୧୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । କୃତ୍ରିମ ବୁଦ୍ଧିମତ୍ତା, ରୋବୋଟ୍ ପ୍ରଯୁକ୍ତି ଓ ସାଇବର ସୁରକ୍ଷା ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଶିକ୍ଷକ ପ୍ରଦୀପ ବଗାର, ରମଣ କୁମାର ସାହୁ ଓ ସାର୍ଥକ ମୁନ୍ ରୋବୋଟ୍‌ର କାର୍ଯ୍ୟପ୍ରଣାଳୀ ପ୍ରଦର୍ଶନ କରିଥିଲେ । ଅନ୍ୟପକ୍ଷରେ ବଲାଙ୍ଗିର ରକ୍ତଦାନ କେନ୍ଦ୍ରର ସହଯୋଗରେ ବାଳକ ଛାତ୍ରାବାସରେ ରକ୍ତଦାନ ଶିବିର ହୋଇଥିଲା । ଶିକ୍ଷକ, ଅଭିଭାବକ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ୨୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଭିଏମଡିସି ସଦସ୍ୟ କାହ୍ନୁଚରଣ ଦର୍ଜି ଓ ଗୀତାଞ୍ଜଳି ପଣ୍ଡା ରକ୍ତଦାନ କରିଥିଲେ ।

## ଛାତ୍ର ନିବାସରେ ମଧ୍ୟାହ୍ନ ଭୋଜନ କଲେ ବିଧାୟକ



**କଣ୍ଟାବାଞ୍ଜି,୨ ।୧୦(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ହିଆଁଲଠାରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ୩୦୦ ଶଯ୍ୟା ବିଶିଷ୍ଟ ଅନ୍ୱେଷା ଛାତ୍ର ନିବାସକୁ ଶୁକ୍ରବାର କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଅଚାନକ ପରିଦର୍ଶନ କରିଛନ୍ତି । ବିଧାୟକ ଶ୍ରୀ ବାଗ ଛାତ୍ରାବାସର ଶ୍ରେଣୀଗୃହ, ଶୋଇବା ଘର, ରୋଷେଇ ଘର ଓ ପରିମଳ ବ୍ୟବସ୍ଥା ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଏହା ପରେ ସମସ୍ତଙ୍କୁ ଚକିତ କରି ସେ ଛାତ୍ରଛାତ୍ରୀଙ୍କ ସହ ବସି ମଧ୍ୟାହ୍ନ ଭୋଜନରେ ସାମିଲ ହୋଇଥିଲେ । ଭୋଜନ ସମୟରେ ବିଧାୟକ ପିଲାମାନଙ୍କ ପାଠପଢ଼ା, ରହଣି, ଖାଦ୍ୟର ମାନ ଓ ସୁବିଧା-ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଛାତ୍ରମାନେ ମଧ୍ୟ ନିଜ ମନର କଥା ଖୋଲି କହିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ବାଗ କହିଛନ୍ତି, ପିଲାମାନେ ହେଉଛନ୍ତି ଆମ ଭବିଷ୍ୟତ । ସେମାନଙ୍କ ଶିକ୍ଷା ଓ ସାମଗ୍ରିକ ବିକାଶ ପାଇଁ ଯାହା ଆବଶ୍ୟକ ସହଯୋଗ କରିବେ । ଅନ୍ୱେଷା ଛାତ୍ରାବାସର ସମସ୍ତ ସମସ୍ୟା ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରାଯିବ ।

## ଜହ୍ନାପଙ୍କରେ ୩୦୦ ୟୁନିଟ୍ ରକ୍ତ ସଂଗ୍ରହ

**ଜହ୍ନାପଙ୍କ,୨ ।୧୦(ସମିସ):** ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ଅଧୀନ ଜୁନିଅର ରେଡ଼୍ କ୍ରସ ସୋସାଇଟି ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବ୍ଲକ ଅଧୀନ ଜହ୍ନାପଙ୍କ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧୁକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜୁନିଅର ରେଡ଼କ୍ରସ ପତାକା ଉତ୍ତୋଳନ କରି ଉକ୍ତ ଶିବିରକୁ ଉଦଘାଟନ କରିଥିଲେ । ଏସପି କୁଲଦୀପ ମୀନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମହେନ୍ଦ୍ର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧୁକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧୁକାରୀ ବରୁଣ ପ୍ରଧାନ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧୁକାରୀ କେଶବ ମଲ୍ଲିକ, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଜହ୍ନାପଙ୍କ ମେଡିକାଲ ଅଧୁକାରୀ ଡାକ୍ତର ଦିବ୍ୟରଞ୍ଜନ ମେହେର, ବାଉଁଶୁଣୀ ଆୟୁଷ ଡାକ୍ତର ଚମ୍ପୁରୁ ମାନସିଂ, ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଗଂଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଦନ୍ତ ଚିକିତ୍ସକ ଡାକ୍ତର ବର୍ଷା ପ୍ରିୟଦର୍ଶିନୀ, ଏଚଆଇଭି/ ଏଡ଼ସ ପରାମର୍ଶଦାତା ବନୋଜ ପ୍ରଧାନ, ଯୌନରୋଗ ପରାମର୍ଶଦାତା ପ୍ରମୋଦ ମହାରଣା, ଲାବୋରେଟୋରୀ ଟେକନିସିଆନ ଦିଲ୍ଲୀପ ଭୋଇ, ଦେବଦତ୍ତ କିଷାନ, ନର୍ସିଙ୍ଗ ଅଧିକାରୀ ଜୁଦା ଶବର, ସବିତା କୁଜ୍ଜୁ, ସୁରଜ ଭୋକ୍ତା ଓ ମହେନ୍ଦ୍ର କଲତା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ୩୦୦ ୟୁନିଟ ରକ୍ତ ଦାନ କରିଥିଲେ ।

# ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଆବଶ୍ୟକ





**କଣ୍ଟାବାଞ୍ଜି,୨ ।୧୦(ସମିସ):** କଣ୍ଟାବାଞ୍ଜି ଏନଏସି ପକ୍ଷରୁ ବିଭିନ୍ନ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମ ସହ ସଚେତନତା ଅଭିଯାନ ଜାରି ରହିଛି । ଏହି ଅବସରରେ ଶୁକ୍ରବାର କଣ୍ଟାବାଞ୍ଜି ଏନଏସି କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା । ସ୍ୱଚ୍ଛ ସହର ଗଠନ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ; ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏନଏସି ଅଧ୍ୟକ୍ଷ ବରିୟାମ ସିଂହ ସାଲୁଜା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଛବି ପୋଡ଼ ଓ ଉପାଧ୍ୟକ୍ଷା ମନୋରମା ରାଉତ, କାଉନସିଲର ବିକାଶ ତରିଆ ପ୍ରମୁଖ ମଞ୍ଚାସୀନ ଥିଲେ । ସହରକୁ ପରିଷ୍କାର ରଖିବା, ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଆବର୍ଜନାର ଠିକ୍ ପରିଚାଳନା ସହ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ଉପରେ ଆଲୋଚନା କରାଯାଇଥିଲା । ଏହାସହ କଣ୍ଟାବାଞ୍ଜି ମେଡିକାଲ ପରିସରରେ ମଧ୍ୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମେଡିକାଲ ପରିସରକୁ ସ୍ୱଚ୍ଛ ରଖିବା ସହ ଆବର୍ଜନା ଏଣେତେଣେ ନ ପକାଇବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା ।

**ମୁରିବାହାଲ:** ଗାନ୍ଧୀ ଜୟନ୍ତୀ ଅବସରରେ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତରେ ଏକ ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ବିଶ୍ୱବେହାରୀ ଯୋଶୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସ୍ୱଚ୍ଛତା, ସଚେତନତା ଓ ଗ୍ରାମର ସାମଗ୍ରିକ ବିକାଶ ଉପରେ ଆଲୋଚନା ହୋଇଥିଲା । ସଭାରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଜଗଦୀଶ କର୍ତ୍ତାମୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଡିପିଓ ପୂର୍ଣ୍ଣିମା ବୈଠାରୁ ଓ ଏଡିଓ ଠଣ ସୁନ୍ଦର ଖୁଟଲା ମଞ୍ଚାସୀନ ଥିଲେ । ଗ୍ରାମ ସଭାରେ ପଞ୍ଚାୟତର ସମସ୍ତ ଗ୍ରାମବାସୀ ନିଜ ଘର ସହିତ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ପଡ଼ୋଶୀମାନଙ୍କୁ ମଧ୍ୟ ସ୍ୱଚ୍ଛତା ପାଇଁ ପ୍ରେରିତ କରିବା ନେଇ ସଂକଳ୍ପ ନେଇଥିଲେ । ଏଥିସହ ଗ୍ରାମ କମିଟି, ୱାର୍ଡ ସଦସ୍ୟ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଯୁବକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଗାଁସାଥି ଓ ବିଭିନ୍ନ ଲାଇନ ବିଭାଗର କର୍ମଚାରୀମାନେ ନିଜ ନିଜ ସ୍ତରରେ ସଚେତନତା ସୃଷ୍ଟି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ । ଗାନ୍ଧୀଜୀଙ୍କ ସ୍ୱଚ୍ଛତା ଓ ସେବାର ଆଦର୍ଶକୁ ଅନୁସରଣ କରି ଗ୍ରାମକୁ ସ୍ୱଚ୍ଛ, ସୁସ୍ଥ ଓ ସଚେତନ କରିବା ପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ ବୋଲି ସଭାରେ ଗୁରୁତ୍ୱାରୋପ କରାଯାଇଥିଲା ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ସମସ୍ତ ୨୬ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ତଥା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକର ବ୍ରାହ୍ମଣୀଯୋର ପଞ୍ଚାୟତରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିବେଦିତା ଡାଙ୍ଗଙ୍କ ପରିଚାଳନା ଏବଂ ସରପଞ୍ଚ ମହେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରିୟରଞ୍ଜନ କୁମାର ଯୋଗଦେଇ ପଞ୍ଚାୟତର ଉନ୍ନୟନ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଥିଲେ । ୧୪ ବର୍ଷରୁ କମ୍ ପିଲାଙ୍କୁ ଶ୍ରମିକ ଭାବେ ଯେମିତି କେହି ନ ଲଗାଇବେ ସେଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜଳ



ସଂଚାଳନ ଓ ଜୈବିକ ପଦ୍ଧତିରେ କୃଷିର ମହତ୍ୱ ବିଷୟରେ ଅବଗତ କରିଥିଲେ । ବନ୍ଧପଡାରେ ପିଇଓ ରମେଶ ବାଗଙ୍କ ପରିଚାଳନା କରିଥିବାବେଳେ ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ଏଠାରେ ମଧ୍ୟ ବିଡିଓ ଯୋଗ ଦେଇଥିଲେ । ବିଜେଡି ବ୍ଲକ ସଭାପତି ଅଚ୍ୟୁତ ମିଶ୍ର, ବିଜେପି ମଣ୍ଡଳ ସଭାପତି ବନବାସ ନାଏକ, ବାସୁଦେବ ସିଂ ନିନା, ଗ୍ରାମ୍ୟ କୃଷି କର୍ମୀ, ଅଙ୍ଗନବାଡି କର୍ମୀ, ଏମ୍‌ବିକେ, ସିଆରପି, ଏସଏଚଜି ସଦସ୍ୟା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ । ବାଳ ଶ୍ରମିକ ଉପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମହଲାଇରେ ପିଇଓ ବିରେନ୍ଦ୍ର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସରପଞ୍ଚ ଚିତ୍ତରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ । ଏବିଡିଓ ପୁଷ୍ପାଞ୍ଜଳୀ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ ।

## ଜୀବିକା ସହାୟତା ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ,୨ ।୧୦ (ସମିସ):** ଖପ୍ରାଖୋଲ ବ୍ଲକ ପ୍ରଶାସନ ଏବଂ ଶ୍ରମ ଓ ଇଏସ୍‌ଆଇ ବିଭାଗର ମିଳିତ ପ୍ରସାରରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ସେମାନଙ୍କ ଜୀବିକା ସହାୟତା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ନାନ୍ଦୁପଲା ପଞ୍ଚାୟତର ଦୁଡୁମଡର୍ହା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା, ସରକାରୀ ଯୋଜନାର ସୁବିଧା ଏବଂ ସେମାନଙ୍କ ଜୀବିକା ନିର୍ବାହ ପାଇଁ ବିଭିନ୍ନ ସହାୟତା ଯୋଗାଇଦେବା । ଶ୍ରମ ବିଭାଗର ବିଭୁଦତ୍ତ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖୀରାମ ସାଣ୍ଡ, ନାନ୍ଦୁପଲା ସରପଞ୍ଚ ନୀଳାଦ୍ରି ପୂଜାରୀ, ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ବିଏସଏସ ଓ କନିଷ୍କ ବିଭାର ପ୍ରମୁଖ ଯୋଗ ଦେଇଥିଲେ । ଦୁଡୁମଡର୍ହା ଗ୍ରାମର ଗ୍ରାମ ସାଥୀ ରୋହିତ ଭୋଇ, ଏଡିଇଓ ଦେବେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ହାଇସ୍କୁଲରୁ ଚୋରି ୫ ସିସିଟିଭି କ୍ୟାମେରା ଜବତ

**ଦେଓଗାଁ,୨।୧୦(ସମିସ):** ବନ୍ଧପଡା ଫାଣ୍ଡି ଅଧୀନ କରୁଆଁଝର ଶ୍ରୀରାମଚନ୍ଦ୍ର ହାଇସ୍କୁଲରୁ ଚୋରି ହୋଇଥିବା ସିସିଟିଭି କ୍ୟାମେରା ଜବତ ହୋଇଛି । ପ୍ରଧାନ ଶିକ୍ଷକ କ୍ଷମାନିଧି ପଧାନଙ୍କ ଅଭିଯୋଗକୁ ଆଧାର କରି ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ତଦନ୍ତ ଆରମ୍ଭ କରିଥିଲେ । ଚୋରି ସମୟରେ ଚୋର ସେଲଫି ନେଇଥିବା ହାର୍ଡଡିକ୍ସରେ ଫଟୋ କଏଦ ହୋଇଥିଲା । ଏହାକୁ ନେଇ ଗାଁର ଗୁଣନିଧି ସେଠକୁ ଅଟକ ରଖି ଛାନଭିନ କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିଥିଲା । ତାଠାରୁ ପୁଲିସ ଚୋରି ହୋଇଥିବା ୫ଟି କ୍ୟାମେରାକୁ ଜବତ କରି ଅଭିଯୁକ୍ତ ଗୁଣନିଧିକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସବିତା ଠେମରିଆ ସୂଚନା ଦେଇଛନ୍ତି ।

## ଡ. ପ୍ରଫୁଲ୍ଲ ରଥ ସମ୍ବର୍ଦ୍ଧିତ

**ବୀରମହାରାଜପୁର,୨ ।୧୦(ସମିସ):** ଉପଖଣ୍ଡସ୍ତରୀୟ ଅନ୍ତର୍ଜାତିକ ବୟୋବୃଦ୍ଧ ଦିବସ ପାଳନ ଅବସରରେ ଡ. ପ୍ରଫୁଲ୍ଲ ରଥ ଉପଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

**ଲୋଇସିଂହାକୁ ମିଳିଲା ମାନ୍ୟତା**

# ସରକାରୀ ଦଳକୁ ଏନ୍‌ଏସି କଣ୍ଟା; ସଇଁତଲାରୁ ପ୍ରତିବାଦ ସ୍ୱର

**ବଲାଙ୍ଗିର,୨ ।୧୦(ସମିସ):**

ବଲାଙ୍ଗିର ଜିଲ୍ଲାରେ ଏବେ ରାସ୍ତା, ପାଣି, ବିଦ୍ୟୁତ କିମ୍ବା ବିକାଶ ନୁହେଁ; ଏନଏସି ବା ବିଜ୍ଞାପିତ ଅଂଚଳ ପରିଷଦ ମାନ୍ୟତା ମଧ୍ୟ ରାଜନୈତିକ ଚର୍ଚ୍ଚାର ନୂଆ କେନ୍ଦ୍ରବିନ୍ଦୁ ହୋଇଛି । ୨୦୨୪ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନୂଆ ଏନଏସି ମାନ୍ୟତା ଦେବାକୁ ଘୋଷଣା କରିଥିଲେ । ସେହି ଘୋଷଣାରେ ଜିଲ୍ଲାର ବେଲପଡା, ଲୋଇସିଂହା, ସଇଁତଲା ଓ ସିନ୍ଧେକେଲା ସାମିଲ ହୋଇଥିଲା । ସରକାର ବଦଳିବା ପରେ ଏନଏସି ରାଜନୀତିର ଚିତ୍ର ମଧ୍ୟ ବଦଳିଗଲା । ୨୦୨୫ ଅଗଷ୍ଟ ୩୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ବଲାଙ୍ଗିର ଜିଲ୍ଲାର କେବଳ ଲୋଇସିଂହାକୁ ନୂଆ ଏନଏସି ଭାବେ ମାନ୍ୟତା ପ୍ରଦାନ କରିଥିଲେ; ଯାହାକୁ ନେଇ ଧୀରେ ଧୀରେ ଆରମ୍ଭ ହୋଇଥିବା ପ୍ରତିବାଦ ସ୍ୱର ଆନ୍ଦୋଳନରେ ପରିଣତ ହୋଇଛି । ଏହା ଏବେ ସଇଁତଲାରୁ ଆରମ୍ଭ ହୋଇଥିବା ବେଳେ ଆଗକୁ ଏଥିରେ ଆଉ କେଉଁ ଆଶାୟୀ ଅଞ୍ଚଳ ସାମିଲ ହେବେ ତାହା ସମୟ କହିବ; କିନ୍ତୁ ଏହି ଏନଏସି ପ୍ରସଙ୍ଗ ଏବେ ବିଜେପି ପାଇଁ କଣ୍ଟା ସାଜିଛି । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ଆଶାୟୀ ଅଞ୍ଚଳବାସୀଙ୍କୁ ବୁଝାଇବା ଓ ଭୋଟ ନେବା ନେତାଙ୍କ ପାଇଁ କାଠିକର ପାଠ ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ବିଜେଡ଼ି ସରକାର ସମୟରେ ବିଭିନ୍ନ ପର୍ଯ୍ୟାୟରେ ବିକଶିତ ଗ୍ରାମ ଗୁଡିକୁ ସହରରେ ପରିଣତ କରିବା ପାଇଁ ଏନଏସି ମାନ୍ୟତା ପ୍ରଦାନ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏନେଇ ପ୍ରକାଶ ପାଇଥିବା ତାଲିକାରେ ବଲାଙ୍ଗିର ଜିଲ୍ଲାର ସଇଁତଲା, ଲୋଇସିଂହା, ବେଲପଡା ଓ ସିନ୍ଧେକେଲା ରହିଥିଲା । ତେବେ ରାଜ୍ୟରେ ସରକାର ବଦଳିବା ପରେ ଏହି ତାଲିକାକୁ ଆଗ୍ରହ୍ୟ କରିଦେଇ ରାଜ୍ୟ ସରକାର ନୂତନ ତାଲିକା ପ୍ରକାଶ କରିଥିଲେ; ଯେଉଁଥିରେ କେବଳ ଜିଲ୍ଲାର ଲୋଇସିଂହାକୁ ଏନଏସି ମାନ୍ୟତା ପ୍ରଦାନ କରି ନୋଟିଫିକେସନ ଜାରି କରାଯାଇଥିଲା । ଏହାଫଳରେ ବର୍ତ୍ତମାନ ଲୋଇସିଂହା ଏବେ ନୂତନ ଏନଏସି ଭାବେ ପରିଚାଳିତ ହେଉଛି । ତେବେ ପୂର୍ବରୁ ଘୋଷଣା ହୋଇଥିବା ଏନଏସି ଅଞ୍ଚଳର ଭବିଷ୍ୟତକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । କିଛି ମାସ ପୂର୍ବରୁ ବେଲପଡା ଅଞ୍ଚଳରେ ଏହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ । ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ଖୁବ ଶୀଘ୍ର ବେଲପଡାକୁ ମଧ୍ୟ ନିତନ ଏନଏସି ଭାବେ ଘୋଷଣା କରାଯିବ ବୋଲି ଏକ ସଭାରେ ଦମ୍ଭର ସହ କହିଥିଲେ; କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ହୋଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ଆରମ୍ଭ କରିଛନ୍ତି । ସେହିପରି ସଇଁତଲାକୁ ମଧ୍ୟ ପୂର୍ବ ସରକାର ସମୟରେ ଘୋଷଣା କରାଯାଇଥିବା ବେଳେ ସଇଁତଲାକୁ ମଧ୍ୟ ବର୍ତ୍ତମାନର ସରକାର ଅଣଦେଖା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ସରପଞ୍ଚ ଗତ ମାସେ ହେଲା ଧାରଣାରେ ବସିଥିବା ବେଳେ ଶୁକ୍ରବାର ସ୍ଥାନୀୟ ବାସିନ୍ଦା ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ନିଜ ସ୍ୱରକୁ ଶାଣିତ କରିବାକୁ ଉଦ୍ୟମ କରିଛନ୍ତି । ସ୍ଥାନୀୟ ବିଧାୟକ ନିଜେ ସରକାରୀ ଦଳର ହୋଇଥିବା ବେଳେ ଆନ୍ଦୋଳନକାରୀ କିଛି ଦିନ ପୂର୍ବରୁ ରାଜ୍ୟ ବିଜେପି ସଭାପତିଙ୍କୁ ଭେଟି ନିଜ ଦାବିପତ୍ର ପ୍ରଦାନ କରିଥିଲେ; କିନ୍ତୁ କୁଆଡେ ବିଧାୟକ ତାଙ୍କୁ ନ ଭେଟିବା ପର୍ଯ୍ୟନ୍ତ ମାନ୍ୟତା ମିଳିବ ନାହିଁ ବୋଲି କହୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି । ସେହିପରି ସିନ୍ଧେକେଲାରେ ମଧ୍ୟ ଏହାକୁ ନେଇ ଭିତରେ ଭିତରେ ଆନ୍ଦୋଳନ ନିଆଁ କୁହୁଳୁଛି । ସଇଁତଲା ଆନ୍ଦୋଳନ ପରେ ଏହାର ପ୍ରଭାବ ବେଲପଡା ଓ ସିନ୍ଧେକେଲାରେ ମଧ୍ୟ ଦେଖିବାକୁ ମିଳିବାର ସମ୍ଭାବନା ରହିଛି । ସେହିପରି ଇତିମଧ୍ୟରେ ବଙ୍ଗୋମୁଣ୍ଡା, ଆଗଲପୁର ମଧ୍ୟ ଏନଏସି ମାନ୍ୟତା ପାଇଁ ଦାବି ଆରମ୍ଭ କରିଥିବା ଦେଖିବାକୁ ମିଳିଛି; ଯାହାକି ଏବେ ସରକାରୀ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି । ଲୋଇସିଂହାକୁ ମାନ୍ୟତା ମିଳିଗଲା ସିନା; ହେଲେ ଅନ୍ୟ ଆଶାୟୀ ଅଞ୍ଚଳବାସୀଙ୍କ ଆଗରେ ସରକାରୀ ଦଳର ନେତାଙ୍କୁ ଉତ୍ତର ରଖିବାକୁ ପଡୁଛି । ଏହାକୁ ପ୍ରଶମିତ କରିବା ପାଇଁ ସ୍ଥାନୀୟ ବିଧାୟକ ଓ ନେତା ଚେଷ୍ଟା କରୁଛନ୍ତି; କିନ୍ତୁ ଲୋକେ କେତେ ଦିନ ଅପେକ୍ଷା କରିବେ? ଏହାକୁ ନେଇ ଏବେ ସରକାରୀ ଦଳର ବିଧାୟକ ଓ ନେତାଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସାମ୍ନାକୁ ଆସୁଛି ।

**ଅପେକ୍ଷାରେ ରହିଗଲେ ସଇଁତଲା, ବେଲପଡା, ସିନ୍ଧେକେଲା ବାସିନ୍ଦା**




ଏହାର ପ୍ରଭାବ ନିର୍ବାଚନକୁ ପ୍ରଭାବିତ କରିବାର ଆଶଙ୍କା ରହିଥିବା ଚର୍ଚ୍ଚା ହେଉଛି । ଆଉ କିଛି ମାସ ପରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବ । ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହା ସମସ୍ତଙ୍କୁ ରାଜନୈତିକ ଦଳ ପାଇଁ ଏକ ବଡ ପରୀକ୍ଷା । ଏହି ଏନଏସି କଣ୍ଟା ଏବେ ସରକାରୀ ଦଳକୁ ଚିନ୍ତାରେ ପକାଇଛି । ରକାରୀ ଦଳର ବିଧାୟକମାନେ ନିଜ ଅଞ୍ଚଳର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଲୋକଙ୍କ ଦାବିକୁ ସମର୍ଥନ କରିବେ ନା ଦଳକୁ ଗୁରୁତ୍ୱ ଦେଇ ଚୁପ୍ ରହିବେ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ ।

## ଏନ୍‌ଏସି ଦାବିରେ ସଇଁତଳବାସୀଙ୍କ ପଦଯାତ୍ରା

ବଲାଙ୍ଗିର ଜିଲ୍ଲା ସଇଁତଳାକୁ ଏନଏସି ମାନ୍ୟତା ପ୍ରଦାନ ଦାବି ଜୋର ଧରିଛି । ଏହି ଦାବି ନେଇ ଶୁକ୍ରବାର ସଇଁତଳାରୁ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା । ଭୋର ପ୍ରାୟ ୪ଟାରୁ ସ୍ଥାନୀୟ ଅଞ୍ଚଳର ଆନ୍ଦୋଳନକାରୀ ଯୁବ ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ପଦଯାତ୍ରା ଆରମ୍ଭ କରିଥିଲେ । ଓକିଲ ସଂଘ ସଭାପତି ସୁବୋଧ ମିଶ୍ର, ଆଦିବାସୀ ସଂଘ ସଭାପତି ଦେବେନ୍ଦ୍ର ଭୋଇ, ଡ୍ରାଇଭର ସଂଘ ସଭାପତି ଈଶାକ ସାଗର, ଆଇଜେୟୁ ସଭାପତି ବିଶାଳ ଅଗ୍ରୱାଲ, ବଣିକ ସଂଘ ସଭାପତି ତରୁଣ ବେହେରା, ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ଭୋଇଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ସାମିଲ ହୋଇଥିଲେ । ଦୀର୍ଘ ୪୦ କିମି ପଦଯାତ୍ରା ପରେ ଆନ୍ଦୋଳନକାରୀ ବଲାଙ୍ଗୀରରେ ପହଞ୍ଚି ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସହରର ବିକାଶ, ନାଗରିକ ସୁବିଧା ଓ ପ୍ରଶାସନିକ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ଏନଏସି ମାନ୍ୟତା ଆବଶ୍ୟକ ବୋଲି ଆନ୍ଦୋଳନକାରୀ ଦାବି କରିଛନ୍ତି ।

# ପୋଖରୀରେ ବୁଡ଼ି ନାବାଳିକା ମୃତ

ଥୁଆମୂଳ ରାମପୁର,୨।୧୦(ସମିସ): ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅନ୍ତର୍ଗତ କିଆପଦର ପଞ୍ଚାୟତର ସାପମୁଣ୍ଡି ଗ୍ରାମ ରାଏଲାପଡ଼ାରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତ ନାବାଳିକା ଜୟସେନ ମାଝୀଙ୍କ ଝିଅ ଦ୍ରୌପଦୀ ମାଝୀ। ସେ ସାଙ୍ଗଙ୍କ ସହ ଗାଁ ପାଖ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ। ସାଙ୍ଗଙ୍କ ଚିତ୍କାର ଶୁଣି ଗାଁ ଲୋକ ପହଞ୍ଚି ଉଦ୍ଧାର କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଦ୍ରୌପଦୀଙ୍କୁ ମୃତ ଘୋଷଣା କରିଥିଲେ। କର୍ଲାପାଟ ପୁଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସେବା ପକ୍ଷ ଅବସରରେ ଶିକ୍ଷା ଚେତନା



ଧର୍ମଗଡ,୨।୧୦(ସମିସ): କାରୁଣ୍ଡ ସେବା ସଂଗଠନ, ଭବାନିପାଟଣା, ଜାତୀୟ ସେବା ଯୋଜନା, ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡ଼ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଇନ୍ଦ୍ରାବତୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ, ମିନଗୁରର ସହଯୋଗରେ ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସେବା ପକ୍ଷ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସମାଜସେବୀ ଇଂ ପୁରୁଷୋତ୍ତମ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ରାଜସ୍ୱ ସେବା ଅଧିକାରୀ ଗଙ୍ଗାଧର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରଥିଲେ। ଅଧାପକ ଲିଙ୍ଗରାଜ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ସାମ୍ବାଦିକ ସଞ୍ଜିବ ଠାକୁର, ଅଧ୍ୟାପକ ସଞ୍ଜିବ ମୁଣ୍ଡ, ସଂଗଠକ ଲଳିତ ବିଶି, ଅଧ୍ୟାପକ ମୋହନ ଚରଣ ବିଶି, ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ।ଏଥିରେ ପ୍ରଶ୍ନମଞ୍ଚର ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ଆୟୋଜକ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସଂଗଠନର ସମ୍ପାଦକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଏହି ସେବା ପକ୍ଷ ପାଳନ ଅବସରରେ ବିଭିନ୍ନ ସେବା ମୂଳକ ଓ ସଚେତନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସୂଚନା ଦେଇଥିଲେ। ଅଧାପକ ଗଣପତି ବାଗ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଶେଷରେ ସଂଗଠନର ଯୁଗ୍ମ ସଂପାଦକ ରଜତ ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ା ଜିଲ୍ଲା ଛାତ୍ର ସଂଘର ପ୍ରତିଷ୍ଠା ଦିବସ




ଖଡ଼ିଆଳ,୨।୧୦(ସମିସ): ଖଡିଆଳ ବ୍ଲକ୍ ଭୋଜପୁର ଯାଦବ ଭବନ ଠାରେ ନୂଆପଡ଼ା ଜିଲ୍ଲା ଛାତ୍ର ସଂଘର ତୃତୀୟ ପ୍ରତିଷ୍ଠା ଦିବସ ଓ ଗାନ୍ଧୀ ଜୟନ୍ତୀ ଅନୁଷ୍ଠିତ ହୋଇଛି। ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିଛବିରେ ପୁଷ୍ପ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହେଇଥିଲା। ଜିଲ୍ଲା ସଭାପତି ବିପିନ ଠେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସାଗର ମାଝୀ, ଉପସଭାପତି ଧର୍ମେନ୍ଦ୍ର ବାଗ, କାର୍ଯ୍ୟକାରୀ ସଭାପତି ପୀତବାସ ବାଗ, ଜିଲ୍ଲା ଛାତ୍ରୀ ସଭାନେତ୍ରୀ ରାନୀ ସୁନାରୀ, ଜିଲ୍ଲା ଛାତ୍ରୀ ସମ୍ପାଦିକା ଭାରତୀ ମାଝୀ, ଉପସଭାପତି ବ୍ୟାସଦେବ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ନୂଆପଡ଼ା ଜିଲ୍ଲାରେ ଛାତ୍ରଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଂଗଠନକୁ ମଜବୁତ କରିବା ଦିଗରେ ମତ ଦେଇଥିଲେ। ଏହି ଅବସରରେ ସଙ୍ଘର ମୁଖ୍ୟ ଉପଦେଷ୍ଟା କପିଳେନ୍ଦ୍ର ଭୋଇ, ଟୁଲୁ ବାବୁ, ଶଶିକାନ୍ତ ମହାରଣା ଛାତ୍ର ସଂଗଠନର ଆବଶ୍ୟକତା ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ସଂଗଠନର ସଂପାଦକ ଖେମରାଜ ନାଏକ, ଛାତ୍ରୀ ନେତ୍ରୀ ସ୍ମୃତି ମାଝୀ, ଦୀପାଞ୍ଜଳି ମେହେର, ଭାଗ୍ୟ ସିଂ ବାବୁ, ଟୁନି ମେହେର, ଗଣେଶ ମାଝୀ, ବୈଭବ ଯାଦବ, ଜିଲ୍ଲା ସଂଯୋଜକ, ଖୁସିରାମ ନାଗ, ମୋହିତ ଯାଦବ, ଚୂଡ଼ାମଣି ତାଣ୍ଡି, ରାଜ୍ କାଣ୍ଡ, ବିବେକ ମାଝୀ, ଦିଗ୍ଲେଶ୍ୱର୍ ରଣା, ସୁବାସିନୀ ରଣା, ଧରିତ୍ରୀ ମେହେର ସମେତ ନୂଆପଡ଼ା ଜିଲ୍ଲାର ସମସ୍ତ ଯୁକ୍ତ ତିନି ମହାବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସାମିଲ ହେଇଥିଲେ। ଶେଷରେ କୁଳବନ୍ତ ଗୁରୁ ଧନ୍ୟବାଦ ଅର୍ପଣକରି ସଭା ସାଙ୍ଗ କଲେ।

## ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ

# ଅଗ୍ନି ପରୀକ୍ଷା, କଣ୍ଟାଦୋଳି ଓ ପାରମ୍ପରିକ ପୂଜାରେ ମୁଖରିତ ଅଞ୍ଚଳ

ଥୁଆମୂଳ ରାମପୁର,୨।୧୦(ସମିସ)





କଳାହାଣ୍ଡି ଜିଲ୍ଲାର ଐତିହ୍ୟ, ପରମ୍ପରା ଓ ଲୋକଆସ୍ଥାର ଅନନ୍ୟ ପରିଚୟ ବହନ କରୁଥିବା ଥୁଆମୂଳ ରାମପୁରର ପ୍ରସିଦ୍ଧ ଭୈରବ ଦେବଙ୍କ ଝାମୁଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଝାମୁଯାତ୍ରା ସହ ଅଗ୍ନି ଭୈରବ ଦେବଙ୍କ ନବଦିନାତ୍ମକ ବାଲିଯାତ୍ରାର ମଧ୍ୟ ସମାପନ ହୋଇଛି। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ସାଙ୍ଗକୁ ପାରମ୍ପରିକ ପୂଜାବିଧି, କଣ୍ଟାଦୋଳି, ଅଗ୍ନି ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ ଆୟୋଜନରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା।

ପରମ୍ପରା ଅନୁଯାୟୀ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ନିକଟସ୍ଥ ନଦୀରୁ ପବିତ୍ର ବାଲି ଆଣି ଶସ୍ୟବୀଜ ରୋପଣ କରାଯାଇଥିଲା। ଏହାପରେ ବିଭିନ୍ନ ଧାର୍ମିକ ବିଧିବିଧାନ ମଧ୍ୟରେ ନବଦିନାତ୍ମକ ବାଲିଯାତ୍ରା ପାଳନ ହୋଇଥିଲା। ଶିବ ଓ ଶକ୍ତିର ପ୍ରତୀକ ଭାବେ ଅଗ୍ନି ଭୈରବ ଦେବ ଏବଂ ମା' ମାଣିକେଶ୍ୱରୀଙ୍କ କାଳିସୀ ଲାଗିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଗାଦିଆ ବସା ଓ ଅନ୍ୟାନ୍ୟ ପର୍ବ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପଞ୍ଚମୀ ତିଥିରେ ଭୋରରୁ ଝାମୁଯାତ୍ରା ପାଇଁ କାଠ ସଂଗ୍ରହ ଓ ଅଗ୍ନି ସଂଯୋଗ ନିମନ୍ତେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଅପରାହ୍ନରେ ଭୈରବ ଦେବଙ୍କ କାଳିସୀ ଲାଗିବା ପରେ ସହର ପରିକ୍ରମା କରାଯାଇଥିଲା। ପରେ ମା' ମାଣିକେଶ୍ୱରୀଙ୍କ କାଳିସୀ ଲାଗିବା ପରେ ଉଭୟଙ୍କୁ କଣ୍ଟାଗାଦିରେ ବସାଇ କଣ୍ଟାଦୋଳିରେ ଝୁଲାଯାଇଥିଲା। ଏହାପରେ ଅଗ୍ନି ଭୈରବଙ୍କ କାଳିସୀ ଲାଗିଥିବା ପୂଜକ ଅଗ୍ନିକୁଣ୍ଡ ଉପରେ ଚାଲି ଅଗ୍ନି ପରୀକ୍ଷା ଦେଇଥିଲେ। ଏହି ଦୃଶ୍ୟ ଦେଖିବା ପାଇଁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅଗ୍ନି ଭୈରବ ଦେବଙ୍କ ନୂତନ ପୂଜକ କଶ୍ୟପ ମୁଣ୍ଡଛିନା ଓ ମା' ମାଣିକେଶ୍ୱରୀଙ୍କ ପୂଜକ ଶରତ ପୁଝାରୀଙ୍କ ସମେତ ମୁଖ୍ୟ ପୂଜକ ତାପସ ରାୟଗୁରୁ, ଗୌରଚନ୍ଦ୍ର ମୁଣ୍ଡଛିନା, ଚିନ୍ମୟମୁଣ୍ଡ, କୈଳାସ ପରିଚ୍ଛା, ନିତ୍ୟା ପରିଚ୍ଛା ପ୍ରମୁଖ ନିଜ ନିଜ ଦାୟିତ୍ୱ ତୁଲାଇଥିଲେ। ଝାମୁଯାତ୍ରା ଅବସରରେ କଳାହାଣ୍ଡିର ପାରମ୍ପରିକ ଲୋକବାଦ୍ୟ ଘୁମୁରା ପ୍ରତିଯୋଗିତାର ଆୟୋଜନ ହୋଇଥିଲା।

ମା' ମାଣିକେଶ୍ୱରୀ ପୂଜା କମିଟିର ସଭାପତି ଅଶ୍ୱିନ କୁମାର ନାଏକ, ଉପସଭାପତି ହେମନ୍ତ ନାଏକ, ସମ୍ପାଦକ ଲାଲକୃଷ୍ଣ(ଲୁଲୁ) ଧଙ୍ଗଡାମାଝୀ, କୋଷାଧ୍ୟକ୍ଷ ବିଘ୍ନରାଜ ପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଆୟୋଜନରେ ସହଯୋଗ କରିଥିଲେ। ରାତିରେ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଘୁମୁରା ପ୍ରତିଯୋଗିତା ସହ ବଜାସାଲ୍ ନୃତ୍ୟ ପରିବେଷଣ ହୋଇଥିଲା। ପ୍ରତିଯୋଗିତାରେ ମାଲପଡା ପ୍ରଥମ, ଲୁହାବାହାଲ୍ ଦ୍ୱିତୀୟ ଏବଂ ଅନ୍ତର୍ଲା ଘୁମୁରା ଦଳ ତୃତୀୟ ହୋଇ ପୁରସ୍କୃତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

### କର୍ଲାପାଟ ଓ କୁମାରକାନୀରେ ମଧ୍ୟ ଜମିଲା ଭକ୍ତଙ୍କ ଭିଡ଼

ସେହିପରି କଳାହାଣ୍ଡିର ଗଡ଼ଜାତ ଅଞ୍ଚଳ ଭାବେ ପରିଚିତ କର୍ଲାପାଟରେ ମଧ୍ୟ ବାବା ଖଣ୍ଡୁଆଳ ଦେବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ପାଳିତ ହୋଇଛି। ଖଣ୍ଡୁଆଳ ମାଳି ଶିଖରରେ ଥିବା ବାବା ଖଣ୍ଡୁଆଳଙ୍କ ପୀଠରୁ ପୂଜିତ ଖଣ୍ଡାକୁ ମାଳିର ପାଦଦେଶରେ ଥିବା କର୍ଲାପାଟ ଗାଁ ପୀଠକୁ ଅଣାଯାଇ ପାରମ୍ପରିକ ବିଧିରେ ସ୍ଥାପନ କରାଯାଇଥିଲା। ଏହାପରେ ନବଦିନାତ୍ମକ ଉତ୍ସବ ଆରମ୍ଭ ହୋଇ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଝାମୁଯାତ୍ରା ପାଳନ କରାଯାଇଥିଲା। ବାବା ଖଣ୍ଡୁଆଳ ଦେବଙ୍କ ପୂଜକ ସୁଦର ପୂଜାରୀଙ୍କୁ କାଳିସୀ ଲାଗିବା ପରେ ଅଗ୍ନିକୁଣ୍ଡରେ ପାରମ୍ପରିକ ଶକ୍ତି ପ୍ରଦର୍ଶନ କରାଯାଇଥିଲା। ଏଥିସହ ମା' ଡୋକରୀ ଦେବୀ, ଦେବୀ ବନଦୁର୍ଗା, ବାବୁରାଏ ଓ ବାଇରୀ ବୁଢ଼ୀଙ୍କ କାଳିସୀ ମଧ୍ୟ ଝାମୁଯାତ୍ରାରେ ଅଂଶଗ୍ରହଣ କରିଥିଲେ। ମାନସିକଧାରୀ ଭକ୍ତମାନେ ନିଜ ମାନସିକ ଅନୁଯାୟୀ ଭୋଗ ଅର୍ପଣ କରିଥିଲେ। କର୍ଲାପାଟ ରାଜ ପରିବାରର କୁମାର ପ୍ରମୋଦ ସିଂଦେଓ, ସ୍ୱରୂପ ସିଂଦେଓ ଓ ରାଜ ସିଂଦେଓଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳନ ହୋଇଥିବା ବେଳେ ପୂଜକ ବିଘ୍ନେଶ୍ୱର ପୂଜାରୀ, କାର୍ତ୍ତିକ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

ଥୁଆମୂଳ ରାମପୁର ବ୍ଲକର କୁମାରକାନୀଠାରେ ମଧ୍ୟ ଦୀର୍ଘବର୍ଷ ଧରି ପାଳିତ ହୋଇଆସୁଥିବା ସ୍ଥାନୀୟ ଭୈରବ ଦେବଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି। ଇନ୍ଦ୍ରାବତୀ ନଦୀର ଆରପାରି ରାଣିପଦରସ୍ଥିତ ଭୈରବ ଦେବଙ୍କ ମୂଳପୀଠରେ ପୂଜାର୍ଚ୍ଚନା ପରେ ପୂଜକଙ୍କୁ କାଳିସୀ ଲାଗିବା ପରେ କୁମାରକାନୀସ୍ଥିତ ମନ୍ଦିରକୁ ଅଣାଯାଇଥିଲା। ମନ୍ଦିରରେ ପାରମ୍ପରିକ ରୀତିନୀତିରେ ପୂଜାବିଧି ସମ୍ପନ୍ନ ହେବା ପରେ ପୁଣି କାଳିସୀ ଲାଗିଥିଲା। ପରେ ମନ୍ଦିର ସମ୍ମୁଖରେ କଣ୍ଟାଦୋଳିରେ ଝୁଲିବା ସହ ଅଗ୍ନି ପରୀକ୍ଷାର ପର୍ବ ଅନୁଷ୍ଠିତ ହୋଇଥିଲା।

# ପ୍ରାଣୀ ଚିକିତ୍ସାଧିକାରୀଙ୍କ ପତ୍ନୀଙ୍କୁ ଭିଏଏସ୍‌ଙ୍କ ଅସଦାଚରଣ ଅଭିଯୋଗ

- ମାଡ଼ ମାରିବା ନେଇ ପାଲଟା ଅଭିଯୋଗ କଲେ ଭିଏଏସ୍
- ଥାନାରେ ମାମଲା, ଉଭୟଙ୍କ ବଦଳି ଦାବି

ମ.ରାମପୁର,୨।୧୦(ସମିସ): ମ.ରାମପୁର ପ୍ରାଣୀ ଚିକିତ୍ସାଳୟରେ ଆଜି ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ବିଡିଓ ଏବଂ ଏମଭିୟୁଭିଏଏସ୍‌ଙ୍କ ମଧ୍ୟରେ ତିନି ମାସ ଧରି ଚାଲିଥିବା ଶୀତଳ ଯୁଦ୍ଧ ଏବେ ଦାଣ୍ଡରୁ ଆସି ହାଟରେ ଗଡ଼ିଲାଣି। ପ୍ରାପ୍ତ ସୂଚନା ମୁତାବକ, ମ.ରାମପୁର ପ୍ରାଣୀ ଚିକିତ୍ସାଧିକାରୀ ମୃତ୍ୟୁଞ୍ଜୟ ବେହୁରା ପତ୍ନୀଙ୍କ ସହିତ ଅଫିସ କ୍ୱାର୍ଟରରେ ଥିବାବେଳେ ଏମଭିୟୁ ଭିଏଏସ୍ ପ୍ରଥମେ ସେଠାକୁ ଯାଇ ବଡ଼ ପାଟିରେ ଗାଳିଗୁଲଜ କରିଥିଲେ। ବିଡିଓଙ୍କ ପତ୍ନୀ କାହିଁକି ପାଟି କରୁଛନ୍ତି ବୋଲି କହିବାରୁ ତାଙ୍କୁ ଆକ୍ରମଣ ଓ ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପତ୍ନୀଙ୍କୁ ସୁରକ୍ଷା ଦେବାକୁ ଆସିଥିବାବେଳେ ତାଙ୍କୁ ମଧ୍ୟ ଭିଏଏସ୍ ଧସ୍ତାଧସ୍ତି କରିଥିଲେ। ଏନେଇ ବିଡିଓଙ୍କ ପତ୍ନୀ ମ.ରାମପୁର ଥାନାରେ ଭିଏଏସ୍‌ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଭିଏଏସ୍ ଶ୍ରୀକାନ୍ତ ପାଣିଗ୍ରାହୀ ମଧ୍ୟ ଥାନାରେ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀ ବେହୁରା ଓ ତାଙ୍କ ପତ୍ନୀ ମାଡ଼ ମାରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ବିଡିଓ ଶ୍ରୀ ବେହୁରା ମ.ରାମପୁର ପ୍ରାଣୀ ଚିକିତ୍ସାଧୀକାରୀ ଭାବରେ ଜୁନ୍ ୩୦ରେ ଯୋଗଦେଇଥିବାବେଳେ ୩ ମାସ ଭିତରେ ତାଙ୍କ ନାମରେ ମିଛ ଅଭିଯୋଗ କରି ତିନି ବର୍ଷରୁ ଅଧିକ ସମୟ ଧରି ରହିଥିବା ଭିଏଏସ୍ ନିଜର ପ୍ରଭାବ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ,ଏମଭିଓ ଭିଏଏସ ଶ୍ରୀ ପାଣିଗ୍ରାହୀଙ୍କ ନାମରେ ବିଭିନ୍ନ ସମୟରେ ଅନେକ ଅଭିଯୋଗ ଆସିଥିବାବେଳେ ଏଠାରେ ସେ ଦୀର୍ଘ ତିନିବର୍ଷରୁ ଅଧିକ ସମୟ ଧରି ରହି ମନମାନୀ କରୁଛନ୍ତି। ଏମଭିୟୁ ଗାଡ଼ିରେ ଡ୍ୟୁଟି ପରେ ଆଉ ଅଫିସ ନଯିବା, ବିଡିଓଙ୍କୁ ବେଖାତିର କରିବା, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପ୍ରତିବଦଳରେ ହାତଗୁଞ୍ଜା ନେଇ କାମ କରେଇବା ଭଳି ଅନେକ ଅଭିଯୋଗ ହୋଇଆସୁଛି। ଘଟଣା ଏବେ ମ.ରାମପୁର ଥାନାରେ ଆସି ପହଞ୍ଚିଛି। ଏନେଇ ଥାନାଧିକାରୀ ସଂଯୁକ୍ତା ପ୍ରଧାନଙ୍କୁ ପଚାରିବାରୁ, ଉଭୟ ପକ୍ଷଙ୍କୁ ଡକାଇ ପ୍ରାଥମିକ ତଦନ୍ତ ଚାଲିଥିବା କହିଛନ୍ତି।

# ସ୍ୱଚ୍ଛତା କର୍ମଚାରୀଙ୍କ ଅବଦାନ ଅତୁଳନୀୟ

ଖଡ଼ିଆଳ,୨।୧୦(ସମିସ): ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ପକ୍ଷରୁ "ସେବା ସଂକଳ୍ପ ଅଭିଯାନ' ଏକମାସିଆ କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ସହ "ସ୍ୱଚ୍ଛ ଭାରତ ଦିବସ' ପାଳିତ ହୋଇଯାଇଛି। ଖଡ଼ିଆଳ କଲ୍ୟାଣ ମଣ୍ଡପ-୨ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍ଏସି ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଅଧ୍ୟକ୍ଷତା କରିଥିଲେ। ଏନ୍ଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ଓ ସଫେଇ କର୍ମଚାରୀଙ୍କ ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ଏନ୍ଏସିର ସମସ୍ତ ସ୍ୱଚ୍ଛ ସାଥୀ ଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ୱାର୍ଡ ସଭ୍ୟସଭ୍ୟା ରାଜାରାଣୀ ପଟ୍ଟନାୟକ, ଲକ୍ଷ୍ମଣ ଦୁରିଆ, ଚନ୍ଦନ ସାହୁ, ସୁନୀଲ କୁମାର ସାହୁ, କିରଣ ଓ ବନିତା ଶବରଙ୍କ ସମେତ ସମସ୍ତ କର୍ମଚାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ।

# ସେବା ସଂକଳ୍ପ ଅଭିଯାନ ଅବସରରେ ରକ୍ତଦାନ ଶିବିର

ଭବାନୀପାଟଣା,୨।୧୦(ସମିସ): 'ସେବା ସଙ୍କଳ୍ପ ଅଭିଯାନ' ଅଧୀନରେ ଆଜି ମହାତ୍ମାଗାନ୍ଧୀ ଜୟନ୍ତୀ ଏବଂ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ଅବସରରେ ଭବାନୀପାଟଣା ସରକାରୀ ଡାକ୍ତରଖାନାସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାରଠାରେ ବିଜେପି ଭବାନୀପାଟଣା ନଗର ମଣ୍ଡଳ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦଳର ବହୁ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଉତ୍ସାହର ସହିତ ରକ୍ତଦାନ କରିଥିଲେ। ନଗର ସଭାପତି ଚିତ୍ତରଞ୍ଜନ ପାତ୍ର, ନଗର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ଜିଲ୍ଲା ଉପସଭାପତି ରୂପେଶ ଜେନ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ବିଧାୟକ ଅନାମ ନାଏକ, ବରିଷ୍ଠ ନେତା ଭାରତ ଭୂଷଣ ଦେଓ, ଜିଲ୍ଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା, ଜିଲ୍ଲା ଉପସଭାପତି ଜୟଶଙ୍କର ନାଏକ, କିସାନ ମୋର୍ଚ୍ଚା ଜିଲ୍ଲା ସଭାପତି ସୁଧୀର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଉତ୍ସାହ ଓ ମହକ କାର୍ଯ୍ୟକ୍ରମ

ଭବାନୀପାଟଣା,୨।୧୦(ସମିସ): ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ଉତ୍ସାହ ଓ ମହକ-୨୦୨୬ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟକୁମାର ଦରୱାନ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସ୍ନିଗ୍ଧା ପଣ୍ଡା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ସଦସ୍ୟ ଓ ସଦସ୍ୟା ବିଶ୍ୱନାଥ ଦାଶ, ରାମ ନାରାୟଣ ରଥ ଓ ଅଶୋବନ୍ତି ଦେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭବାନୀ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଡିଏସପି ମୁକ୍ତି କୁମାର କୁଲୁ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଜିଲ୍ଲା ଯୋଜନା ଓ ସମନ୍ୱୟ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ଦଳେଇ, ଏସଡବ୍ଲ୍ୟୁଓ ନିୟତିବାଳା ସୋରେନ, ଉପଖଣ୍ଡିୟ ସୁରକ୍ଷା ଅଧିକାରୀ ଫୁଲେନ୍ସିଆ ସୋରେନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ। ଦୁଇଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ଭବାନୀପାଟଣା,୨।୧୦(ସମିସ)

ଆଜି ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଡ଼ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସହ ନିର୍ଦ୍ଦେଶକ ସଞ୍ଜୟ ଏବଂ ଆର୍ଥିକ ସେବା ବିବେକା ନନ୍ଦ ମହାନନ୍ଦ, ଉପ ନିର୍ଦ୍ଦେଶକ,ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ ଦଳେଇଙ୍କ ସମେତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ଯୋଗ ଦେଇ ଗାନ୍ଧିଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଷ୍ଟାଡିୟମ୍ ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଏବଂ ଗାନ୍ଧୀ ପାର୍କ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଭାତ ଫେରି ତଥା ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସସହ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ, ସରକାରୀ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସକାଳ ୪ଟା ୩୦ରେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ଗାନ୍ଧୀ ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୁ, ମୁସଲିମ ଓ ଶିଖ୍ ଧର୍ମର ପ୍ରତିନିଧି ନିଜ ନିଜ ପବିତ୍ର ଗ୍ରନ୍ଥରୁ ସର୍ବଧର୍ମ ସମନ୍ୱୟ, ଭାତୃଭାବ, ଅହିଂସା ଓ ଶାନ୍ତି ଉପରେ ଉଦ୍ଧୃତ ବାଣୀ ପରିବେଷଣ କରିଥିଲେ। ହିନ୍ଦୁ ଧର୍ମର ହେମନ୍ତ ମୁଣ୍ଡ, ଇସଲାମ ଧର୍ମର ଆଝାର ମହମ୍ମଦ ଓ ସୟିଦ



ଉସ୍ମାନ, ଖ୍ରୀଷ୍ଟିଆନ ଧର୍ମର ପ୍ରଭାକର ବୀର, ଶିଖ ଧର୍ମର ହର୍ଜିନ୍ଦର ସିଂ ପ୍ରତିନିଧି ରୂପେ ଯୋଗ ଦେଇ ପବିତ୍ର ଗ୍ରନ୍ଥରୁ ବାଣୀ ପାଠ କରିଥିଲେ। ଗାନ୍ଧୀ ପାର୍କରେ ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ।

## ଶ୍ରୀ ସାଇ କଲେଜ

କୋମନା: କୋମନା ବ୍ଲକ ଶ୍ରୀ ସାଇ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ଡ଼ ଅଶୋକ କୁମାର ପଟ୍ଟନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବରେ ପ୍ରଶାସକ ମୁକେଶ କୁମାର ରାଉତ, ଶାରିରିକ ଶିକ୍ଷା ଶିକ୍ଷକ ଦୁଷ୍ମନ୍ତ ସାହୁ, ଗୃହ ବିଜ୍ଞାନ ଅଧ୍ୟାପିକା ମୋନିକା ଅଧିକାରୀ , ସମାଜ ବିଜ୍ଞାନ ଅଧ୍ୟାପିକା ତପସ୍ୱିନୀ ନାଥ ପ୍ରମୁଖ ଯୋଗ ଦେଇଥିଲେ। ଇତିହାସ ଅଧ୍ୟାପକ ଅଶ୍ୱିନୀ କରେଇ, ରାଜନୀତି ବିଜ୍ଞାନ ଅଧ୍ୟାପକ ଭାଗିରଥି ଭୋଇ ଓ ଓଡ଼ିଆ ଅଧ୍ୟାପିକା ପ୍ରିୟମ୍ବଦା ବିଶି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ

ଭବାନୀପାଟଣା: ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ସଭାପତିଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଜାତୀୟ ପିତା ମୋହନ ଦାସ କରମଚାନ୍ଦ ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବହାଦୁର ଶାସ୍ତ୍ରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହା ପରେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ନାୟକ, ଭାରତ ଭୂଷଣ ବେମାଲ, ଇନ୍ଦ୍ରଜିତ ମହାଖୁଡ଼, ନିମାଞ୍ଚଳ ନାୟକ, ସୁଦର୍ଶନ ବିଶ୍ୱାଳ, ସରୋଜ ବାଗ, ଗଣ ପତି ନାୟକ ସୁକାନ୍ତ ବିଶି, ଲିଙ୍ଗରାଜ ନାୟକ ସୁଧୀର ନାୟକ ଦୀନେଶ ବାଗ, ସନ୍ତୋଷ ମୁଣ୍ଡ,ଭାଗବତ ଲାଲ ଯାଦବ,ସୌଭାଗ୍ୟ ମଲିକ, ଲକ୍ଷ୍ମୀପ୍ରିୟା ନାୟକ, ଅଞ୍ଜଳି ଗହୀର, ମିଡ଼ିଆ ସେଲ ଅଧ୍ୟକ୍ଷ ସନ୍ତୋଷ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## କଳାହାଣ୍ଡି ପତଞ୍ଜଳି ଯୋଗ ସମିତି

ଭବାନୀପାଟଣା: କଳାହାଣ୍ଡି ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳ ୫ଟାରେରେ ଗାନ୍ଧୀଛକ ଠାରୁ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଯାଇଥିଲା।ଏଥିରେ କଳାହାଣ୍ଡି ପତଞ୍ଜଳି ଯୋଗ ସମିତି ପକ୍ଷରୁ ଶତାଧିକ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ଦ୍ୱାରା ନିକଟ ଅତୀତରେ ସମ୍ମାନିତ ହୋଇ ଥିବା ବିଶିଷ୍ଟ ସଫେଇ କର୍ମଚାରୀ ରାଜେନ୍ଦ୍ର ପାତ୍ରଙ୍କ ଦ୍ୱାରା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଳାହାଣ୍ଡି ଭାରତ ସ୍ୱାଭିମାନ ଟ୍ରଷ୍ଟ ପ୍ରଭାରୀ ଅଶୋକ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିବାବେଳେ କଳାହାଣ୍ଡି ପତଞ୍ଜଳି ଯୋଗ ସମିତି ପ୍ରଭାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ପୃଷ୍ଠପୋଷକ ଶିଶିର ପାଟଯୋଷୀ, ଜିଲ୍ଲା ମହାମନ୍ତ୍ରୀ ଗଜେନ୍ଦ୍ର ପାଢ଼ୀ, ଜିଲ୍ଲା ସାଂଗଠନିକ ସମ୍ପାଦକ ଦଧିଚନ୍ଦ୍ର ସାହୁ, ସ୍ୱାଭିମାନ ଟ୍ରଷ୍ଟ ସହ ପ୍ରଭାରୀ ଶୁଭ୍ରାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ରମାକାନ୍ତ ପାଢ଼ୀ, ପତଞ୍ଜଳୀ ଯୋଗ ସମିତି ସହ ପ୍ରଭାରୀ ହେମନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ସ୍ୱାଭିମାନ ଟ୍ରଷ୍ଟ ସହ ପ୍ରଭାରୀ ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ.ଏନ୍.ଏସ୍. ବିଦ୍ୟାପୀଠ

କୋକସରା: କଳାହାଣ୍ଡି ଜିଲ୍ଲା ଚାରବାହାଲ ସ୍ଥିତ ଏସ.ଏନ୍.ଏସ୍. ବିଦ୍ୟାପୀଠ ପରିସରରେ ପ୍ରଧାନଶିକ୍ଷକ ଏବଂ ଅନ୍ୟ ଗୁରୁଜୀମାନେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ କାର୍ଯ୍ୟକ୍ରମଟିକୁ ସଫଳତାର ସହ ସମାପ୍ତ କରାଯାଇଥିଲା।

## ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ

# ସରକାରଙ୍କ ବିଫଳତା ନେଇ ଲୋକଙ୍କୁ ସଚେତନତା କଲା ବିଜେଡି








କଣ୍ଟାବାଞ୍ଜି,୨।୧୦ (ସମିସ):

କଣ୍ଟାବାଞ୍ଜିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି।ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ପହଞ୍ଚିଥିଲା। ସେଠାରେ ବିଜେଡି କର୍ମୀମାନେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଜେଡି ନଗର ସଭାପତି କିଶୋର ମଛଖଣ୍ଡ, ବଙ୍ଗୋମୁଣ୍ଡା ବ୍ଲକ୍ ସଭାପତି ରାଧେଶ୍ୟାମ କେତକୀ, ମୁରିବାହାଲ ବ୍ଲକ୍ ସଭାପତି ସନ୍ନ୍ୟାସୀ ପୁଟେଲ, ତୁରେକେଲା ବ୍ଲକ୍ ସଭାପତି ଖୁସିରାମ ନାଏକ, ବଲାଙ୍ଗୀର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ବିଜେଡ଼ି ନେତା ଏସ.କେ ଅନୱାର, ବିଜେଡ଼ି ନେତ୍ରୀ ସସ୍ମିତା ସିଂହ, ସିମରନ କୌର, ଲାଲଚାନ୍ଦ ପୁଟେଲ, ସତ୍ୟ ରାୟ, ପ୍ରମୋଦ ପାଣିଗ୍ରାହୀ, ପ୍ରେମ ବାଗ, ଏସ.କେ ଆମ୍ଜାଦ, ମନୋଜ ଚଣ୍ଡୀ, ମନୋଜ ସାହୁ, ତାହିର ଖାଁ, ଧୀରୁ ସାହୁ, ଗୁରୁଚରଣ ଠେଲା, ଉତ୍ତର କୁମାର ପାନିକା, ଉନ୍ନି ନାଏକ, ଟୁନା ମେହେର, ପବିତ୍ର ରଣା, ବିନୋଦ ବେହେରା, ମୁକେଶ ଭୋଇ, ନିର୍ମଳ ଜାନୀ, କୈଳାସ ସାହୁ, ଦିବାକର ପୁଟେଲଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ରାଜ୍ୟରେ ଚାଲିଥିବା ଡବଲ ଇଞ୍ଜିନ ସରକାରଙ୍କ ବିଫଳତା, ଦରଦାମ ବୃଦ୍ଧି, ଆଇନ ଶୃଙ୍ଖଳା ବିପର୍ଯ୍ୟୟ ଓ ଜନ ଅସନ୍ତୋଷକୁ ନେଇ ଦଳ ଲୋକଙ୍କ ପାଖକୁ ଯିବ ଏବ ଲୋକଙ୍କୁ ସଚେତନ କରିବ। ନବୀନ ପଟ୍ଟନାୟକ ଅତୀତରେ କରିଥିବା ରାଜ୍ୟର ବିକାଶ ବାର୍ତ୍ତା ଘରେ ଘରେ ପହଞ୍ଚାଯିବ ବୋଲି ଦଳୀୟ ନେତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଦେବାର ବାରିକ, କାଉନସିଲର ସୂର୍ଯ୍ୟପ୍ରତାପ ମିଶ୍ର, ପିଙ୍କି ଖର୍ସେଲ, ତପନ ବଏ, ଦୈତାରୀ ଭୋଇ, ବିଷ୍ଣୁ ଜୁଏଡ, ଦେବରାଜ ଯାଦବ, ବିଶ୍ୱନାଥ ସାହୁ, ମହେଶ ପୁଟେଲ, ଚମ୍ପେଶ୍ୱର ବାଗ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦିଲୀପ ମହାନ୍ତି, ଗୋପାଲ ମେହେର, ଅମିତ ସାହୁ, ପଞ୍ଚ ପୁଟେଲ, ଦିଲୀପ ସାହୁ, ହେମପତି ଛତ୍ରିଆ, ଜଳନ୍ଧର ମାହାକୁଡ, ବିରେନ୍ଦ୍ର ପନିକା, ବାଷ ସାହୁ, ମଣ୍ଟୁ ମାହାନନ୍ଦ, ବସୁ ପନିକା, ଦିଲୀପ ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

**ଲୋଇସିଂହା:** ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବିଜୁ ଜନତା ଦଳ ଆଗଲପୁର୍ ବ୍ଲକ୍ ବିଜେଡି ତରଫରୁ ପଟୁଆପାଲି ପଞ୍ଚାୟତର ପାଣ୍ଡରିଡୁଙ୍ଗରି ଗ୍ରାମରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଗଲପୁର ବ୍ଲକ ବିଜେଡି ସଭାପତି ଉତ୍ତମ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ, ଜିଲ୍ଲା ବିଜେଡି ସମ୍ପାଦକ ଗୋବର୍ଦ୍ଧନ ସାହୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବିଜୟ ଦାସ, ପଟୁଆପାଲି ସମବାୟ ସମିତି ସଭାପତି ପ୍ରମୋଦ ମିଶ୍ରଙ୍କ ସମେତ ବିଜୁ ଜନତା ଦଳର କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି ପଦଯାତ୍ରା ଗାଁ ପରିକ୍ରମା କରିବା ସହିତ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଗତ ସରକାରଙ୍କ ସଫଳତା ବନାମ ବର୍ତ୍ତମାନ ବିଜେପି ସରକାରର ୨୫ ମାସରେ ବିଫଳତା ବିଷୟରେ ବିଜେଡ଼ି ନେତାମାନେ ଲୋକଙ୍କୁ ସଚେତନ କରାଇଥିଲେ। ବରୁଣ ମହାକୁଡ଼, ବିକାଶ ସାହୁ, ତ୍ରିଲୋଚନ ସାହୁ, ଆନନ୍ଦ ମେହେର, ରାଜୁ ସେଠ, ରାଧେଶ୍ୟାମ ଭୋଇ, ରାଜୀବ ସେଠ୍, ପବିତ୍ର ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଆଗଲପୁର ବ୍ଲକ୍ ଯୁବ ବିଜେଡ଼ି ସଭାପତି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଟିଟିଲାଗଡ଼:** ଟିଟିଲାଗଡ଼ରେ ବିଜେଡ଼ିର ପଦଯାତ୍ରା କରିଛି। ଜନସମ୍ପର୍କ ନେଇ ଏଡି ପଦଯାତ୍ରା ଶୁଭାରମ୍ଭ ହୋଇଛି। ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ନେତୃତ୍ୱରେ ଏନେଇ ଆଜି ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ଦଳୀୟ କର୍ମକର୍ତ୍ତା ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟରେ ବରିଷ୍ଠ ନେତା ରାଜେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସାହୁ ରାଜ୍ୟର ବିଜେପି ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଥିବା କହିଥିଲେ। ଲୋକଙ୍କୁ ବିଜେପି ସରକାର ଭୁଆଁ ବୁଲାଉଛି। ଆଗାମୀ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ଲୋକେ ଏହାର ଜବାବ ଦେବେ ବୋଲି କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦଳର ଜିଲା ସାଧାରଣ ସମ୍ପାଦକ ରଣ ପୃଷ୍ଟି, ନଗର ସଭାପତି ଶ୍ୟାମାପ୍ରସାଦ ଗରିଆ, ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ହାତୀ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ବରିଷ୍ଠ ନେତା ମୋହନଲାଲ ଜୈନ, ପ୍ରେମ ଜୈନ, ସୁଧୀର ମିଶ୍ର, କିଶୋର ସାହୁ, ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭରତ ତାଣ୍ଡି, ରମାକାନ୍ତି ପୁଟେଲ, ପୂର୍ବତନ ପୌର ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ଉମାଦେବୀ ଅଗ୍ରୱାଲ, ବିକାଶ ପାଣିଗ୍ରାହୀ, ଚନ୍ଦ୍ରବଦନ ପୁରୋହିତ, କୃଷ୍ଣ ସିଂ ପାତ୍ର, ଦେବାଶିଷ ସୌରା, ଅରୁଣ ମିଶ୍ର, ଜ୍ଞାନରଞ୍ଜନ ସରାଫ, ରବି ବାଗ, ରାଜୁ ସିଂ ପାତ୍ର, ଶତ୍ରୁଘ୍ନ ମାଝୀ, ରିଙ୍କୁ ସେଠ, ପଙ୍କଜ ଅଗ୍ରୱାଲ, କାର୍ତ୍ତିକେଶ୍ୱର ଛତର, ରୁପେଶ ରାଜୁ, ବିପିନ ପୃଷ୍ଟି, ବିରଞ୍ଚି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ବଙ୍ଗୋମୁଣ୍ଡାରେ ନୂଆ ବିଇଓଙ୍କ ଯୋଗଦାନ



କଣ୍ଟାବାଞ୍ଜି,୨।୧୦(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାହ୍ନୁଚରଣ ନାୟକ ଯୋଗ ଦେଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାୟର ସମସ୍ତ କର୍ମଚାରୀଙ୍କ ସହ ବଙ୍ଗୋମୁଣ୍ଡା ବ୍ଲକ୍‌ର ପ୍ରାଥମିକ ଶିକ୍ଷକ ସଂଘର ସଭାପତି କୋଷରାଜ୍ ବେହେରା, ସମ୍ପାଦକ ଜୟନ୍ତିଲାଲ୍ ସାହୁ, ବରିଷ୍ଠ ଶିକ୍ଷକ ଅକ୍ଷୟ ସାହୁ, ଦେବରାଜ ମେହେର, ସୁରେଶ ବେହେରା, ଭାସ୍କର ଜାଲ, ତିବ୍ରରାଜ୍ ମେହେର, ଭଜମନ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଜେନା, ସିଆରସିସି ହରପ୍ରସାଦ ମାଝୀ, ତୁଳସୀ ସୁନା, ବିମଳ ଛୁରା, ଜିତାମିତ୍ର ବିଶି, ନରେଶ ମାଝୀ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ନୂଆ ବିଓଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଅତିରିକ୍ତ ଦାୟିତ୍ୱ ଶାନ୍ତନୁ ପଡିହାରୀରେ ଏଠାରେ ବିଇଓ ଦାୟିତ୍ୱରେ ଥିଲେ।

## ମଦ କାରବାର ପାଇଁ ତାତିଲେ ମହିଳା ଓ ଜନପ୍ରତିନିଧି



ଦେଓଗାଁ,୨।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଗାଁରେ ନିଶା କାରବାର ବନ୍ଦ ଦାବି ନେଇ ମହିଳା ଓ ସ୍ଥାନୀୟ ଜନପ୍ରତିନିଧି ସ୍ୱର ଉଠାଇଛନ୍ତି। ବର୍ତ୍ତମାନ ପାର୍ବଣ ସମୟ। ପୂର୍ବ ବର୍ଷ ତୁଳନାରେ ଗାଁରେ ନିଶା କାରବାର ଆହେତୁକ ଭାବେ ବୃଦ୍ଧି ପାଇଛି। ଜରାସିଂହାରେ ତାହାର ବିଶେଷ ପ୍ରଭାବ ରହିଛି। ଗାଁର ପ୍ରତି ଛକରେ ଦେଶୀ, ବିଦେଶୀ ମଦ ବିକ୍ରି ଦିନକୁ ଦିନ ବଢ଼ି ଚାଲିଛି। ଏଣୁ ଗାଁରେ ପ୍ରତ୍ୟହ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଏହାଦ୍ୱାରା ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଏହି ଗାଁ ପଞ୍ଚାୟତ ମୁଖ୍ୟାଳୟ ସମେତ ଆଖାପାଖ ପଞ୍ଚାୟତର ମୁଖ୍ୟ ପେଣ୍ଠସ୍ଥଳ। ଆଉ ମାତ୍ର କେଇଦିନ ମଧ୍ୟରେ ଜିଲ୍ଲାର ଐତିହାସିକ ପାଟଖଣ୍ଡା ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତରେ ପହଞ୍ଚିଛି। ଏଭଳି ସମୟରେ ଖୁଲମଖୁଲା ମଦ ବିକ୍ରି ହେବା, ବିଭିନ୍ନ ପ୍ରକାର ନିଶା କାରବାର ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଣୁ ସମିତି ସଭ୍ୟ ଅମିତ ତ୍ରିପାଠୀଙ୍କ ନେତୃତ୍ୱରେ ଓ ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠଙ୍କ ଉପସ୍ଥିତିରେ ଗାଁରେ ଏକ ବୈଠକ ହୋଇଥିଲା। ଗ୍ରାମବାସୀଙ୍କ ନିଷ୍ପତ୍ତି ଅନୁସାରେ ଶୁକ୍ରବାର ଗାଁର ସମସ୍ତ ମହିଳା ଓ ବୁଦ୍ଧିଜୀବୀ, ଜନପ୍ରତିନିଧି ଏକତ୍ରିତ ହୋଇ ଗାଁ ପରିକ୍ରମା କରିଥିଲେ। ପଞ୍ଚାୟତ ଗେଟ ସମ୍ମୁଖରେ ପହଞ୍ଚି ନାରାବାଜୀ କରିଥିଲେ। କୁଟିଆ ବେପାରୀଙ୍କ ଉପରେ ରୋକ ଲଗାଇବା ପାଇଁ ଦାବି ଜଣାଇଥିଲେ। ସରପଞ୍ଚ କୁଶମଣି ମେହେରଙ୍କ ଜରିଆରେ ଅବକାରୀ ଅଧିକାରୀ ଓ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଶାସନ ଏ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ ନ କଲେ ସମସ୍ତ କରକାରୀକଳକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ଛାତ୍ରୀଙ୍କଠାରୁ ବ୍ୟାଗ୍ ଛଡ଼ାଇ ଅଭିଯୁକ୍ତ ଗିରଫ

ବଲାଙ୍ଗିର,୨।୧୦(ସମିସ): ବଲାଙ୍ଗିର ସହରରେ ଛାତ୍ରୀଙ୍କଠାରୁ ବ୍ୟାଗ୍ ଛଡ଼ାଇ ନେବା ଘଟଣାରେ ଟାଉନ୍ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଧରାପଡ଼ିଥିବା ଅଭିଯୁକ୍ତ ହେଲେ ଦିବ୍ୟକାନ୍ତ ବୁଢ଼େକ (୧୯) ଏବଂ ବ୍ରାହ୍ମଣୀପାଲି ଅଞ୍ଚଳର ଜଣେ ନାବାଳକ। ପୁଲିସ ସୂଚନା ଅନୁସାରେ ଗତ ସେପ୍ଟେମ୍ବର ୩୦ ତାରିଖ ଅପରାହ୍ନ ପ୍ରାୟ ୨ଟା ୪୫ରେ ଜଣେ ୧୭ ବର୍ଷିୟା ଛାତ୍ରୀ କୋଚିଂ ସେଣ୍ଟରକୁ ଯାଉଥିବା ବେଳେ ଜ୍ୟୋତି ଟ୍ରେଡିଂ ବୁକ୍ ଷ୍ଟୋର ନିକଟରେ ଦୁଇଜଣ ଯୁବକ ତାଙ୍କୁ ଅଟକାଇଥିଲେ। ଏହାପରେ ଜୋରଜବରଦସ୍ତ ତାଙ୍କ ସ୍କୁଲ ବ୍ୟାଗ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ବ୍ୟାଗ୍ ମଧ୍ୟରେ ମୋବାଇଲ୍, ପରିଚୟପତ୍ର, ପାଠ୍ୟପୁସ୍ତକ ଏବଂ ଟଙ୍କା ଥିଲା। ଏନେଇ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସ୍ଥାନୀୟ ସୂଚନା ସଂଗ୍ରହ କରିଥିଲା। ଏହାର ଆଧାରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରୁ ଦୁଇ ଅଭିଯୁକ୍ତଙ୍କୁ ସେହି ମୋଟରସାଇକେଲରେ ଯାଉଥିବା ବେଳେ ପୁଲିସ କାବୁ କରିଥିଲା। ସେମାନଙ୍କ ନିକଟରୁ ୩ଟି ମୋବାଇଲ୍ ଫୋନ୍, ଟଙ୍କା, ଔଷଧ, ଲାଇବ୍ରେରୀ କାର୍ଡ, ଦୁଇଟି ବ୍ୟାଗ୍ ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକଲ୍ ଜବତ କରାଯାଇଛି। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଘଟଣାରେ ସମ୍ପୃକ୍ତି ସ୍ୱୀକାର କରିବା ସହ ସେପ୍ଟେମ୍ବର ୨୯ ତାରିଖରେ କଲେଜ ଛକ ନିକଟରେ ଘଟିଥିବା ଅନ୍ୟ ଏକ ଛଡ଼ାଇ ଘଟଣାରେ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ ନିକଟରେ କହିଥିବା ସୂଚନା ମିଳିଛି।

## ଇଥାନଲ କାରଖାନା ଯୋଗୁଁ ରାସ୍ତା ମରଣଯନ୍ତା

ତରଭା,୨।୧୦(ସମିସ): ୫୭ ନମ୍ବର ଜାତୀୟ ରାଜପଥର ଝାରତରଭା ପୋଲ ଠାରୁ ଠକପାଲି ଦେଇ ଝାରତରଭା ରେଲୱେ ଷ୍ଟେସନ ଓ କଟାପାଲିକୁ ସଂଯୋଗ କରୁଥିବା ରାସ୍ତା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଠକପାଲି, ଦଇତପୁର, ଝାରତରଭା, କଟାପାଲି ଓ ବଡ଼ଭଇଁରୋ ପର୍ଯ୍ୟନ୍ତ ଲମ୍ବିଥିବା ଏହି ଗୁରୁତ୍ୱପୂର୍ଣ ରାସ୍ତାଟି ଦୀର୍ଘ ଦିନ ହେଲା ମରାମତି ଅଭାବରୁ ଖାଲ-ଖମାରେ ଭର୍ତ୍ତି ହୋଇଯାଇଛି। ସାମାନ୍ୟ ବର୍ଷାରେ ଖାଲରେ ପାଣି ଜମି ରହୁଛି। ସ୍ଥାନୀୟ ଇଥାନଲ କାରଖାନାକୁ ପ୍ରତିଦିନ ଶହ ଶହ ଭାରୀଯାନ ଯିବା-ଆସିବା କରୁଥିବାରୁ ରାସ୍ତା ଅଧିକ ଖରାପ ହେଉଛି। ଏହାଫଳରେ ବାଇକ ଓ ସାଇକେଲ ଆରୋହୀମାନେ ହଠାତ୍ ଖାଲରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାରେ ଗାଡିକୁ ସାଇଡ୍ ଦେବାବେଳେ ମଧ୍ୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦ୍ରୁତ ଗତିରେ ଯାଉଥିବା ଗାଡିରୁ ଖାଲରେ ଜମିଥିବା ମଇଳା ପାଣି ପଥଚାରୀଙ୍କ ଉପରେ ଛିଟିକି ପଡୁଛି। ସୂଚନାଯୋଗ୍ୟ ଯେ, କିଛି ମାସ ତଳେ ଏହି ରାସ୍ତାର ଦୁରାବସ୍ଥାକୁ ନେଇ ଗ୍ରାମବାସୀ ରାସ୍ତା ରୋକ କରିଥିଲେ। ଉଭୟ ପାର୍ଶ୍ୱରେ ଶହ ଶହ ଗାଡି, ବିଶେଷ କରି ଇଥାନଲ କାରଖାନାକୁ ଯାଉଥିବା ଗାଡି ଅଟକି ରହିଥିଲା। ପରେ କାରଖାନା କର୍ତ୍ତୃପକ୍ଷ ଆସି ରାସ୍ତାରେ ଗୋଡି-ଡଷ୍ଟ ପକାଇ ଚଳାଚଳ ଯୋଗ୍ୟ କରି ରାସ୍ତା ରୋକ ହଟାଇଥିଲେ। କିନ୍ତୁ ଏହା ସ୍ଥାୟୀ ସମାଧାନ ହୋଇପାରିଲା ନାହିଁ। ଏହି ରାସ୍ତା ଉପରେ ବିଭାଗୀୟ ଅଧିକାରୀମାନେ ନିତ୍ୟ ଯାତାୟାତ କରୁଥିଲେ ମଧ୍ୟ ଦେଖି ମଧ୍ୟ ନ ଦେଖିଲା ପରି ଚୁପ୍ ରହୁଛନ୍ତି। କେବଳ ଲୋକ ଦେଖାଣିଆ ଭାବେ କାଁ-ଭାଁ ମରାମତି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ମନମୁଣ୍ଡା-ବାଉଁଶୁଣୀ ରାସ୍ତାରେ ବିପଦ ଜଗିଛି

କନ୍ଧମାଳ,୨।୧୦(ସମିସ): ବୌଦ୍ଧ ଜିଲ୍ଲାର ପ୍ରମୁଖ ରାଜ୍ୟ ରାଜପଥ ମନମୁଣ୍ଡାଠାରୁ ବାଉଁଶୁଣି ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ଖାଲ ଖମା ସୃଷ୍ଟି ହୋଇଛି। ଫଳରେ ପ୍ରତିଦିନ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାଜପଥ ଦେଇ ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ କନ୍ଧମାଳ ଜିଲ୍ଲାକୁ ହଜାର ହଜାର ଗାଡି ମୋଟର ଯାତାୟାତ କରୁଛି। ସ୍କୁଲ ଛାତ୍ରଛାତ୍ରୀ, ରୋଗୀ, ସାଧାରଣ ଜନତା ଏହି ରାସ୍ତାରେ ନିତ୍ୟ ଯିବା ଆସିବା କରୁଛନ୍ତି। କିନ୍ତୁ ଖାଲ ଖମା ଯୋଗୁଁ ବାଇକ୍, ଅଟୋ, କାର ଓଲଟି ପଡିବା ସହ ଲୋକେ ଆହତ ହେଉଛନ୍ତି। ବର୍ଷା ଦିନେ ପାଣି ଜମି ରହିବାରୁ ଖାଲର ଗଭୀରତା ଜଣାପଡୁନି, ଯାହା ଅଧିକ ବିପଦଜନକ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାଜ୍ୟ ସରକାର ଗାଡି ମାଲିକଙ୍କଠାରୁ ରୋଡ୍ ଟିକସ, ଟୋଲ ଟିକସ ଆଦାୟ କରୁଛନ୍ତି; କିନ୍ତୁ ରାସ୍ତା ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଛି। ଏହି ରାସ୍ତାର ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଜନସାଧାରଣ ଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଯଦି ଶୀଘ୍ର ମରାମତି ନ ହୁଏ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଲକ୍ଷ୍ମୀପ୍ରସାଦରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଜହ୍ନାପଙ୍କ,୨।୧୦(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ଗ୍ରାମର ଗ୍ରାମ୍ୟ ଶାନ୍ତି କମିଟି ପକ୍ଷରୁ କମିଟି ସଭାପତି ପ୍ରମୋଦ ମେହେରଙ୍କ ନେତୃତ୍ୱରେ ସଫେଇ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବୈଶାଖୁ ବେହେରା, ଉପସଭାପତି ନରୋତ୍ତମ ମେହେର, ସହସମ୍ପାଦକ ଲୋକନାଥ ମେହେର, କାର୍ଯ୍ୟକାରୀ ସଦସ୍ୟ ଦେବକିଶୋର ସାହୁ, ସରୋଜ ମେହେର, ଟୁନା ମେହେର, ରଂଜିତ ମେହେର, ହୃଦାନନ୍ଦ ମେହେର, ରତ୍ନାକର ମେହେର, ରଜତ ମେହେରଙ୍କ ସହ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇ ବିଭିନ୍ନ ଅଞ୍ଚଳ ସଫା କରିବା ସହ ସ୍ୱଚ୍ଛତା ପାଇଁ ଶପଥ ପାଠ କରିଥିଲେ। ସହସମ୍ପାଦକ ଲୋକନାଥ ମେହେର ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ



ଟିଟିଲାଗଡ,୨।୧୦(ସମିସ): ଟିଟିଲାଗଡ଼ସ୍ଥିତ ମହାବୀର ପଞ୍ଚାୟତ ଧର୍ମଶାଳା ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ପୌର ଅଧ୍ୟକ୍ଷା ମମତା ଦେବୀ ଜୈନ, ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ତହସିଲଦାର ଶଙ୍କର ବାଗ, ଏସଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନୀ, ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକଙ୍କ ଆବଶ୍ୟକତା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ରତ୍ନାକର ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ବିଧାୟକ ଶ୍ରୀ ଜୈନ ବରିଷ୍ଠ ନାଗରିକମାନେ ସମାଜର ମାର୍ଗଦର୍ଶକ ଓ ଅମୂଲ୍ୟ ସମ୍ପଦ ବୋଲି ଉଲ୍ଲେଖ କରିଥିଲେ। ଆଇନଜୀବୀ ସନ୍ଧ୍ୟାରାଣୀ ଥପା ବରିଷ୍ଠ ନାଗରିକଙ୍କ ସାମାଜିକ ସଶକ୍ତୀକରଣ ତଥା ସୁରକ୍ଷା ଓ ଅଧିକାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଂଶୀ ବାଦକ ରଞ୍ଜନ ପଟ୍ଟନାୟକ ନିଜ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଜଳି ବେହେରା, ଟିକେଲାଲ ବେହେରା, ଈଶ୍ୱର ଚନ୍ଦ୍ର ଜୈନ, ସେବକ ଦାସ, ଆର୍ତ୍ତତ୍ରାଣ ରଥ, ଡ. ଘନଶ୍ୟାମ ଜୈନ, ଅକ୍ଷୟ ବେହେରା ପ୍ରମୁଖଙ୍କ ସହ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ବୟୋଜ୍ୟେଷ୍ଠ ନାଗରିକ ଆବାସଠାରେ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବୟୋଜ୍ୟେଷ୍ଠ ନାଗରିକ ଆବାସର କାର୍ଯ୍ୟ ନିର୍ବାହୀ କର୍ମୀ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ସଭାପତି ପଞ୍ଚାନନ ଶାମଲ, ସମ୍ମାନୀତ ଅତିଥି ଭାବେ ସମ୍ପାଦକ ଭୁବନେଶ୍ୱର ଶାମଲ, ଡା. ସୁଧାଂଶୁ ଭୂଷଣ ମେହେର ଓ ହୃଦାନନ୍ଦ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବୟୋଜ୍ୟେଷ୍ଠ ନାଗରିକ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ନିଜ ଶରୀରର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ଚତର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ, ଠାକୁର ଭୋଇ, ରକି ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ ଅଧୀକ୍ଷକ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତୁଷୁରା ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ତୁଷୁରା,୨।୧୦(ସମିସ): ବଲାଙ୍ଗୀର ଜିଲ୍ଲା ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସି ଚେୟାରମ୍ୟାନ ଅଜୟ ଜୟଶ୍ୱାଲଙ୍କ ନେତୃତ୍ୱରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧା, ବିଧାୟକ ପ୍ରତିନିଧି ଜିତେନ୍ଦ୍ର ମହାପାତ୍ର, ଅଶୋକ ପାତ୍ର, ସୁଧାଂଶୁ ଶେଖର ପାଢ଼ୀ, ସାନିଟାରୀ ଏକ୍ସପର୍ଟ ସୌଭାଗ୍ୟ ନାଏକ, ଯନ୍ତ୍ରୀ ସଂଜୀବ ନାଏକ, ସଫେଇ ସୁପରଭାଇଜର ଶ୍ୟାମ ଚରଣ ପ୍ରଧାନ, ମାନସ ରଞ୍ଜନ ସାହୁଙ୍କ ସମେତ ସଫେଇ କର୍ମଚାରୀ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର କର୍ମଚାରୀ, ଧାନଘରା ସମ୍ଭବ କଲେଜର ଛାତ୍ରଛାତ୍ରୀ ସମଲେଇ ମନ୍ଦିର ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

## ତରଭା ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା




ତରଭା,୨।୧୦(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକା ବିଭାଗ ପକ୍ଷରୁ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତରଭା ଅଙ୍ଗନବାଡି କର୍ମୀ ପଦ୍ମାବତୀ ଅଧିକାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ଲକ୍ଷ୍ମଣ ରଣା ଏବଂ ଶିଶୁ ବାଟିକା ପ୍ରମୁଖ ହେମନ୍ତୁ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁ ବାଟିକା ପ୍ରମୁଖ ଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ଅଧିକାରୀ ଉପସ୍ଥିତ ମା'ମାନଙ୍କୁ ଶୈଶବ ଅବସ୍ଥାରେ ଶିଶୁର ଯତ୍ନ କିପରି ନିଆଯିବ, ଶିଶୁର ସ୍ୱାସ୍ଥ୍ୟ, ପୁଷ୍ଟି ଓ ସଚେତନତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ମହେନ୍ଦ୍ର ନାୟକ ଶିଶୁ ବାଟିକାରେ ଶିକ୍ଷାର ସ୍ୱରୂପ ଏବଂ ନୂତନ ପାଠ୍ୟକ୍ରମ ସମ୍ବନ୍ଧରେ ମା'ମାନଙ୍କୁ ବୁଝାଇଥିଲେ। ପର୍ଯ୍ୟାୟକ୍ରମେ ଶିକ୍ଷୟିତ୍ରୀ ସୁନୀତା ମାହାଣା, ନୀଳାଞ୍ଜଳି ପାଢୀ ଏବଂ ଆଚାର୍ଯ୍ୟ ହେମନ୍ତୁ ଗୁରୁଜୀ ଶୈକ୍ଷିକ କଳାଂଶ ପରିବେଷଣ କରିଥିଲେ। ସୁନୀତା ଗୁରୁମା ମା'ମାନଙ୍କୁ ନେଇ ବିଭିନ୍ନ ଖେଳ ଓ ଶାରୀରିକ କାର୍ଯ୍ୟକଳାପ କରାଇଥିଲେ। ଶେଷରେ ସଭାପତି ଲକ୍ଷ୍ମଣ ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅହିଂସା ଓ ସତ୍ୟର ପୂଜାରୀଙ୍କ ଜୟନ୍ତୀ








ତରଭା,୨।୧୦(ସମିସ):

ସୁବର୍ଣ୍ଣପୁରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଭୋର ୪ଟା ୩୦ରେ ସମଗ୍ର ସହରରେ ରାମଧୁନ୍ ପରିବେଷଣ କରାଯାଇଥିଲା।ସକାଳ ୮ଟା ୩୦ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ନିକଟସ୍ଥ ଦାଣ୍ଡୀ ଯାତ୍ରା ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଡିଭିଜନାଲ୍ ଫରେଷ୍ଟ ଅଫିସର ବିଶ୍ୱଜିତ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନଙ୍କ ସମେତ ଡିଆଇପିଆରଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସକାଳ ୧୦ଟା ୩୦ରେ ସଂସ୍କୃତି ଭବନଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିମାନେ ଯୋଗଦେଇ ନିଜ ନିଜ ଧର୍ମଗ୍ରନ୍ଥ ପାଠ କରିଥିଲେ। ସଭା ପୂର୍ବରୁ କଣ୍ଠଶିଳ୍ପୀ ପୁଷ୍ପକ ରାୟ "ରଘୁପତି ରାଘବ ରାଜା ରାମ' ଭଜନ ପରିବେଷଣ କରିଥିଲେ। ସର୍ବଧର୍ମ ପ୍ରାର୍ଥନା ସଭାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାଶ, ସୋନପୁର ଉପଜିଲ୍ଲାପାଳ ଡା. ସୌମ୍ୟରୂପା ରଥ, ମୁଖ୍ୟ ବକ୍ତା ସୌରଭ ରଞ୍ଜନ ଖମାରୀଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସମଗ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ତରଭା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଭାରତ ରତ୍ନ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ସ୍ଥାନୀୟ ଏନଏସି ପାଠାଗାରରେ ପାଳନ କରାଯାଇଛି। ସଂଘର ଅଧ୍ୟକ୍ଷ ଦେବେନ୍ଦ୍ର ବିଜୟ ସାହୁ ସଭାପତିତ୍ୱ କରିଥିଲେ। ଅକ୍ଷୟ ବାଘ, ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, କାର୍ଯକାରୀ ସଭାପତି ସାମ୍ବାଦିକ ଅଶୋକ ସାହୁ, ସୁବାଷଚନ୍ଦ୍ର ସେଠୀ, ସୁରେନ୍ଦ୍ର ଜେନା, କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ତରଭା ଏଫଆରସିସି ଠାରେ ଅଧ୍ୟକ୍ଷ ଶୈଳେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ମହାତ୍ମା ଗାନ୍ଧୀ ଓ ଭାରତ ରତ୍ନ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଛି। କବି ବନବାସ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ସତ୍ୟ ଓ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଜୟ ଜୱାନ ଓ ଜୟ କିଷାନର ନାରା ଦେଇ ସମସ୍ତ ଭାରତୀୟଙ୍କୁ ଉଦବୁଦ୍ଧ କରିଥିବା ପ୍ରଧାନମନ୍ତ୍ରୀ ଲାଲବହାଦୁର ଶାସ୍ତ୍ରୀଙ୍କ ଜୀବନକୁ ନେଇ ଏକ ସାରଗର୍ଭକ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଦେବେନ୍ଦ୍ର ବିଜୟ ସାହୁ, ହୀରଣ୍ମୟ ପଟ୍ଟନାୟକ, ପ୍ରଦୀପ ମାହାଣା, ନାରାୟଣ ମେହେର, ଅକ୍ଷୟ ବାଘ, ପ୍ରବୀର ସାହୁ, ରବୀନ୍ଦ୍ର ଠାକୁର ପ୍ରମୁଖ ଯୋଗ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ରୁହନ୍ତୁ। ଧୈର୍ଯ୍ୟର ସହ କାମ କରନ୍ତୁ। ସନ୍ତାନଙ୍କ ସହ ମଜାମସ୍ତିରେ ଦିନ ବିତିବ।

**ବୃଷ:** ଅଟକି ରହିଥିବା କାମକୁ ପୂରା କରିବେ। କର୍ମକ୍ଷେତ୍ରରେ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦିଅନ୍ତୁ। ପରିଶ୍ରମର ଫଳ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମିଥୁନ:** ପୁରୁଣା ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀମାନେ ପଢ଼ାରେ ଭଲ ପ୍ରଦର୍ଶନ କରିବେ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଧୈର୍ଯ୍ୟର ସହ କାମ କରନ୍ତୁ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ବପିଢ଼ିଙ୍କ ପାଇଁ ସମୟ ଅନୁକୂଳ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଗୁରୁଜନଙ୍କ କଥା ମାନି ଚଳନ୍ତୁ। ଅଭିଭାବକ ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବେ। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ଥକ୍କାପଣ ଅନୁଭବ କରିପାରନ୍ତି। ଉଧାର ଦେଇପାରନ୍ତି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଶତ୍ରୁଠାରୁ ଦୂରେଇ ରୁହନ୍ତୁ।

**ମକର:** ମହିଳା ସହକର୍ମୀଙ୍କ ସହଯୋଗ ମିଳିବ। ଚିନ୍ତା କରି ସେୟାର ମାର୍କେଟରେ ଟଙ୍କା ଲଗାନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ।

**ମୀନ:** ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟପାରରେ ଦିନଟି ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ହେବ। ସାବଧାନତା ସହିତ କାର୍ଯ୍ୟ କରନ୍ତୁ।

## ଆଜିର ଇତିହାସ

- ୧୮୬୩- ଆମେରିକାର ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ 'ଥ୍ୟାଙ୍କସ୍ ଗିଭିଂ ଡେ' ପାଳନ ପାଇଁ ଘୋଷଣା କଲେ।
- ୧୯୭୮ - କଲିକତାରେ ବିଶ୍ୱର ଦ୍ୱିତୀୟ ଟେଷ୍ଟ ଟ୍ୟୁବ୍ ବେବି ଜନ୍ମ ନେଲା।
- ୧୯୯୬- ପାକିସ୍ତାନୀ କ୍ରିକେଟର୍ ସାହିଦ ଆଫ୍ରିଦି ୩୭ଟି ବଲ୍‌ରେ ଶତକ କରି ଇତିହାସ ରଚିଲେ।
- ୨୦୦୮ - ଟାଟା ମୋଟର୍ସର ଚେୟାରମ୍ୟାନ୍ ରତନ୍ ଟାଟା ସିଙ୍ଗୁର୍‌ରୁ ନାନୋ କାର୍ ପରିଯୋଜନାକୁ ଅନ୍ୟତ୍ର ନେବା ପାଇଁ ଘୋଷଣା କଲେ।

# ଘୁଞ୍ଚିପାରେ 'ଶକ୍ତି ଶାଳିନୀ'ର ରିଲିଜ୍

ବଲିଉଡ୍‌ର ଚର୍ଚ୍ଚିତ ହରର୍-କମେଡି ୟୁନିଭର୍ସ 'ମ୍ୟାଡକକ୍ ହରର୍ କମେଡି ୟୁନିଭର୍ସ' ବର୍ତ୍ତମାନ ଏକ ନୂଆ ମୋଡ଼ରେ ପହଞ୍ଚିଛି। 'ସ୍ତ୍ରୀ', 'ଭେଡ଼ିଆ' ଏବଂ 'ମୁଞ୍ଜ୍ୟା'ର ବଡ଼ ସଫଳତା ପରେ, ପ୍ରଶଂସକମାନେ ଏହି ସିରିଜ୍‌ର ଷଷ୍ଠ ଫିଲ୍ମ 'ଶକ୍ତି ଶାଳିନୀ'କୁ ଅପେକ୍ଷା କରିଛନ୍ତି। 'ସୈୟାରା' ଫେମ୍ ଅନୀତ ପଡ୍ଡା ଏବଂ ଅଭିନେତା ବିଶାଳ ଜେଠୱାଙ୍କ ଅଭିନୀତ ଏହି ଫିଲ୍ମକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। 'ଶକ୍ତି ଶାଳିନୀ' ଆସନ୍ତା ୨୪ ଡିସେମ୍ବରରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ହେଲେ ଏହି ସମୟରେ ବଲିଉଡ୍ ବାଦଶାହା ଶାହାରୁଖ ଖାନ୍‌ଙ୍କ ବହୁପ୍ରତୀକ୍ଷିତ ଆକ୍ସନ୍ ଫିଲ୍ମ 'କିଙ୍ଗ୍' ମଧ୍ୟ ରିଲିଜ୍ ହେବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ଦୁଇଟି ଯାକ ସିନେମା ଏକାସାଙ୍ଗେ ରିଲିଜ୍ ହେଲେ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସେଥିପାଇଁ ସୋସିଆଲ ମିଡିଆରେ ଗୁଜବ ଉଠୁଛି ଯେ, ଫିଲ୍ମ ନିର୍ମାତା ବକ୍ସ ଅଫିସ୍ ଲଢ଼େଇରୁ ବଞ୍ଚିବା ପାଇଁ 'ଶକ୍ତି ଶାଳିନୀ'ର ରିଲିଜ୍ ଡେଟ୍ ଆଗକୁ ଘୁଞ୍ଚାଇ ପାରନ୍ତି। ଚର୍ଚ୍ଚା ହେଉଛି କି, ଏହା ୨୦୨୭ ଜାନୁଆରୀ ପ୍ରଥମ ଭାଗରେ ମୁକ୍ତିଲାଭ କରିପାରେ। ନିକଟରେ ଏକ ସାକ୍ଷାତକାର ସମୟରେ ବିଶାଳଙ୍କୁ ଫିଲ୍ମର ରିଲିଜ୍ ଡେଟ୍ ଘୁଞ୍ଚିବା ନେଇ ପ୍ରଶ୍ନ କରାଯିବାରୁ ସେ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ନ ଥିଲେ। ବିଶାଳ କହିଥିଲେ,, "ମୁଁ ମଧ୍ୟ ଏହି ଗୁଜବ ବିଷୟରେ ଶୁଣିଛି।" ତାଙ୍କର ଏଭଳି ମନ୍ତବ୍ୟ ପ୍ରଶଂସକ ଏବଂ ଚଳଚ୍ଚିତ୍ର ସମୀକ୍ଷକଙ୍କ ସନ୍ଦେହକୁ ଆହୁରି ଦ୍ୱିଗୁଣିତ କରିଦେଇଛି। ତେବେ ପ୍ରଯୋଜନା ସଂସ୍ଥା କିମ୍ବା ନିର୍ମାତାଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ଭାବେ କୌଣସି ସୂଚନା ମିଳିନାହିଁ। ବିଶାଳ ଓ ଅନୀତ ଏହାପୂର୍ବରୁ ୨୦୨୨ର ଫିଲ୍ମ 'ସଲାମ ଭେଙ୍କି'ରେ ଏକାଠି କାମ କରିଥିଲେ। ସେଥିପାଇଁ ପରଦାରେ ସେମାନଙ୍କର କେମିଷ୍ଟ୍ରି ଦେଖିବାକୁ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। କିଙ୍ଗ୍ ଖାନଙ୍କ ଭଳି ମେଗାଷ୍ଟାର୍‌ଙ୍କ ସହ ସିଧାସଳଖ ମୁହାଁମୁହିଁ ହେବା ବଦଳରେ ରିଲିଜ୍ ତାରିଖକୁ ଘୁଞ୍ଚାଇ ଦେବା ଏକ ବୁଦ୍ଧିମାନର ନିଷ୍ପତ୍ତି ହୋଇପାରେ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ତେବେ 'ଶକ୍ତି ଶାଳିନୀ' ନିଜ ନିର୍ଦ୍ଧାରିତ ସମୟରେ ଆସୁଛି ନା ନୂଆ ବର୍ଷର ନୂଆ ଉପହାର ସାଜି ଆସିବ ତାହା ଦେଖିବାକୁ ବାକି ରହିଲା।



# ପଢ଼ିଲେ ଟଙ୍କା



ସୋସିଆଲ ମିଡିଆ ଯୁଗରେ ଅଧିକାଂଶ ଲୋକ ବହି ପଢ଼ା ଅଭ୍ୟାସକୁ ବିଦାୟ ଦେଇସାରିଛନ୍ତି। ହେଲେ ସିଙ୍ଗାପୁର ସରକାର ଲୋକଙ୍କୁ ମୋବାଇଲ୍ ସ୍କ୍ରିନ୍‌ଠାରୁ ଦୂରେଇ ରଖିବା ଏବଂ ବହି ପଢ଼ିବା ଅଭ୍ୟାସକୁ ବଢ଼ାଇବା ପାଇଁ ଏକ ନୂତନ ଜାତୀୟ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଯେଉଁମାନେ ବହି ପଢୁଛନ୍ତି, ସେମାନଙ୍କୁ କିଛି ଆକର୍ଷଣୀୟ ଉପହାର ବା ଆର୍ଥିକ ପ୍ରୋତ୍ସାହନ ମିଳୁଛି। ଏହା ପଛର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ବହିପଢ଼ା ପ୍ରତି ଉତ୍ସାହିତ କରିବା। ଏହି ଅଭିଯାନର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଏହାର ଶୈଳୀ। ସରକାର ପାଠପଢ଼ାକୁ ଏକ ମୋବାଇଲ୍ ଗେମ୍ ଭଳି ମଜାଦାର କରିଦେଇଛନ୍ତି। ଏଥିପାଇଁ ସିଙ୍ଗାପୁରର ନାଗରିକମାନଙ୍କୁ ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ କୌଣସି ବହି କିମ୍ବା ଦୀର୍ଘ ପ୍ରବନ୍ଧ ପଢ଼ିବାକୁ ପଡୁଛି। ପଢ଼ିସାରିବା ପରେ ସେମାନେ ସରକାରଙ୍କ ସ୍ୱତନ୍ତ୍ର ପ୍ଲାଟଫର୍ମ 'କ୍ରାଉଡ୍‌ଟାସ୍କଏସ୍‌ଜି' ୱେବସାଇଟ୍‌ରେ ନିଜର ପଠନ ସମୟକୁ ଉଲ୍ଲେଖ କରିଥାନ୍ତି। ପ୍ରତିଦିନ ବହି ପଢ଼ିବା ଦ୍ୱାରା ସେମାନଙ୍କୁ ୨୦ଟି ଭର୍ଚୁଆଲ୍ କଏନ୍ ମିଳିଥାଏ। ଯେତେବେଳେ ଏହି କଏନ୍ ସଂଖ୍ୟା ୧,୦୦୦ରେ ପହଞ୍ଚିଯିବ, ପାଠକଙ୍କୁ ଏଥିପାଇଁ ୧ ସିଙ୍ଗାପୁର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୫ଟଙ୍କା ମିଳିବ। କେବଳ ସେତିକି ନୁହେଁ, ଏହି ଚ୍ୟାଲେଞ୍ଜ୍‌ରେ 'ରିଡିଂ ଷ୍ଟ୍ରିକ୍ସ' ଏବଂ ବ୍ରୋଞ୍ଜ୍, ସିଲଭର ଭଳି ବିଭିନ୍ନ ସ୍ତର ମଧ୍ୟ ରହିଛି, ଯାହା ଲୋକଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି କରୁଛି। ଏହି ଅଭିଯାନକୁ ଏଭଳି ଏକ ସମୟରେ ଆରମ୍ଭ କରାଯାଇଛି, ଯେତେବେଳେ ଲୋକଙ୍କର ଏକାଗ୍ରତା ସମୟ ବହୁତ କମିଯାଇଛି। ଏହାର ମୁଖ୍ୟ କାରଣ ହେଉଛି ସର୍ଟ-ଫର୍ମ ଭିଡିଓ ଯାହାକୁ ଲୋକମାନେ ମାତ୍ର କିଛି ସେକେଣ୍ଡ ଦେଖନ୍ତି ଏବଂ ତା'ପରେ ବିରକ୍ତ ହୋଇ ଆଗକୁ ସ୍କ୍ରୋଲ୍ କରିଦିଅନ୍ତି। ଏହାର ପ୍ରଭାବ ସେମାନଙ୍କ ମସ୍ତିଷ୍କ ଉପରେ ପଡୁଛି ଏବଂ ସେମାନଙ୍କ ମନ ପଢ଼ିବା, ଖାଇବା, ବାହାରକୁ ଯିବା, କଥାବାର୍ତ୍ତା କରିବା ଏବଂ ଏପରିକି କାମ କରିବାରେ ମଧ୍ୟ ଲାଗିପାରୁ ନାହିଁ। ଏଭଳି ପରିସ୍ଥିତିରେ ଦେଖିବାକୁ ବାକି ରହିଲା ଯେ, ଏହି ସମସ୍ୟାର ମୁକାବିଲା କରିବାରେ ଏହି ଅଭିଯାନ କେତେଦୂର ସଫଳ ହେଉଛି। ଅପରପକ୍ଷରେ ୟୁରୋପର କିଛି ଦେଶ ପୂର୍ବରୁ ବହି କିଣିବା ପାଇଁ ଭାଉଚର ଦେଉଥିବା ବେଳେ, ସିଙ୍ଗାପୁରର ଏହି 'ପଢ଼ିଲେ ଟଙ୍କା' ଯୋଜନା ସାରା ବିଶ୍ୱରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ପାଣି ଉପରେ ଜୀବନ

ମାଟିର ସ୍ପର୍ଶ ବିନା କେବଳ ପାଣି ଉପରେ ଏକ ସମ୍ପୂର୍ଣ୍ଣ ଗାଁ ବସିପାରେ ଏହାଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ଏମିତି ଏକ ଅଦ୍ଭୁତ ଗାଁ ରହିଛି ଦକ୍ଷିଣ ଥାଇଲ୍ୟାଣ୍ଡରେ। ଗାଁଟିର ନାଁ 'କୋ ପନ୍ୟାଇ'। ପ୍ରାୟ ୨୦୦ ବର୍ଷ ପୂର୍ବେ ଇଣ୍ଡୋନେସିଆରୁ ମାଛ ଧରିବାକୁ ବାହାରିଥିବା ତିନୋଟି ମତ୍ସ୍ୟଜୀବୀ ପରିବାର ଏହି ସ୍ଥାନରେ ପହଞ୍ଚିଥିଲେ। ସେ ସମୟର ଆଇନ ଅନୁଯାୟୀ, ଅଣ-ଥାଇ ନାଗରିକମାନଙ୍କୁ ଥାଇଲ୍ୟାଣ୍ଡରେ ଜମି କିଣିବାକୁ ଅନୁମତି ନ ଥିଲା। ହେଲେ ପେଟର ବିକଳ ଓ ବଞ୍ଚିବାର ଜିଦ୍ ଆଗରେ ହାର୍ ମାନିଥିଲା ସବୁ ପ୍ରତିବନ୍ଧକ। ମତ୍ସ୍ୟଜୀବୀମାନେ ଫାଙ୍ଗ ଗା ଉପସାଗରର ଏହି ଶାନ୍ତ ପାଣିକୁ ନିଜର ନୂଆ ଠିକଣା ଭାବେ ବାଛିନେଲେ। ମାଟି ଉପରେ ଘର ନ କରି ସେମାନେ ପାଣି ଭିତରେ ଶକ୍ତ ଖମ୍ବ ପୋତି ନିଜ ପାଇଁ କାଠର ଆଶ୍ରୟସ୍ଥଳୀ ତିଆରି କଲେ। ଆଜି କୋ ପନ୍ୟାଇ କେବଳ ୩ଟି ପରିବାରର କୁଡ଼ିଆ ହୋଇ ରହିନାହିଁ, ବରଂ ଏହା ୩୦୦ରୁ ଅଧିକ ପରିବାର ଏବଂ ପ୍ରାୟ ୧,୬୦୦ରୁ ଅଧିକ ଲୋକଙ୍କୁ ନେଇ ଏକ ସମୃଦ୍ଧ ଗାଁ। ସମୁଦ୍ର ଭିତରେ ପୋତାଯାଇଥିବା ହଜାର ହଜାର ମଜବୁତ ପିଲାର୍ ଉପରେ ଏହି ସମ୍ପୂର୍ଣ୍ଣ ଗାଁ ଠିଆ ହୋଇଛି। ଏଠାରେ କେବଳ ଘର ନାହିଁ, ବରଂ ଏକ ସାଧାରଣ ଗାଁ ଭଳି ଦୋକାନ ବଜାର, ଏକ ମସଜିଦ୍, ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍କୁଲ ରହିଛି। ଏହି ଗାଁର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର ଭାସମାନ ଫୁଟବଲ ପଡ଼ିଆ। ଗାଁର ଛୋଟ ପିଲାମାନେ ଫୁଟବଲ ଖେଳିବା ପାଇଁ କାଠ ଏବଂ ଭେଳା ସାହାଯ୍ୟରେ ପାଣି ଉପରେ ଏହି ପଡ଼ିଆଟି ତିଆରି କରିଥିଲେ, ଯାହା ଆଜି ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ। ଗାଁର ଗୋଟିଏ ଘରୁ ଅନ୍ୟ ଘରକୁ ଯିବା ପାଇଁ କାଠର ସଂକୀର୍ଣ୍ଣ ପୋଲ ତିଆରି ହୋଇଛି। ଏଠାକାର ଲୋକମାନଙ୍କର ମୁଖ୍ୟ ଜୀବିକା ହେଉଛି ମାଛ ଧରିବା। ପୁରୁଷମାନେ ସକାଳୁ ସମୁଦ୍ରକୁ ଯାଆନ୍ତି ଏବଂ ମାଛ ଧରି ନିଜ ଗୁଜୁରାଣ ମେଣ୍ଟାନ୍ତି। ତେବେ ସମୟ ବଦଳିବା ସହ ଏହି ଅଦ୍ଭୁତ ଗାଁ ବିଷୟରେ ଦୁନିଆ ଜାଣିବାକୁ ପାଇଲା। ଏବେ ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପାଲଟିଛି। ଦୁନିଆର କୋଣଅନୁକୋଣରୁ ପର୍ଯ୍ୟଟକମାନେ ଏଠାକୁ ଏହି ଭାସମାନ ଜୀବନଶୈଳୀକୁ ଦେଖିବାକୁ ଆସନ୍ତି। ଗାଁର ଲୋକମାନେ ଏବେ ପର୍ଯ୍ୟଟକମାନଙ୍କ ପାଇଁ ସାମୁଦ୍ରିକ ଖାଦ୍ୟ ରେଷ୍ଟୁରାଣ୍ଟ ଏବଂ ହସ୍ତତନ୍ତ ସାମଗ୍ରୀର ଦୋକାନ ମଧ୍ୟ ଖୋଲିଛନ୍ତି। ମାଟିଠାରୁ ଦୂରରେ, ପାଣି ଉପରେ ଭାସମାନ ଏହି ଗାଁ ସତରେ ଆଶ୍ଚର୍ଯ୍ୟଜନକ ଏବଂ ଅନନ୍ୟ।

## ପ୍ରହେଳିକା

- ଓସାଟିଏ ଆସେ ଭୋଦୁଅ ଅନ୍ତେ
ପର୍ବପର୍ବାଣିରେ ସମୟ ବିତେ
ସ୍ୱର୍ଗରୁ ଆସନ୍ତି ସିଂହବାହିନୀ
ଆଶିଷ ଢାଳନ୍ତି ସାଜି ଜନନୀ
ଶୁକ୍ଳ ପକ୍ଷ ତା'ର ଭାରି ପବିତ୍ର
ନଅଦିନ ଧରି ପାଳନ୍ତି ସରବେ
କୁହ'ତ ସେ ମାସ ନାମଟି ମିତ।

ଉତ୍ତର-ଆଶ୍ୱିନ ମାସ

- ମୂଳାଷ୍ଟମୀ ବ୍ରତ ପର ଦିନରେ
ତିଅଣଟେ ବନେ ସଭିଙ୍କ ଘରେ
ନାନା ଜାତି ପନିପରିବା କାଟି
ରାନ୍ଧନ୍ତି ତାହାକୁ ଯତନେ ଅତି
ସୁଆଦରେ ଅନୁପମ
ଗଜାମୁଗ, ବୁଟ, ମଟର ପଡ଼ଇ
କୁହ'ତ ତାହାର ନାମ।

ଉତ୍ତର-ଦୂତୀୟା ଘାଣ୍ଟ

- ଶରତ କାଳରେ ସେ ଫୁଲ ଫୁଟେ
ସୂରୁଜ ଉଇଁଲେ ଧରାରେ ଲୋଟେ
ସଞ୍ଜ ନଇଁଗଲେ ସିଏ ଫୁଟଇ
ଆଖପାଖେ ତା'ର ବାସ ଛୁଟଇ
ଧଳା ପାଖୁଡା ତା'ନାରଙ୍ଗୀ ବୃନ୍ତ
କୁହ ତ ସେ ଫୁଲ ନାମଟି ମିତ।

ଉତ୍ତର-ଗଙ୍ଗଶିଉଳି



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

## ଗାନ୍ଧୀ ମହାତ୍ମା





ସୁଜିତ କୁମାର ମିଶ୍ର

ଅଣ୍ଟାରେ ଘଡ଼ି ହାତରେ ବାଡ଼ି
ଥିଲା ତାଙ୍କର ଭେକ,
ଖଦଡ଼ ପିନ୍ଧା ବେଶଭୂଷାରେ
ରଖିଲେ ଦେଶ ଟେକ ।
ଅହିଂସା ବଳେ ଗୋରାଜାତିକୁ
ଚଖାଇଥିଲେ ପାନେ,
ଅସହଯୋଗ କରିବା ପାଇଁ
ପଣ କରିଲେ ମନେ ।
ବନ୍ଧୁକ ଗୁଳି ଲାଠି ମାଡ଼ରେ
ହେଲେନି ବିଚଳିତ,
ଅନଶନ ଓ ସତ୍ୟାଗ୍ରହରେ
ଆଣିଲେ ମୁକ୍ତିପଥ ।
ଡାକ ଦେଲେ ସେ କର ବା ମର
ଭାରତ ଛାଡ଼ି ଯାଅ,
ଗିରଫ ହେଲେ ତୁଣ୍ଡ ଖୋଲିକି
ନ ଥିଲା ମନେ ଭୟ ।
ଏକାଠି କଲେ ଏକତା ମନ୍ତ୍ରେ
ଦେଶର ଜନତାଙ୍କୁ,
ବାହୁଡ଼ି ଗଲେ ବିଦେଶୀ ସବୁ
ଦେଖି ସେ ବୀରତ୍ୱକୁ ।
ସତ୍ୟ ଅହିଂସା ପଥରେ ଯାଇ
ଆଣିଲେ ସ୍ୱାଧୀନତା,
ଦେଶଭକ୍ତିରେ ବୁଣିଲେ ହୃଦେ
ଅମର ପ୍ରୀତି ଗାଥା ।
ଜାଣିଛ ପିଲେ ସେଥିଲେ କିଏ
କରିଲେ ଏତେ କାମ,
ସେ ପରା ଥିଲେ ଜାତିର ପିତା
ଗାନ୍ଧୀ ମହାତ୍ମା ଆମ । ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର

## ଚଢ଼େଇଟିଏ



ଭୁବନାନନ୍ଦ ପାଣିଗ୍ରାହୀ

ଚଢ଼େଇଟିଏ ମୁଁ ଚଢ଼େଇଟିଏ
ନୀଳ ଆକାଶର ଚଢ଼େଇଟିଏ
ଟିକି ଟିକି ଡେଣା ଝାଡ଼ି ମୁଁ ଦିଏ
ମନ ମୋର ଯେବେ ଯୁଆଡ଼େ ହୁଏ ।
ଟାଣୁଆ ଖରା ତାତିକୁ ଜମା
ଖାତିର କେବେ କରେନି ମୁହିଁ
ଉଡ଼ି ଉଡ଼ି ଯାଏ ବହୁତ ଦୂର
ଆକାଶର ଧଳା ବଉଦ ଛୁଇଁ ।
ଘୂରି ଘୂରି ବୁଲେ ପାହାଡ଼ ବଣ
ଟିକି ଝରଣାର ପାଣି ମୁଁ ପିଏ
ସୁଲୁ ସୁଲୁ ଯେବେ ପବନ ବହେ
ମିଠା ମିଠା ସୁରେ ଗୀତଟେ ଗାଏ।
ଜାତି ଜାତି ଫଳ ଖୋଜି ମୁଁ ଖାଏ
ଟିକି ଥଣ୍ଟିରେ ସୁଆଦ ଚାଖି
ଭାବିଲ ଥରେ, କହିଲ ଦେଖି
ମୋ' ଠାରୁ କିଏ ସେ ଅଛିରେ ସୁଖୀ ?
ସୂରୁଜ ବୁଡ଼ିଲେ ନଇଁଲେ ସଞ୍ଜ
ଥିଇରି ଥିଇରି ଗଡ଼ିଲେ ବେଳ
ଟିକି ଡେଣା ଝାଡ଼ି ଫେରି ମୁଁ ଯାଏ
ଉଚ୍ଚ ବରଗଛ ବସାକୁ ମୋର । ■

ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା

# ସୁମନ





## ଚାରି ଚୋର



ଅର୍ଜୁନ ଦାସ

ଥରେ ଚାରିଜଣ ଚୋର ଚିନ୍ତାକଲେ, ଆମେ ତ ଜୀବନରେ ବହୁ ଲୋକଙ୍କ ଜୀବନ ନଷ୍ଟ କରିଛେ। ସେମାନେ ଦିନରାତି ପରିଶ୍ରମ କରି ଧନ ସଞ୍ଚୟ କରୁଛନ୍ତି, କିନ୍ତୁ ଆମେ କିଛି କ୍ଷଣ ମଧ୍ୟରେ ତାକୁ ଲୁଟି ନଉଛେ। ସେମାନେ ଆମକୁ ଅଭିଶାପ ଦେଉଥିବେ ନିଶ୍ଚୟ,ତେଣୁ ଆଜିଠାରୁ ଆମେ ଭଲବାଟରେ ଯିବା। ସେଥିପାଇଁ ସେମାନେ ପାଖରେ ଥିବା ଆଶ୍ରମରେ ସାଧୁଙ୍କୁ ଭେଟିବାକୁ ସ୍ଥିର କଲେ। ସାଧୁଙ୍କ ପାଖକୁ ଯାଇ ଚୋରମାନେ କହିଲେ , "ପ୍ରଭୁ ଆମକୁ କ୍ଷମା କର, ଆମେ ଜୀବନରେ ବହୁତ ପାପ କଲୁଣି , ଆପଣଙ୍କ ଶରଣରେ ପଶିଲୁ। ଆମେ ଆଜି ଠାରୁ ଭଲ ବାଟରେ ଯିବା ନିମନ୍ତେ ଦୃଢ଼ ସଂକଳ୍ପ ନେଉଛୁ।" ସାଧୁ ଚୋରମାନଙ୍କ କଥା ଶୁଣି କହିଲେ , "ଏ ମାର୍ଗଟି ଏତେ ସହଜ ନୁହେଁ, ଏଥିପାଇଁ ବହୁ କଷ୍ଟ କରିବାକୁ ପଡିବ। ନିଷ୍ଠାପର ଭାବରେ ଯଦି ତୁମେ ଏଥିରେ ମନୋନିବେଶ କରିବ ତେବେ ସଠିକ୍ ମାର୍ଗରେ ପହଞ୍ଚିପାରିବ।" ସାଧୁଙ୍କ କଥାରେ ସେମାନେ ସହମତି ଜଣାଇଲେ । ସାଧୁ ସଂଧ୍ୟାରେ ସେମାନଙ୍କୁ ଫେରିଆସିବା ପାଇଁ ଆଦେଶ ଦେଲେ। ଗାଁ ଗାଁ ବୁଲି ଭିକ୍ଷା ମାଗିବା ବେଳେ ସେମାନେ ଦେଖିଲେ, ଜଣେ ସାହୁକାର ଅଜସ୍ର ଧନର ଅଧିକାରୀ। ସୁନା, ହୀରା, ମୋତିର ବିରାଟ ବିରାଟ ମାଳା ସେ ପକାଇଛନ୍ତି । ଏହା ଦେଖି ଜଣେ ଚୋର କହିଲା , "ଭାଇ ଦେଖୁଛ ତ କେତେ ଧନ। ଆମେ ଯଦି ଗୁରୁଦେବଙ୍କ କଥା ମାନି ଚଳିବା ଏ ଧନ ସମ୍ପତ୍ତି ସବୁ କଣ ହେବ? ଆଜି ରାତିରେ ଆସି ସବୁ ଲୁଟିନେବା। " କଥାରେ ଅଛି ମଣିଷ କ'ଣ ସତରେ ତାର ପକୃତି ସହଜେ ଛାଡ଼ି ପାରେ। ଚୋର ମନ ଧନ ଦେଖିଲେ ବା କିପରି ସମ୍ଭାଳିବେ। ସାଧୁଙ୍କ ପାଖରେ କରିଥିବା ଶପଥକୁ ସେମାନେ ଭୁଲି ପୁଣି ନିଜ ପୁରୁଣା ବାଟକୁ ଫେରିବାକୁ ମନସ୍ଥ କଲେ। ଦିନରେ ସାଧୁ ହୋଇ ଭିକ୍ଷା କରିବେ ରାତିରେ ଚୋରି। ସଂଧ୍ୟାରେ ସେମାନେ ଆଶ୍ରମକୁ ଫେରିଆସିଲେ। ଗୁରୁଦେବଙ୍କ ସହ ମିଶି ସତ୍‌ସଙ୍ଗ କଲେ। ନିତ୍ୟ ଆଳତି, ପ୍ରାର୍ଥନା , ଭଜନ ଓ ଭଗବାନଙ୍କ ନାମଗାନରେ ମଜି ରହିଲେ। ଭଜନ ସରିବା ପରେ ଗୁରୁଦେବଙ୍କୁ ପ୍ରଣାମ କରି ଶୋଇପଡ଼ିଲେ। ପରସ୍ପର ମଧ୍ୟରେ କଥା ହେଲେ ଜଲଦି ଶୋଇ ପଡ଼ିଲେ ରାତି ଅଧକୁ ସାହୁକାର ଘରକୁ ଯିବା। ନିଦ ଭାଙ୍ଗିଲା ବେଳକୁ ସକାଳ। ମନେ ମନେ ଚିନ୍ତାକଲେ ଆରେ ଆରେ ଆମେ ତ ଆଜି ସଫଳ ହୋଇପାରିଲେ ନାହିଁ। ହଉ ଦେଖିବା କାଲିକି। ଏମିତି ଦିନ ପରେ ଦିନ ଗଡ଼ିଗଲା। ବହୁଥର ଚେଷ୍ଟାକରି ବି ସେମାନେ ବିଫଳ ହେଲେ। ବାରମ୍ବାର ବିଫଳ ହେବାପରେ ଚାରିଜଣ ଚୋର ଯାଇ ସାଧୁଙ୍କ ପାଦ ତଳେ ପଡ଼ିଗଲେ। ଗୁରୁଦେବ ଆମର ଭୁଲ ହୋଇଯାଇଛି। ଆମକୁ କ୍ଷମା କରନ୍ତୁ। ଆମେ ଏହା ଚିନ୍ତା କରି ଏଠାକୁ ଆସିଥିଲୁ ଯେ , ଦିନରେ ସାଧୁ ବେଶରେ ବୁଲିକି ରାତିରେ ଚୋରି କରିବୁ ହେଲେ ସଫଳ ହେଲୁନାହିଁ। ଏବେ କିନ୍ତୁ ମନେ ଏଥି ନିମନ୍ତେ ବହୁ ପଶ୍ଚାତାପ କରୁଛୁ। ଆମକୁ ବାଟ ଦେଖାନ୍ତୁ ଗୁରୁଦେବ। ସାଧୁ ହସିହସି କହିଲେ , "ମୁଁ ପ୍ରଥମ ଦିନରୁ ଏପରି ତୁମ ମନରେ ଅଛି ବୋଲି ଜାଣିଥିଲି। ହେଲେ ମନରେ ଆଶାଥିଲା ଯିଏ ଭଗବାନଙ୍କ ଶରଣରେ ଆସିବ ଭଗବାନ କେବେ ତାକୁ ଖରାପ କାମରେ ଲଗାଇବେ ନାହିଁ। ତୁମେମାନେ ଯେଉଁ ଭଜନ ନାମ, ଜପ କରୁଥିଲ। ସବୁ ତାହାରି ପ୍ରଭାବ , ଯେଉଁଥିପାଇଁ ତୁମେ ଖରାପ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରି ବି ପାରିଲ ନାହିଁ।" ■

ମାଧବ ,ନିଆଳି,କଟକ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।





ସାଗର ପ୍ରଧାନ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ନାଥପୁର, ଭୁବନେଶ୍ୱର





ସୃଷ୍ଟି ସଂସ୍କୃତି
ତୃତୀୟ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା





ଆର୍ଯ୍ୟା ଯାଦବ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





ଆୟୁଷ୍ମାନ ସାହୁ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ ସ୍କୁଲ
ପୁରୀ

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ଗୋଟିଏ ଦିନରେ ୬ ସ୍ୱର୍ଣ୍ଣ ଜିତିଲା ଭାରତ

ଟୋକିଓ,୨।୧୦(ଏଜେନ୍ସି)

ଶେଷରେ ଭାରତୀୟ ଆଥଲେଟ ଏଠାରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସରେ କିଛିଟା ଦମ୍ ଦେଖାଇଛନ୍ତି। ପ୍ରତିଯୋଗିତା ଶେଷ ହେବାକୁ ଆଉ ଗୋଟିଏ ଦିନ ବାକିଥିଲାବେଳେ ଭାରତ ଆଜି ବା ଶୁକ୍ରବାର ଗୋଟିଏ ଦିନରେ ୬ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଦଳ ବକ୍ସିଂରେ ୩ଟି, ମହିଳା ତୀରନ୍ଦାଜୀ, ରେସଲିଂ ଓ ମହିଳା ହକିରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଛି। ହକି ଓ ତୀରନ୍ଦାଜୀ ଟିମ୍ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ୱର୍ଣ୍ଣ ପଦକ ଲାଗି ମୁକାବିଲା ହେବ। ତୀରନ୍ଦାଜ ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ କୁମ୍‌କୁମ୍ ଅନିଲ ବିନୋଦଙ୍କୁ ନେଇ ଗଠିତ ରିକର୍ଭ ଟିମ୍ ପ୍ରଥମଥର ଲାଗି ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଛି। ପୁରୁଷ କୁସ୍ତିରେ ମଧ୍ୟ ସୁଜିତ କାଲକଲ ସୁନ୍ଦର ପ୍ରତ୍ୟାବର୍ତ୍ତନ କରି ସ୍ୱର୍ଣ୍ଣପଦକ ଏକପ୍ରକାର ଛଡ଼ାଇ ଆଣିଥିଲେ। ବକ୍ସରମାନଙ୍କଠାରୁ ଆଜି ସ୍ୱର୍ଣ୍ଣ ପଦକ ଆଶା କରାଯାଉଥିଲା। ସେମାନଙ୍କ ମଧ୍ୟରୁ ଦୁଇ ମହିଳା ଲଭଲିନା ବୋରୋଗୋହାଁଇ ଓ ପରବିନ ହୁଡା ପ୍ରଥମେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପରେ ପୁରୁଷ ବିଭାଗରେ ଅଙ୍କୁଶଙ୍କୁ ଏହି ସଫଳତା ମିଳିଥିଲା। ଶୁକ୍ରବାର ପ୍ରତିଯୋଗିତାର ଶେଷ ଦିନରେ ଇତିହାସ ସୃଷ୍ଟି କରିଥିଲେ ମହିଳା ହକି ଦଳ। ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌କୁ ୧-୦ ଗୋଲରେ ହରାଇ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ଛଡ଼ାଇ ଆଣିଥିଲା। ୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣ ଜିତି ଯେପରି ଇତିହାସ ସୃଷ୍ଟି କରିଛି, ସେହିପରି ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ପୁରୁଷ ରିକର୍ଭ ଟିମ୍, ମିକ୍ସଡ ରିକର୍ଭ ଟିମ୍‌ଙ୍କୁ ରୌପ୍ୟ, ପୁରୁଷ ସିପକଟାକ୍ର ଓ ସେଲିଂରେ ନେତ୍ରା କୁମାନାନଙ୍କୁ କାଂସ୍ୟ ପଦକ ମିଳିଛି। ଏ ସବୁକୁ ମିଶାଇ ଭାରତ ୧୬ ସ୍ୱର୍ଣ୍ଣ, ୨୫ ରୌପ୍ୟ ଓ ୩୫ କାଂସ୍ୟ ସହ ୭୬ଟି ପଦକଜିତି ତାଲିକାର ୫ମ ସ୍ଥାନରେ ପହଞ୍ଚିଛି।

- ପ୍ରଥମ ସ୍ୱର୍ଣ୍ଣ ଜିତିଲେ ମହିଳା ରିକର୍ଭ ତୀରନ୍ଦାଜ
- ବକ୍ସିଂରେ ଲଭଲିନା, ପରବିନ ଓ ଅଙ୍କୁଶଙ୍କୁ ସ୍ୱର୍ଣ୍ଣ
- ରେସ୍‌ଲିଂରେ ଜବରଦସ୍ତ ପ୍ରତ୍ୟବର୍ତ୍ତନ କଲେ ସୁଜିତ୍
- ୪୪ ବର୍ଷ ପରେ ମହିଳା ହକି ଦଳକୁ ସ୍ୱର୍ଣ୍ଣ
- ଭାରତ-ପାକିସ୍ତାନ ମଧ୍ୟରେ କ୍ରିକେଟ ସ୍ୱର୍ଣ୍ଣ ମୁକାବିଲା




## ମହିଳା ହକି ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା

ମହିଳା ହକି ଦଳ ଆଜି ଚମକ ଦେଖାଇଛନ୍ତି। ବିଶ୍ୱମାନ୍ୟତାରେ ୮ମ ସ୍ଥାନରେ ଥିବା ଭାରତ ୧-୦ ଗୋଲରେ ଏସୀୟ ଚାମ୍ପିଅନ ଚୀନ୍‌କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ବିଜୟୀ ଦଳ ପକ୍ଷରୁ ୨୦୦ତମ ମ୍ୟାଚ୍ ଖେଳୁଥିବା ଲାଲରେମସିଆମି ଖେଳର ୧୦ମ ମିନିଟ୍‌ରେ ଏକ ଚମତ୍କାର ଗୋଲ ସ୍କୋର କରିଥିଲେ। ସେହିପରି ଚୀନ୍‌ର ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ମଧ୍ୟ ଗୋଲରକ୍ଷକ ତଥା ସବିତା ଅଟକାଇ ଦେଇଥିଲେ। ଫଳରେ ଭାରତ ଦୀର୍ଘ ୪୪ ବର୍ଷ ପରେ ମହିଳା ହକିରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଏହି ବିଜୟ ଫଳରେ ଭାରତ ଚୀନ୍‌ର ପ୍ରାଧାନ୍ୟକୁ ପ୍ରତିହତ କରିଛି। ଦ୍ୱିତୀୟଟି ହେଉଛି ୨୦୨୮ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବା।

### ହକି ଇଣ୍ଡିଆ ପକ୍ଷରୁ ଭିନ୍ନ ଭିନ୍ନ ପୁରସ୍କାର ରାଶି

ପ୍ରତୀକ୍ଷିତ ସ୍ୱର୍ଣ୍ଣ ବିଜୟ ସହ ଭାରତୀୟ ମହିଳା ହକି ଦଳ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଅବସରରେ 'ହକି ଇଣ୍ଡିଆ' ପକ୍ଷରୁ ଭାରତୀୟ ଦଳ ଲାଗି ପୁରସ୍କାର ରାଶି ଘୋଷଣା କରାଯାଇଛି। ତେବେ ହକି ସଂଘର ବିବାଦ ମଧ୍ୟରେ ଗୋଟିଏ ଦଳ ପାଇଁ ଦୁଇଟି ଭିନ୍ନ ଭିନ୍ନ ପୁରସ୍କାର ରାଶି ଘୋଷଣା କରାଯିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରଥମେ ହକି ଇଣ୍ଡିଆର ସମ୍ପାଦକ ଭୋଳାନାଥ ସିଂ ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୫.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ତେବେ ଏହାର କିଛି ସମୟ ପରେ ସଭାପତି ଦିଲୀପ ତିର୍କି ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୧୦ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କ ଲାଗି ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ।



## ରେସ୍‌ଲିଂରୁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ସୁଜିତ

ଭାରତୀୟ ବକ୍ସରମାନେ ଜୋରଦାର ସଫଳତା ପାଇବା ପରେ ରେସଲିଂରେ ପ୍ରଥମ ପଦକ ଜିତିଛନ୍ତି ସୁଜିତ କାଲକଲ। ମାନ୍ୟତାରେ ଆଗରେ ଥିଲେ ମଧ୍ୟ ସୁଜିତ ଲଢ଼େଇରେ ତାଜିକସ୍ତାନର ଅବ୍‌ଦୁଲମାହଜିଦ୍ କୁଦିଏଭଙ୍କଠାରୁ ପଛରେ ପଡ଼ିଯାଇଥିଲେ। କିନ୍ତୁ ଅଭିଜ୍ଞତା ଓ କୌଶଳ ବଳରେ ସୁଜିତ ଏହି ଲଢ଼େଇରେ ପ୍ରତ୍ୟାବର୍ତ୍ତନ କରି ୧୦-୯ରେ ମୁକାବିଲା ଜିତିନେଇଥିଲେ। ଚଳିତ ପ୍ରତିଯୋଗିତାରେ ଏହା କୁସ୍ତିରେ ଭାରତର ପ୍ରଥମ ପଦକ। ସମସ୍ତ ଏସିଆନ ଗେମ୍ସରେ ଏହା ମଧ୍ୟ ଭାରତର ତୃତୀୟ ସ୍ୱର୍ଣ୍ଣପଦକ। ପୁରୁଷ ୬୫ କିଲୋଗ୍ରାମ୍ ଶ୍ରେଣୀରେ ପୂର୍ବରୁ ୨୦୧୪ରେ ଯୋଗେଶ୍ୱର ଦତ୍ତ ଓ ୨୦୧୮ ରେ ବଜରଙ୍ଗ ପୁନିଆ ସ୍ୱର୍ଣ୍ଣପଦକ ଜିତିଥିଲେ। ଆସନ୍ତାକାଲି ଏକାଧିକ ରେସଲର ଲଢ଼େଇରେ ଅବତୀର୍ଣ୍ଣ ହେବେ। ଏଥିରୁ ଭାରତକୁ ଭଲ ପଦକ ମିଳିବ ବୋଲି ଆଶା କରାଯାଉଛି।

## ସିପକ୍‌ଟାକ୍ର ଟିମ୍ ଓ ନେତ୍ରାଙ୍କୁ କାଂସ୍ୟ

ପୁରୁଷ ସିପକଟାକ୍ର ଟିମ୍ ଏସିଆନ ଗେମ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛି। ଆଜି ଅନୁଷ୍ଠିତ ସେମିଫାଇନାଲ ଖେଳରେ ଜାପାନ ୨-୦ରେ ଭାରତକୁ ପରାସ୍ତ କରିବା ଫଳରେ ଏହି ପଦକ ମିଳିଛି। ପରାଜିତ ଭାରତ ସେମିଫାଇନାଲରୁ ବିଦାୟ ନେଇଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଏହି ପଦକ ପାଇବ।

ସେହିପରି ମହିଳା ଡିଙ୍ଗି ସେଲିଂରେ ନେତ୍ରା କୁମାନାନଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫାଇନାଲ ସିରିଜ୍ ରେସ୍‌ରେ ସେ ଷଷ୍ଠ ସ୍ଥାନରେ ରହିଥିଲେ। ଏହା ସତ୍ତ୍ୱେ ନେତ୍ରା ହଂକଂ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟସ୍ଥାନରେ ରହିଥିଲେ। ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା।

## ଉଦ୍‌ଯାପନୀ ଉତ୍ସବରେ ନୀରୁ ଧରିବେ ପତାକା

ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ୨୦ତମ ଏସିଆନ ଗେମ୍ସ ଅକ୍ଟୋବର ୪ ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାର ରବିବାର ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ସୁଟିଂରେ ୨ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ନୀରୁ ଧଣ୍ଡା ଜାତୀୟ ପତାକା ଧରିବେ ବୋଲି ଭାରତୀୟ ଅଲିମ୍ପିକ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି। ୨୭ ବର୍ଷୀୟା ନୀରୁ ୨ଟି ସ୍ୱର୍ଣ୍ଣ ସହ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଥିଲେ।

## ୧୦ ଥରର ଅଲିମ୍ପିକ୍ ଚାମ୍ପିଅନକୁ ହରାଇଲା ଭାରତ



ଆର୍ଚରୀ ବା ତୀରନ୍ଦାଜ ମହିଳା ରିକର୍ଭ ଟିମ୍ ଫାଇନାଲ ଲଢ଼େଇରେ ୧୦ଥରର ଅଲିମ୍ପିକ୍ ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ ଭାରତ ପ୍ରଥମଥର ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଏହି ବିଜୟରେ କର୍ଣ୍ଣଧାର ସାଜିଥିଲେ ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ କୁମ୍‌କୁମ୍ ଅନିଲ ମାହୋଦ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲ ଲଢ଼େଇରେ ଭାରତ ୫-୩ରେ ଦକ୍ଷିଣ କୋରିଆକୁ ହରାଇଦେଇଥିଲା। ଏହି ବିଜୟ ଫଳରେ ଏସିଆନ ଗେମ୍ସରେ ମହିଳା ରିକର୍ଭ ଟିମ୍ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲା। ଏତିକିରେ ପଦକ ବିଜୟ ଅଭିଯାନ ଶେଷ ହୋଇ ନ ଥିଲା। ମିକ୍ସଡ ରିକର୍ଭ ଟିମ୍‌ରେ କୁମ୍‌କୁମ୍ ଓ ଧୀରଜ ବୋମ୍ମାଦେବରା ଫାଇନାଲରେ ଚୀନ୍‌ଠାରୁ ୫-୩ ସେଟ୍‌ରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହି ସଫଳତା ମଧ୍ୟ ପୁରୁଷ ରିକର୍ଭ ଟିମ୍‌କୁ ମିଳିଥିଲା। ଧୀରଜ ବୋମ୍ମାଦେବରା, ଯଶଦୀପ ସଞ୍ଜୟ ଭୋଗେ ଓ ନୀରଜ ଚୋହାନ ଫାଇନାଲରେ ଭଲ ଖେଳି ପାରି ନ ଥିଲେ। ଫଳରେ ଦକ୍ଷିଣ କୋରିଆ ୫-୧ରେ ଭାରତୀୟ ପୁରୁଷ ରିକର୍ଭ ଟିମ୍‌କୁ ହରାଇ ସ୍ୱର୍ଣ୍ଣ ଜିତିନେଇଥିଲା।

## ଲଭ୍‌ଲିନା, ପରବିନ ଓ ଅଙ୍କୁଶଙ୍କ ଲାଗି ଭାରତ ଗର୍ବିତ



ଭାରତୀୟ ବକ୍ସରମାନେ ଆଜି ସୁନ୍ଦର ଲଢ଼େଇ ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହା ମଧ୍ୟରୁ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ବକ୍ସର ରହିଛନ୍ତି। ମହିଳା ୭୫ କିଲୋଗ୍ରାମ୍ ଶ୍ରେଣୀରେ ଲଭଲିନା ବୋରୋଗୋହାଁଇ ଚୀନ୍‌ର ବାଓ ଜିୟିଙ୍କୁ ୫-୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏସିଆନ ଗେମ୍ସ ଇତିହାସ ବକ୍ସିଂରେ ସ୍ୱର୍ଣ୍ଣପଦକ ଜିତିବାରେ ସେ ଥିଲେ ଭାରତର ଦ୍ୱିତୀୟ ବକ୍ସର। ଏହାର କିଛି ସମୟ ପରେ ମହିଳା ୬୫ କିଲୋଗ୍ରାମ୍ କାଟେଗୋରୀରେ ପରବିନ ହୁଡା ୩-୨ ସ୍ପ୍ଲିଟ୍ ନିଷ୍ପତ୍ତିରେ ଚାଇନିଜ୍ ତାଇପେର ଚେନ୍ ନିଏନ-ଚୀନ୍‌ଙ୍କୁ ପରାସ୍ତ କରି ଆଜି ବକ୍ସିଂରେ ଦ୍ୱିତୀୟ ସ୍ୱର୍ଣ୍ଣ କବ୍‌ଜା କରିଥିଲେ। ଏସିଆନ ଗେମ୍ସରେ ଏହା ନୂଆ କାଟେଗୋରୀ ଭାବେ ସାମିଲ ହୋଇଛି। ପୁରୁଷ ୮୦ କିଲୋଗ୍ରାମ୍ ଶ୍ରେଣୀରେ ଅଙ୍କୁଶ ୪-୦ରେ ଦକ୍ଷିଣ କୋରିଆର କିମ୍ ମିନସେଓଙ୍ଗ୍‌ଙ୍କୁ ପରାସ୍ତ କରି ଆଜି ବକ୍ସିଂରେ ତୃତୀୟ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

## ଆଜି ବ୍ରାଜିଲ ସହ ପ୍ରଥମ ମ୍ୟାଚ୍ ଖେଳିବ ଭାରତ



କୋଲକାତା, ୨।୧୦ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ବ୍ରାଜିଲ ଓ ଭାରତ ମଧ୍ୟରେ ଐତିହାସିକ ଫୁଟବଲ୍ ମ୍ୟାଚ୍ ଶନିବାର ଖେଳାଯିବ। କୋଲକାତାର ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ପ୍ରତୀକ୍ଷିତ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇଛି। ଫିଫା ମାନ୍ୟତାର ଷଷ୍ଠ ସ୍ଥାନରେ ରହିଥିବା ଶକ୍ତିଶାଳୀ ବ୍ରାଜିଲ ବିପକ୍ଷରେ ଭାରତର ଏହା ସର୍ବପ୍ରଥମ ମ୍ୟାଚ୍ ହେବ। ଅପରପକ୍ଷରେ ଭାରତ ବିଶ୍ୱ ର‌୍ୟାଙ୍କିଂରେ ୧୩୮ତମ ସ୍ଥାନରେ ରହିଛି। ତେଣୁ ଏହି ମ୍ୟାଚ୍ ନିଶ୍ଚିତ ଭାବରେ ଏକପାଖିଆ ରହିବ ବୋଲି ଆକଳନ କରାଯାଉଛି। କିନ୍ତୁ ନିକଟରେ ଫିଫା ବିଶ୍ୱକପ୍ ଖେଳିଥିବା ପାନାମା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ଭାରତ ୧-୧ ଗୋଲରେ ଡ୍ର ରଖିଥିଲା। ତେଣୁ ବ୍ରାଜିଲକୁ ମଧ୍ୟ ବ୍ଲୁ ଟାଇଗର ଟକ୍କର ଦେବ ବୋଲି ପ୍ରଶିକ୍ଷକ ଖାଲିଦ ଜମିଲ ଆଶା ବାନ୍ଧିଛନ୍ତି। ତେବେ ବ୍ରାଜିଲ ସୁପରଷ୍ଟାର ନେମାରଙ୍କ ଖେଳ ଦେଖିବାରୁ ଭାରତୀୟ ଫୁଟବଲପ୍ରେମୀ ତାଙ୍କ ଖେଳ ଦେଖିବାରୁ ବଞ୍ଚିତ ହେବେ। ଗତ ଫିଫା ବିଶ୍ୱକପରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ନେମାର ଫୁଟବଲକୁ ଅଲ୍‌ବିଦା କରିଥିଲେ। ତଥାପି ଭିନିସିୟସ ଜୁନିଅର, ଷ୍ଟ୍ରାଇକର ଏଣ୍ଡ୍ରିକ, ମିଡଫିଲ୍ଡର ବ୍ରୁନୋ ଗୁଇମାରେସଙ୍କ ଭଳି ବ୍ରାଜିଲ ତାରକାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**
**ସ୍ଥାନ: କୋଲକାତା**

## ଭୁବନେଶ୍ୱରରେ ଜି ଅଟମ୍ ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୧୦ (ସମିସ): ପ୍ରମୁଖ ରିଅଲ ଇଷ୍ଟେଟ୍ ଡେଭଲପର "ଗ୍ରୁପ୍ ଜି' ପକ୍ଷରୁ "ଜି ଅଟମ୍ ଲିଗ୍ ୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଲୋକଙ୍କୁ ସୁସ୍ଥ ଏବଂ କ୍ରୀଡ଼ାମୁଖୀ ଜୀବନଶୈଳୀ ଆପଣାଇବା ପାଇଁ ପ୍ରେରିତ କରିବା ଏହି ଲିଗର ମୁଖ୍ୟ ଉଦ୍ଦେଶ୍ୟ। ଏହି ଲିଗ୍‌ରେ କର୍ପୋରେଟ୍ ଟିମ୍, ସ୍ଥାନୀୟ ବାସିନ୍ଦା ଏବଂ ଖେଳାଳିମାନଙ୍କ ପାଇଁ ୪ଟି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ଯେଉଁଥିରେ ୨ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାପ୍ରେମୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଶୁକ୍ରବାର "ଜି କର୍ପୋରେଟ୍ ଟେବଲ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ' ସହିତ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହାପରେ ଅକ୍ଟୋବର ୩୦ ତାରିଖରୁ 'ଜି ପିକଲବଲ୍ ଟୁର୍ଣ୍ଣାମେଣ୍ଟ', ନଭେମ୍ବର ୧୫ରୁ 'ଜି ବକ୍ସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ' ଆରମ୍ଭ ହେବ। ନଭେମ୍ବର ୨୯ ତାରିଖରେ 'ଜି ରନ' ସହ ଏହି ଦୁଇମାସିଆ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହେବ। 'ଜି ରନ'ରେ ବଲିଉଡର ଲୋକପ୍ରିୟ ଅଭିନେତା ସୋନୁ ସୁଦ୍ ଅଂଶଗ୍ରହଣ କରିବେ ବୋଲି ଗ୍ରୁପ୍ ଜି'ର ଆଶିଷ ଗର୍ଗ କହିଛନ୍ତି।

## ଐତିହାସିକ ଦିବସ; ଆଜି ଦୁଇଟି ମ୍ୟାଚ୍ ଖେଳିବ ଭାରତ

ମୁଲ୍ଲାନପୁର, ୨।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ପାଇଁ ଶନିବାର ଏକ ସ୍ମରଣୀୟ ତଥା ଐତିହାସିକ ଦିନ ହେବାକୁଯାଉଛି। ଶନିବାର ଗୋଟିଏ ଦିନରେ ଭାରତୀୟ ସିନିଅର ଦଳ ଦୁଇଟି ଭିନ୍ନ ଦେଶ ବିପକ୍ଷରେ ମ୍ୟାଚ୍ ଖେଳିବ। ଜାପାନରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ କ୍ରିକେଟ୍ ଫାଇନାଲରେ ଭାରତ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ମ୍ୟାଚଟି ସକାଳ ୧୦ଟାରେ ଆରମ୍ଭ ହେବ। ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚରେ ବିଜୟୀ ହେଲେ କ୍ରମାଗତ ଦ୍ୱିତୀୟ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିବ। ସେହିଭଳି ଅପରାହ୍ଣରେ ପଞ୍ଜାବର ନ୍ୟୁ ଚଣ୍ଡିଗଡ଼ ଷ୍ଟାଡିୟମରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଅନ୍ୟ ଏକ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅନ୍ତିମ ତଥା ତୃତୀୟ ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ୮ ୱିକେଟରେ ବିଜୟୀ ହୋଇଥିବା ଘରୋଇ ଭାରତୀୟ ଦଳ ସିରିଜ କ୍ଲିନସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଭାରତୀୟ କ୍ରିକେଟ୍ ଇତିହାସରେ ଏହା ଦ୍ୱିତୀୟ ଘଟଣା ହେବ, ଯେତେବେଳେ ଗୋଟିଏ ଦିବସରେ ଦୁଇଟି ଭାରତୀୟ ଦଳ ଭିନ୍ନ ଭିନ୍ନ ଦେଶ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ। ଏଥିପୂର୍ବରୁ ୨୮ ବର୍ଷ ତଳେ ୧୯୯୮ ମସିହା ସେପ୍ଟେମ୍ବର ୧୨ ତାରିଖରେ ଏଭଳି ବିରଳ ଦ୍ୱୈତ ମ୍ୟାଚ୍ ଦେଖିବାକୁ ମିଳିଥିଲା। ସେହିଦିନ ଭାରତର ଏକ ଦଳ ଟରୋଣ୍ଟୋରେ ପାକିସ୍ତାନ ବିପକ୍ଷରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲା।

**ଭାରତ-ପାକିସ୍ତାନ: ସକାଳ ୧୦ଟା**
**ଭାରତ-ୱେଷ୍ଟଇଣ୍ଡିଜ: ଅପରାହ୍ଣ ୨ଟା**






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY